

୨୦୨୭ରେ
‘କ୍ରିସ୍-୪’
▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-78 ◆THURSDAY ◆11 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୭୮ ◆ଗୁରୁବାର ◆୧୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍‌ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା ‘ଜେନ୍ ଜେଡ୍’ ଆନ୍ଦୋଳନ ସରକାର ଭୁଶୁଡ଼ାଇବା ପରେ ତୃତୀୟ ଦିନରେ କ୍ରମଶଃ ଶିଥିଳ ହୋଇଛି। ତେବେ ହିଂସା ୩୦ ଜଣଙ୍କ ଜୀବନ ନେଇଛି। ୧୦୩୩ରୁ ଅଧିକ ଆହତ ହୋଇଛନ୍ତି। ହିଂସ୍ର ପ୍ରଦର୍ଶନ ଯୋଗୁଁ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ଅନ୍ତରୀଣ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଛି।

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ସିପିଏନ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ସ୍ତ୍ରୀକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆନ୍ଦୋଳନକାରୀ ତାଙ୍କ ଘର ଉପରେ ଆକ୍ରମଣ କରି ▶ପୃଷ୍ଠା-୭

**ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ**

**୩ ଦଶନ୍ଧି ଧରି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି**

**ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ପୋଡ଼ାଶବ ଉଦ୍ଧାର**

**ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ**

**ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର**

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ ଜୁନ୍ ୭ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ କରିଥିଲେ। ସେ ୧୯୭୯ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## କାଠମାଣ୍ଡୁରେ ଫସିଛନ୍ତି କେନ୍ଦ୍ରାପଡ଼ାର ଶତାଧିକ

**ଭାରତ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ**

■ ପଟ୍ଟାମୁଣ୍ଡାଇ, ୧୦।୯ (ସମିସ): ନେପାଳରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇ ଥିବାରୁ ସମ୍ପ୍ରତି ସେଠାକାର ଜାତୀୟ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ପରେ ସରକାରର ପତନ ହେବା ସଙ୍ଗେ ସଙ୍ଗେ ବିଦ୍ରୋହୀମାନଙ୍କ କବଜାରେ ରହିଛି ନେପାଳ। ଅନ୍ୟପକ୍ଷରେ ସରକାର ପତନ ହେବା କାରଣରୁ ଦେଶର ଦାୟିତ୍ୱ ସେନା ହାତକୁ ନେଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନେପାଳରେ ଫସିରହିଥିବା ଭାରତର ଲକ୍ଷାଧିକ ନାଗରିକଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ନେପାଳ କାଠମାଣ୍ଡୁରେ ରହି କାମ କରୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ଜୀବନଜୀବିକା ବିପନ୍ନ ହେବା ସହ ନେପାଳ ସେନା ଦେଶର ସୀମାକୁ ସିଲ୍ କରିଦେଇଥିବାରୁ ସେମାନଙ୍କର ଭାରତ ଫେରିବା ଆଶା ମଉଳିଯାଇଛି। ନିଜ ଦେଶକୁ ଫେରିପାରୁ ନ ଥିବାରୁ ସେମାନଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି।

ନେପାଳରେ ଫସିଥିବା ପଟ୍ଟାମୁଣ୍ଡାଇ ଲୋକମାନଙ୍କ ମଧ୍ୟରେ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଓ ଠିକାଦାର ଥିବା ଜଣାପଡ଼ିଛି। ଫସିଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ନେପାଳର କାଠମାଣ୍ଡୁରେ ଅବସ୍ଥାନ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପବିତ୍ର ପଣ୍ଡା(୪୬), ତାଙ୍କ ପତ୍ନୀ ତୁଳସୀ ପଣ୍ଡା (୪୨), ଝିଅ ପ୍ରିୟଙ୍କା ପଣ୍ଡା(୧୪), ସାଇରାମ ପଣ୍ଡା(୧୦) ପ୍ରମୁଖ ଆସନ୍ତା ୨୩ ତାରିଖରେ ଦୁର୍ଗାପୂଜା ପାଇଁ ଘରକୁ ଫେରିବାର ଥିଲା। କିନ୍ତୁ ସେମାନଙ୍କ ଆସିବା ବାଟ ଏବେ ବନ୍ଦ ହୋଇଯାଇଛି। ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ୮୭ ବର୍ଷର ବୃଦ୍ଧା ମାଆ କୁନ୍ତଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓଉପଦା ଅଞ୍ଚଳର ସ୍ୱର୍ଗତ ନରେନ୍ଦ୍ର କୁମାର କରଙ୍କ ପୁଅ ଅଜିତ କୁମାର କର କାଠମାଣ୍ଡୁ ▶ପୃଷ୍ଠା-୭

## ଅକ୍ଟୋବରରୁ ସାରା ଦେଶରେ ଏସ୍ଆଇଆର୍

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠା।।ରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଦେଶବ୍ୟାପୀ ଏସ୍ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏସ୍ଆଇଆର୍ ପାଇଁ ସେମାନେ ପ୍ରସ୍ତୁତ ବୋଲି କହିଥିଲେ। ନିର୍ବାଚନ କମିସନ ଏହି ପ୍ରସ୍ତୁତିର ସମୀକ୍ଷା କରିବା ସହିତ ବୁଥ ସ୍ତରରେ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କୁ ଆବଶ୍ୟକ ତାଲିମ ଦେବାପାଇଁ କହିଥିଲେ। ନିଜ ନିଜ ରାଜ୍ୟରେ ଥିବା ଭୋଟରଙ୍କ ସଂଖ୍ୟା, ତାଲିକାରେ ନୂଆ ▶ପୃଷ୍ଠା-୭

**ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ**

## ଶିଥିଳ ପଡ଼ିଲା ମନ୍ତ୍ରିମଣ୍ଡଳ ଚର୍ଚ୍ଚା

### ଠିକ୍ ସମୟରେ ନିଆଯିବ ନିଷ୍ପତ୍ତି: ମନମୋହନ

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ମନ୍ତ୍ରିମଣ୍ଡଳ ପୁନର୍ଗଠନକୁ ନେଇ ଚାଲିଥିବା ଚର୍ଚ୍ଚା ପୁଣିଥରେ ଶିଥିଳ ପଡ଼ିଛି। ଗତ କିଛିମାସ ହେଲା ଏକାଧିକବାର ଉଭୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏକ ସମୟରେ ଦିଲ୍ଲୀ ଗସ୍ତ ମନ୍ତ୍ରୀ ଆଶାୟୀଙ୍କ ମନରେ ସୃଷ୍ଟି କରିଥିବା ଆଶା ମଉଳି ଯାଇଛି। ପ୍ରାୟ ସପ୍ତାହେ ଧରି ଉତ୍ସାହିତ ଥିବା ମନ୍ତ୍ରୀ ଆଶାୟୀଙ୍କ ଆଶାରେ ପାଣି ଢାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି। ବୁଧବାର ଦିଲ୍ଲୀରୁ ଫେରିବା ପରେ ଶ୍ରୀ ସାମଲ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଠିକ୍ ସମୟରେ ହେବ ବୋଲି ଦେଇଥିବା ମନ୍ତବ୍ୟ ଅନେକଙ୍କୁ ନିରାଶ କରିଛି।

ମନମୋହନ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନେଇ କୌଣସି ଆଲୋଚନା ହୋଇନାହିଁ। ଏନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ▶ପୃଷ୍ଠା-୭

**ନିଗମ ଓ ବୋର୍ଡରେ ନିଯୁକ୍ତି ଆଶାୟୀଙ୍କ ଅସନ୍ତୋଷ ବଢୁଛି**

**ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ଉନ୍ନୟନ କାମ ବାଧାପ୍ରାପ୍ତ**

### ଅସହ୍ୟ ହେଲାଣି ଦରଦାମ୍ ବୃଦ୍ଧି

# ୩ ବର୍ଷରେ ୩୩% ବଢ଼ିଗଲାଣି ଘର ଖର୍ଚ୍ଚ

### ପରିବାର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ମଧ୍ୟବିତ୍ତ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ସାପ୍ତାହିକ ଖର୍ଚ୍ଚ ୫୨୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩୫୭୯ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ସାପ୍ତାହି ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୬୨୩ ଟଙ୍କାରେ ପହଞ୍ଚିଛି। ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

‘ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍’ ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ▶ପୃଷ୍ଠା-୭

**ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

**ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ**

**ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%**

## ପେଟ୍ରୋଲ ଢାଳି ନିଜକୁ ଜାଳିଦେଲେ

**୯୦ ପ୍ରତିଶତ ଦଗ୍ଧ**



■ ବ୍ରହ୍ମପୁର, ୧୦।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ମେଣ୍ଟୁଛକଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ଗୁରୁତର ଯୁବକଜଣଙ୍କ ହେଲେ, ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର ▶ପୃଷ୍ଠା-୭

### ମହଙ୍ଗା ପଡ଼ିଲା ଚାରିଚକିଆ ଗାଡ଼ି କିଣା ଓ ଧାନ ବିକ୍ରି ପଞ୍ଜୀକରଣ

## ସୁଭଦ୍ରାରୁ ୨ ଲକ୍ଷ ହିତାଧିକାରୀ ବାଦ୍

■ ଭୁବନେଶ୍ୱର, ୧୦।୯ (ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁ ପରିବାରରେ ଚାରିଚକିଆ ଗାଡ଼ି କିଣାଯାଇଛି, ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକରଦାତା ରହିଛନ୍ତି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର କରିଥିବା ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରେ ଦର୍ଶାଯାଇଛି ଯେ ମୃତ୍ୟୁ ଯୋଗୁଁ ୧୫,୯୮୪ଜଣ, ଚାରିଚକିଆ ଗାଡ଼ି କିଣିଥିବାରୁ ୩୬ ହଜାର ୭୦୨ଜଣ, ଆୟ କର ରିଟର୍ଣ୍ଣ ଦାଖଲ କରିଥିବା ୨୧ ହଜାର ୩୫ଜଣ ଏବଂ ଧାନ ବିକ୍ରି ପାଇଁ କୃଷକ ଭାବେ ପଞ୍ଜୀକରଣ କରିଥିବା ୧ ଲକ୍ଷ ୩୩ ହଜାର ୬୯୧ ଜଣ ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ତେବେ ସରକାରଙ୍କ ମୃତ୍ୟୁ ତାଲିକାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ମୃତ ଘୋଷଣା କରାଯାଇଛି, ସେମାନଙ୍କ ▶ପୃଷ୍ଠା-୭

**ମୃତ ଦର୍ଶାଇ ୧୮୦୫ ଜଣଙ୍କୁ କାଟିଦେଲେ**

## ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍ଆଇଭି

■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ ରକ୍ତଭଣ୍ଡାରରେ ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି (ଆଇଡି-ଏନ୍ଏଟି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ରକ୍ତର ଏଚ୍ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମଣର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍‌ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ**



**ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ**

ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି। ଏହି ପଦ୍ଧତିରେ ଏଚ୍ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସ ବି’ ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ, ଓଏସଏମସିଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ, ପୂର୍ବରୁ ବିଚାରାଧୀନ ▶ପୃଷ୍ଠା-୭

ସମ୍ପୂର୍ଣ୍ଣ
ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।
- ୧୮୯୫- ଭୂଦାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ।
- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କର ମୃତ୍ୟୁ ହୋଇଥିଲା।

## ୨୦୨୭ରେ 'କ୍ରିସ୍ ୪'



ହ୍ରିତିକ୍ ରୋଶନ ଚଳିତବର୍ଷ ବଲିଉଡ୍‌ରେ ୨୫ ବର୍ଷ ପୂରଣ କରିଛନ୍ତି। ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି। ରାକେଶ ରୋଶନଙ୍କ ବଦଳରେ ନିଜେ ଏଥିରେ ହ୍ରିତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି। ନିକଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ର କାହାଣୀ ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ। ବଜେଟ୍ ପାଇଁ ଆମେ ଚାପରେ ଅଛୁ। ଆମେ ଏକ ସୀମିତ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ। ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜ୍‌ର ଚତୁର୍ଥ ଫିଲ୍ମ ହେବ। ଏହାର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା(୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩) ରେ ଆସିଥିଲା। ହ୍ରିତିକ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିଥିଲେ। ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା। ଏହି କାରଣରୁ ହ୍ରିତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି।

## ଶ୍ରମିକଙ୍କ କାମ କରିବ ରୋବଟ୍

### ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି। ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି। ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଲୋକେ ବାହୁବଳି ରୋବଟ୍ କହୁଛନ୍ତି। କାରଣ ଏହା ୨୫୦ କେଜି ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚୀନ୍‌ର ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ବିକଶିତ କରିଛି। ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ। ଏହି ରୋବଟ୍‌ର ଏକ ଭିଡିଓ ଜାରି କରାଯାଇଛି। ତେବେ ଆଗାମୀ ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି। ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୭୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି। ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୭ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା। ଅବଶ୍ୟ ରୋବଟ୍‌ଟି କେବଳ ଶକ୍ତିଶାଳୀ ନୁହେଁ, ବରଂ ଏକାଧିକ କାର୍ଯ୍ୟ ମଧ୍ୟ କରିବାକୁ ସକ୍ଷମ। ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି। ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍। ଏହା ଜିନିଷ ଉଠାଇବା ସହ ପରୀକ୍ଷା କରିବା, ସ୍କାନିଂ କରିବା ସହିତ ଗୋଦାମରେ ମଧ୍ୟ କାମ କରିପାରିବ। କେବଳ ସେତିକି ନୁହେଁ, ଏହା ପୋଷାକ ସଫା କରିବା, ପିଲାଙ୍କ ପାଇଁ ରୋଷେଇ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତକତାର ସହ ରଖିଥାଏ। ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲଟ୍ରାସୋନିକ ସେନସର୍ ଲାଗିଛି। ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ଦୌଡ଼ାଦୌଡ଼ି କରିଥାଏ। ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ। ଏହି ରୋବଟ୍ ଏଆଇ ଇଞ୍ଜିନ୍‌ର ବ୍ୟବହାର କରିଥାଏ। ଯାହାକି ଏହାକୁ ନୂଆ କାମ ଶିଖିବାରେ ସାହାଯ୍ୟ କରେ। ଅନ୍ୟପଟେ ଏହାକୁ ଚୀନ୍‌ର କିଛି କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି।

## ବୟସ ୧୫, ଉଚ୍ଚତା ୭ ଫୁଟ

ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ବିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ। ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ଭବିଷ୍ୟତରେ ସେ ପୁଲିସ ଚାକିରିରେ ଯୋଗଦେବାକୁ ଆଶା ରଖିଛନ୍ତି। ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଥିବାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି। ସେହିପରି ହରିଓମ୍‌ଙ୍କ ବାପା ପୁଅର ଉଚ୍ଚତାକୁ ଦୃଷ୍ଟିରେ ରଖି ତାଙ୍କ ଘରକୁ ତିଆରି କରିଛନ୍ତି। ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତାକୁ ସାଢ଼େ ସାତଫୁଟ ରଖିଛନ୍ତି। ଯଦ୍ୱାରା ହରିଓମ୍ ଘର ମଧ୍ୟରେ ଆରାମରେ ଆତଯାତ କରିପାରିବେ। ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ବଢ଼ିବା ସହ ବଢ଼ି ଚାଲିଥିଲା। ଏହାକୁ ନେଇ ତାଙ୍କର କୌଣସି ସମସ୍ୟା ମଧ୍ୟ ହୋଉ ନ ଥିଲା। ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି। ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି।



## ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ



ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି। ପତି ପତ୍ନୀଙ୍କ ମଧ୍ୟରୁ ଜଣକର କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାକୁ ପ୍ରତି ମୁହୂର୍ତ୍ତରେ ଝୁରି ହେଉଥାଏ। ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି। ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଡେକ୍ସି ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ। ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଜେ ପିଲାଦିନର ବନ୍ଧୁ ଥିଲେ। ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେମାନଙ୍କର ପ୍ରେଷ୍ଟନ ନାମକ ୧୦ ବର୍ଷର ପୁଅ ଅଛି। ୫୫ ବର୍ଷ ବୟସରେ ଟିଜେଙ୍କର ଅଚାନକ ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୂରା ଭାଙ୍ଗି ପଡ଼ିଥିଲେ। ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଉଁଟି ରଖିବାକୁ ଇଚ୍ଛା କରିଥିଲେ। ଟିଜେଙ୍କ ଶରୀରରେ ୭୦ରୁ ଅଧିକ ଟାଟୁ ଥିଲା। ଏଞ୍ଜେଲିକା ଟିଜେଙ୍କ ହାତରେ ଥିବା ପିଟ୍‌ସବର୍ଗ ଷ୍ଟିଲର୍ସ ହେଲମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ। ଖପୁରୀ ଆକୃତିର ଏହି ଟାଟୁଟି ଟିଜେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା। ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ। ତେଣୁ ଅନ୍ତିମସଂସ୍କାର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ। ଏହାପରେ ଟିଜେଙ୍କର ସେହି ଅଂଶକୁ କଟାଯାଇ ସେଭ୍ ମାଇଁ ଇଙ୍କ୍ ଫରଏଭର ନାମକ କମ୍ପାନି ନିକଟକୁ ପଠାଇ ଦିଆଯାଇଥିଲା। ଏହି କମ୍ପାନି ଚର୍ମରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ। ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା। ଶେଷରେ କମ୍ପାନି ପକ୍ଷରୁ ଟିଜେଙ୍କ ଟାଟୁଟିକୁ କାଠ ଓ କାଚ ଯୁକ୍ତ ଫ୍ରେମରେ ବନ୍ଦ କରି ପଠାଯାଇଥିଲା। ଏହି ଫ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ। ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା। ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଜେଙ୍କୁ ମନେ ପକାନ୍ତି, ଏହି ଫ୍ରେମ୍‌କୁ ଆଲିଙ୍ଗନ କରନ୍ତି। ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ସେ ସିରିଏଲ୍ କିଲର୍‌ଙ୍କ ଭଳି କାମ କରିଥିବା କହିଛନ୍ତି।

## ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏବେ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି। ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନିକଟରେ ଇଜିପ୍ଟର ଜଣେ ୧୩ ବର୍ଷର ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା। ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା। ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ। ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବ୍ଲକ୍ ହେବା ଆଶଙ୍କା ଥାଏ। ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମ୍‌ରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ। ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ। ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ। କେବଳ ସେତିକି ନୁହେଁ ଏହା ହୃତ୍‌ପିଣ୍ଡ ଓ ବୃକକ୍ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିକି ଖାଇବା ଉଚିତ।



## ଗୁମ୍ଫାରେ ପାଠାଗାର

ଚୀନ୍‌ର ଗୁଆନ୍ସି ଅଞ୍ଚଳରେ ଥିବା ମିୟାଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି। ମେ ମାସରେ ଏହି ପାଠାଗାର ଖୋଲିବା ପରେ ଚୀନ୍ ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି। ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ଏହି ଲାଇବ୍ରେରୀ ଏକ ପାହାଡ଼ ଚଟ୍ଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁଜିମା ଭରି ରହିଛି। ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ। ଏହି ପାଠାଗାରକୁ ଚାଲି ଚାଲି ଯିବାକୁ ହୋଇଥାଏ। ସେହିପରି ପାଠାଗାରକୁ ଯିବା ନିମନ୍ତେ ଉଦ୍ଦିଷ୍ଟ କାଠ ନିର୍ମିତ ରାସ୍ତା ଓ ଝୁଲନ୍ତା ବାଲକୋନୀ ସଭିଙ୍କ ମନ ଜିଣିଥାଏ। ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ସଂଖ୍ୟକ ବହିକୁ ସଜାଇ ରଖାଯାଇଛି। ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ଏହି ସ୍ଥାନ ଉଭୟ ପୁସ୍ତକପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ସ୍ୱର୍ଗ ଭାବେ ଜଣାଯାଏ। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ମାନ ସମ୍ମାନ ବୃଦ୍ଧି ପାଇବ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ। କୌଣସି କଥାକୁ ନେଇ ମନ ଊଣା କରିପାରନ୍ତି।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ଦାନ ଧର୍ମ କରନ୍ତୁ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ହାତଗୋଡ଼ ବାନ୍ଧି ହତ୍ୟା କରି ଫିଙ୍ଗିଦେଲା

ରାମଚନ୍ଦ୍ରପୁର, ୧୦।୯(ସମିସ): ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ। ସ୍ୱାମୀଙ୍କଠାରୁ ଅଧିକ ବିଶ୍ୱାସ କରିଥିଲେ, ସେ ହିଁ ବଇରୀ ସାଜିଲା। ହତ୍ୟା କରି ହାତଗୋଡ଼ ବାନ୍ଧି ବୁଦାମୂଳକୁ ଫିଙ୍ଗିଦେଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଆଜି ଏପରି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତକୁ ଧରିଛି। ମୃତ ମହିଳା ହେଲେ, ଅଳତି





**ଅଭିଯୁକ୍ତ ଅଟକ, ପୁଲିସ ତନାଘନା ଜାରି**

ପଞ୍ଚାୟତ ଜନାର୍ଦ୍ଦନପୁର-ପାଟଣା ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତୀ ଦାସ (୫୦)। ଆଜି ଗାଁ ନିକଟ ଏକ ପରିତ୍ୟକ୍ତ ନାଳ ନିକଟ ବେଣାବୁଦା ମୂଳରୁ ପୁଲିସ ତାଙ୍କ ହାତଗୋଡ଼ବନ୍ଧା ଗଳିତ ଶବ ଜବତ କରିଛି। ସେ ୪ ଦିନ ହେଲା ନିଖୋଜ ଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ କୃପାସିନ୍ଧୁ ଦାସ(୫୨)କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ତାକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇବା ପରେ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ସୁକାନ୍ତୀଙ୍କ ସହ କୃପାସିନ୍ଧୁର ପ୍ରେମସଂପର୍କ ଥିଲା। କିନ୍ତୁ କୌଣସି କଥାକୁ ନେଇ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି, ସୁକାନ୍ତୀ ମାସେ ତଳେ କୃପାସିନ୍ଧୁ ବିରୋଧରେ ଥାନାରେ ଏତଲା ଦେବାରୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୭ ଦିନ ତଳେ ସେ ଜାମିନରେ ଆସିଥିଲା। ତେବେ ଗତ ରବିବାର ରାତିରୁ ହଠାତ୍ ସୁକାନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ପରିବାରଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଗାଁ ନାଳ ନିକଟରେ ଏକ କୋଦାଳ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସରଜମିନ ତଦନ୍ତ କରିଥିଲା। କିନ୍ତୁ ମହିଳାଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରିନଥିଲା। ଆଜି ଗାଁ ନିକଟ ସେହି ନାଳ କୂଳରେ ଥିବା ବେଣାବୁଦା ମୂଳରୁ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି କରିବାରୁ ସୁକାନ୍ତୀଙ୍କ ଗଳିତ ମୃତଦେହ ଠାବ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଦେଖିଥିଲା।

## ସ୍ତ୍ରୀ ଓ ପ୍ରେମିକକୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇଲେ

**ପରକୀୟା ପ୍ରୀତି ସନ୍ଦେହ**

ନିମାପଡ଼ା, ୧୦।୯(ସମିସ): ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀ ଓ ପ୍ରେମିକକୁ ନିର୍ଘୁମ୍ ମାଡ଼ ମାରିବା ସହ ଅର୍ଦ୍ଧ ଉଲଗ୍ନ କରି ଗାଁ ଦାଣ୍ଡରେ ଚଲାଇଲା ସ୍ୱାମୀ। ମଙ୍ଗଳବାର ରାତିରେ ନିମାପଡ଼ା ଏନ୍ଏସି ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏହାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅପରପକ୍ଷେ, ଏହି ଘଟଣାରେ ଆଜି ନିମାପଡ଼ା ପୁଲିସ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଅଭିଯୁକ୍ତ ସ୍ୱାମୀ କାକଟପୁର ଥାନା ଅଞ୍ଚଳର ଗିରିଧାରୀ ଖଟୁଆ ଓ ସହଯୋଗୀ ସୁବ୍ରତ ପଡ଼ିଆରୀ। ଗିରିଧାରୀ ଜଗତସିଂହପୁର ନାଉଗାଁ ଅଞ୍ଚଳର ଏକ ଘରୋଇ କଲେଜରେ ଅଧ୍ୟାପକ ଅଛନ୍ତି। ଆଜି ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ଗିରିଧାରୀଙ୍କ ପତ୍ନୀ ନିଆଳି ବ୍ଲକର ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେ ନିମାପଡ଼ା ଅମଲାପଡ଼ାଠାରେ ଭଡ଼ାଘର ନେଇ ରହୁଛନ୍ତି। ଗତ ରାତିରେ ସହଯୋଗୀ ସୁବ୍ରତଙ୍କ ସହ ସେ ପତ୍ନୀଙ୍କ ଭଡ଼ାଘରକୁ ଆସିଥିଲେ। ଏହି ସମୟରେ ତାଙ୍କ ଘରେ ଜଣେ ସ୍ଥାନୀୟ ଶିକ୍ଷକ ନେତା ଉପସ୍ଥିତ ଥିବାରୁ ଏ ସଂପର୍କରେ ସେ ପତ୍ନୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ, ଦୁହିଁଙ୍କ ମଧ୍ୟରେ ଅବୈଧ ସଂପର୍କ ଥିବା ଅଭିଯୋଗ କରି ଗିରିଧାରୀ ନିଜ ପତ୍ନୀ ଓ ଉକ୍ତ ଶିକ୍ଷକ ନେତାଙ୍କୁ ମାଡ଼ ମାରିଥିଲେ। ଏଥିରେ ସୁବ୍ରତ ବି ତାଙ୍କୁ ସହଯୋଗ କରିଥିଲେ। ପରେ ସେମାନେ ଦୁହିଁଙ୍କୁ



**ସ୍ୱାମୀ ଓ ସହଯୋଗୀ ଗିରଫ**

ଅର୍ଦ୍ଧଉଲଗ୍ନ କରିବା ସହ ମାଡ଼ମାରି, ବେକରେ ଫୁଲମାଳ ପକାଇ, ହାତବାନ୍ଧି ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ।

ଅପରପକ୍ଷେ, ସମ୍ପୃକ୍ତ ଶିକ୍ଷୟିତ୍ରୀଜଣଙ୍କ ତାଙ୍କ ସ୍ୱାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ଏକୁଟିଆ ଥିବା ବେଳେ ହଠାତ୍ ତାଙ୍କ ସ୍ୱାମୀ ଗିରିଧାରୀ ଓ ଶିକ୍ଷକଜଣଙ୍କ ଘରକୁ ଆସିଥିଲେ। ଶିକ୍ଷକଜଣଙ୍କ ଘର ଭିତରକୁ ପଶିବା କ୍ଷଣି ସ୍ୱାମୀ ଓ ତାଙ୍କ ସହ ଆସିଥିବା ଅନ୍ୟ ଜଣେ ସହଯୋଗୀ ସୁବ୍ରତ ପଡ଼ିଆରୀ ମିଶି ପତ୍ନୀ ଓ ଶିକ୍ଷକଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଲଗ୍ନ କରି ହାତବାନ୍ଧି ରାସ୍ତାରେ ଚଲାଇଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ସ୍ୱାମୀ ଗିରିଧାରୀ ଓ ତାଙ୍କ ସହଯୋଗୀ ସୁବ୍ରତଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚଳିତ ମାସରେ ନୂଆ ଅବକାରୀ ନୀତି

ଭୁବନେଶ୍ୱର, ୧୦।୯(ସମିସ): ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ଭିତରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦଶହରା ପୂର୍ବରୁ ନୂଆ ନୀତି ପ୍ରଣୟନ ପ୍ରକ୍ରିୟା ସରିବ। ଇତିମଧ୍ୟରେ ଅବକାରୀ ବିଭାଗର ପ୍ରତିନିଧି ଦଳ ଦୁଇ ରାଜ୍ୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ସେଠାରେ ପ୍ରଚଳିତ ଅବକାରୀ ନୀତି ଶ୍ରେଷ୍ଠ ଦିଗକୁ ପ୍ରତିନିଧିଦଳ ଅନୁଧ୍ୟାନ କରିଥିବା ବେଳେ ତାହା ନୂଆ ନୀତିରେ ବିନିଯୋଗ କରାଯାଇଛି। ନୂଆନୀତିରେ ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ।

ସେହିପରି ବର୍ତ୍ତମାନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରାଯାଇଛି। ଯେଉଁମାନେ ଚୋରା କାରବାରରେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆସନ୍ତା ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାର ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମାସେ ବ୍ୟାପୀ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିଇଓଙ୍କୁ ମିଳିବ ସରକାରୀ ଗାଡ଼ି

ଭୁବନେଶ୍ୱର, ୧୦।୯ (ସମିସ): ବିଦ୍ୟାଳୟ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ତୃଣମୂଳସ୍ତରରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏଣିକି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ବିଦ୍ୟାଳୟ ବୁଲିବେ। ଶିକ୍ଷାଦାନ ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଇଛି ଯେ ବିଇଓମାନଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେ କରୁଛନ୍ତି। ଏଣୁ କେତେ ସଂଖ୍ୟାରେ ଗାଡ଼ି ଆବଶ୍ୟକ ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତଦାରଖ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ।

**■ ଛେଣ୍ଡିପଦାରେ ଲଜ୍ଜା**

## ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ

ଛେଣ୍ଡିପଦା,୧୦।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ ପୁଣି ଲଜ୍ଜା। ଜଣେ ମୂକବଧିର ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ବୃଦ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଯୁବତୀ ଜଣକ ମୂକବଧିର ହୋଇଥିବାରୁ ତାଙ୍କ ଭାଷା ବୁଝି ପାରୁଥିବା ଜଣେ ଏକ୍ସପର୍ଟଙ୍କ ଦ୍ୱାରା ତାଙ୍କ ବୟାନ ରେକର୍ଡ କରିବା ସହ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ଛେଣ୍ଡିପଦା ଥାନା ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଘରେ ରୁହନ୍ତି। ଛେଳି ଚରାଇବାକୁ ଯାଇଥିବା ବେଳେ ଏକୁଟିଆ ପାଇ ଜଣେ ବୃଦ୍ଧ ତାଙ୍କୁ ଦୁଷ୍କର୍ମ କରିଥିଲେ। ପୀଡ଼ିତା ଜଣକ ଏବେ ୮ ମାସର ଗର୍ଭବତୀ ହେବା ପରେ ଘଟଣା ଲୋକଲୋଚନକୁ ଆସିଛି।

**ସିଂହଦ୍ୱାରରେ ଅଭାବନୀୟ ଦୃଶ୍ୟ**

## ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଯୁବକଙ୍କ ଜିଦ୍

ପୁରୀ, ୧୦।୯ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ କରିବା ପାଇଁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ସୂଚନାନୁଯାୟୀ, ଯୁବକଜଣଙ୍କ ହାତରେ ଏକ ବାଡ଼ି ଧରି ବାଇକ୍‌ରେ ଆସିଥିଲେ। ରାଧାବଲ୍ଲଭ ମଠ ବାହାରେ ଦୁଇ ଚକିଆ ଯାନ ପାର୍କିଂ କରିଥିଲେ। ଭୋର୍ ସମୟରେ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ଖୋଲିବା ପୂର୍ବରୁ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଜେଟିପି ତାଙ୍କୁ ଅଟକାଇବା ବେଳେ ଯୁବକଜଣଙ୍କ ଶୁଣି ନଥିଲେ। ଶେଷରେ ସୁରକ୍ଷାକର୍ମୀ ଓ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୦।୯(ସମିସ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮୦୦୦ ବରିଷ୍ଠ ନାଗରିକମାନଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।



**୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା, ବାରଣାସୀ ଯାତ୍ରା**

ଆଜି ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଂ, ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଅଯୋଧ୍ୟା– ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ୬ଟି ଜିଲ୍ଲାରୁ ୭୭୫ଜଣ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ପୁରୀରୁ ୧୨୭ ଜଣ, କଟକରୁ ୧୯୭ଜଣ, ଜଗତସିଂହପୁର ୮୫ଜଣ, କେନ୍ଦ୍ରାପଡ଼ାରୁ ୮୯ଜଣ, ଢେଙ୍କାନାଳରୁ ୧୦୮ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିବା ସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରି ପବିତ୍ର ଗଙ୍ଗା ଆରତୀ କରିବେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସଙ୍କ ସମେତ ବିଧାୟକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଥମ ଟ୍ରେନ ଯାତ୍ରା ପାଇଁ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଥିଲେ।

## ସେମି କଣ୍ଡକ୍ଟର କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଗୁରୁତ୍ୱ

**ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ବଜାର ସୁବିଧା ସୃଷ୍ଟି ପାଇଁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୦।୯(ସମିସ): ଆଗାମୀ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏଥି ପାଇଁ ଉପସ୍ଥାପିତ ହେବାକୁ ଥିବା ବିଭିନ୍ନ ବିଭାଗର ବିଲ ପାଇଁ ଆବଶ୍ୟକ ପ୍ରସ୍ତୁତି ନେଇ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ବିଭିନ୍ନ ସମୟରେ କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ସଂପୃକ୍ତ ବିଭାଗମାନେ ସ୍ଥିତି ଅନୁଧ୍ୟାନ କରିବା, ୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲି ଥିବା ଗ୍ରୁପ-ସି ପଦବୀ ପୂରଣ ଆଦି ସଂପର୍କରେ ଆବଶ୍ୟକ ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ ସେମି କଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାର ସୁଯୋଗ ନେବା, ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନକୁ ବୃଦ୍ଧି କରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ ସୂର୍ଯ୍ୟଘର ମୁଫତ ବିଜଳି ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ସେହିପରି ଓଡ଼ିଶାର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର କିପରି ଜାତୀୟ ଓ ବିଶ୍ୱ ସ୍ତରରେ ଗୁରୁତ୍ୱ ବଢ଼ିବ, ଏଏସଏମଇ ଉତ୍ପାଦ ପାଇଁ ବଜାର ସୃଷ୍ଟି, ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗ ସହିତ ଆବଶ୍ୟକ ସମନ୍ୱୟ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି, ପ୍ରୋତ୍ସାହନ, ରିଆତି ସୁବିଧା, ଭିତ୍ତିଭୂମି, ଗବେଷଣା ଓ ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଛନ୍ତି।

ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନରେ ସଦ୍ୟତମ ସ୍ଥିତି ଜାଣିବା ପାଇଁ ଆରମ୍ଭ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ ବୋର୍ଡ ଜରିଆରେ ତଦାରଖ ହେବାକୁ ଥିବା ଓଡ଼ିଶା ଲୋକସେବା ଅଧିକାରୀ ଅଧିନିୟମ (ଓଆରଟିପିଏସ୍‌ଏ), ଶିଳ୍ପ ପ୍ରକଳ୍ପ, ଭିତ୍ତିଭୂମି ପ୍ରକଳ୍ପ, ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଦର୍ଶନ ସୂଚକ (କେପିଆଇ) କାର୍ଯ୍ୟକାରିତା ନିମନ୍ତେ ଏହ ପୋର୍ଟାଲ କାର୍ଯ୍ୟ ପ୍ରସ୍ତୁତିରେ କେତେ ଅଗ୍ରଗତି ହୋଇଛି ତାହା ସମୀକ୍ଷା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଦେଓରଂଜନ କୁମାର ସିଂ, ସୁରେନ୍ଦ୍ର କୁମାର, ହେମନ୍ତ ଶର୍ମାଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

**■ ୪ କୋଟିର ସାଇବର୍ ଠକେଇ**

## ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର,୧୦।୯(ସମିସ): ପଶ୍ଚିମବଙ୍ଗରେ ଠକେଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିବା ଏକ ଠକକୁ ଉଠାଇନେଇଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିହର ମହାପାତ୍ର। ମିଳିଥିବା ସୂଚନା ଅନୁସାରେ, ହରିହର ଟ୍ରେଡିଂ କରିବା ପାଇଁ ବିଭିନ୍ନ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ସେହି ଆପରେ ଟଙ୍କା ବିନିଯୋଗ କରିଥିଲେ। ହେଲେ ଲାଭ କଥା ଦୂରରେ ଥାଉ, ମୂଳ ମଧ୍ୟ ମିଳିନଥିଲା। ଏହିପରି ଉପାୟରେ ହରିହର ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିଲା। ଏନେଇ ପଶ୍ଚିମବଙ୍ଗର ପ୍ରଗତି ମଇଦାନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ହରିହର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା ପଳାଇ ଆସିଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ଅଧିନସ୍ଥ ଏକ ତାରକା ହୋଟେଲରେ ଆସି ଆତ୍ମଗୋପନ କରିଥିଲା। ହରିହରକୁ ଧରିବାକୁ ପଶ୍ଚିମବଙ୍ଗ ପୁଲିସ କାଲିଠାରୁ ଭୁବନେଶ୍ୱରରେ ଡେରା ପକାଇଥିଲା। ଫୋନ୍ ଟ୍ରାକିଂ ଜରିଆରେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ତାରକା ହୋଟେଲରେ ଥିବା ଜାଣିବାକୁ ପାଇଥିଲା। ବୁଧବାର ଭୋରରୁ ଖଣ୍ଡଗିରି ଥାନା ପୁଲିସ ସହାୟତାରେ ଉକ୍ତ ତାରକା ହୋଟେଲରେ ଚଢ଼ଉ କରିଥିଲା। ସେଠାରୁ ହରିହରକୁ ଗିରଫ କରି ପଶ୍ଚିମବଙ୍ଗ ନେଇଛି।

**ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ**

## ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯(ସମିସ): ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା- ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଏପରି ପୋଷ୍ଟ କରି ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।



ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି, ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖଦୁର୍ଦ୍ଦଶା ଦେଇଥାଏ। ଆଜିର ଦିନରେ ଆଉ ଥରେ ସଂକଳ୍ପ ନେବା ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

**ଲା-ନିନା ସକ୍ରିୟ**

## ବଢୁଛି ବାତ୍ୟା ଭୟ

ଭୁବନେଶ୍ୱର, ୧୦।୯ (ସମିସ): ଆଉ ଦିନ କେଇଟା ପରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହେବ। ଏହି ସମୟରେ କିଛି କାରକ ଚଳିତ ବର୍ଷ ବାତ୍ୟା ଆଶଙ୍କା ସହ ବାତ୍ୟା ବାତାବରଣକୁ ଅନୁକୂଳ କରିଛି। ନେଗେଟିଭ୍ ଆଇଓଡି ଓ ଲା-ନିନା ସକ୍ରିୟ ରହିଲେ ବାତ୍ୟା ସୃଷ୍ଟି ନିମନ୍ତେ ପରିବେଶକୁ ଅନୁକୂଳ କରିଥାଏ। ସାମୁଦ୍ରିକ ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ରହିଲେ ଏହା ମଧ୍ୟ ବାତ୍ୟା ସୃଷ୍ଟି ସାଙ୍ଗକୁ ବାତ୍ୟାକୁ ଅଧିକ ଘନୀଭୂତ କରାଏ। ଚଳିତ ବର୍ଷ ଏହି ସବୁ ସ୍ଥିତି ଅନୁକୂଳ ରହୁଥିବାରୁ ବାତ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିଶ୍ୱ ପାଣିପାଗ ସଂସ୍ଥା ସହ ଅନେକ ପାଣିପାଗ ବିଜ୍ଞାନୀ ଭାରତର ପୂର୍ବ ଉପକୂଳ ଓ ବିଶେଷ କରି ଆନ୍ଧ୍ରରୁ ପଶ୍ଚିମବଙ୍ଗ ଅଞ୍ଚଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଯାହା ଓଡ଼ିଶା ପାଇଁ ଚିନ୍ତା ବଢ଼ାଇଛି ଓ ଅକ୍ଟୋବର ୧ରୁ ବାତ୍ୟା ଋତୁ ଓଡ଼ିଶା ପାଇଁ ବିପଦ ଆଣିପାରେ ବୋଲି କୁହାଯାଉଛି।

ସାଧାରଣତଃ ଜଳବାୟୁ ପ୍ରକ୍ରିୟା ଲା-ନିନା ପରିସ୍ଥିତି ସଂଘଠିତ ହେଲେ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ବା ବାତ୍ୟାକୁ ବଳ ଯୋଗାଇଥାଏ ଓ ଏହାର ତୀବ୍ରତାକୁ ବୃଦ୍ଧିରେ ସହାୟକ ହୋଇଥାଏ। ଜଳବାୟୁ ପ୍ରକ୍ରିୟା ଲା-ନିନା ପ୍ରଭାବରେ ଉଚ୍ଚ

**ପୂର୍ବରୁ ଲା-ନିନା ଆଣିଛି ଏକାଧିକ ବଡ଼ ବାତ୍ୟା**

**ଅକ୍ଟୋବରରୁ ଡିସେମ୍ବର ସ୍ଥିତି ସମ୍ବେଦନଶୀଳ**

ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ହେତୁ ପଶ୍ଚିମ ପ୍ରଶାନ୍ତ ମହାସାଗର ତଥା ଚାଇନା ସାଗର ଅଞ୍ଚଳରେ ସୃଷ୍ଟି ହେଉଥିବା ବାତ୍ୟାଗୁଡିକର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ପ୍ରବେଶ କରିଥାଏ। ଏହା ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ। ବିଶେଷ କରି ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ବଙ୍ଗୋପସାଗର ଅଞ୍ଚଳକୁ ପ୍ରବେଶ କରୁଥିବା ଅବଶିଷ୍ଟାଂଶ ଗୁଡ଼ିକ ମୁଖ୍ୟତଃ ଆଣ୍ଡାମାନ ସାଗର ଅଞ୍ଚଳରେ ପ୍ରବେଶ କରିଥାଏ। ଯେହେତୁ ଏହା ଏକ ଦ୍ୱୀପାଞ୍ଚଳ, ତେଣୁ ଏଠାରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଅଧିକ ରହିଥାଏ ଓ ବାତ୍ୟା ଏଠାରେ ମାଡ଼ ହେବା ପରେ ସାମୁଦ୍ରିକ ଆଭ୍ୟନ୍ତରୀଣ ତରଙ୍ଗ ସୃଷ୍ଟି କରିବା ସହ ଅଧିକ ଶକ୍ତିଶାଳୀ ହୋଇ ଆଗକୁ ବଢ଼ିଥାଏ।

ବିଶେଷକରି ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଉଚ୍ଚ ଆର୍ଦ୍ରତା, ବାୟୁପ୍ରବାହ ତାରତମ୍ୟ ଓ ଉଚ୍ଚ ସମୁଦ୍ରପୃଷ୍ଠ ତାପମାତ୍ରା ଆଦି ଯୋଗୁଁ ବାତ୍ୟାଗୁଡ଼ିକ ଶକ୍ତିଶାଳୀ ହୋଇଥାଏ। ଏହା ସହିତ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ପୂର୍ବରୁ ଲା-ନିନା ପ୍ରଭାବ ଯୋଗୁଁ ଓଡ଼ିଶା ୧୯୯୯ରେ ସୁପର ସାଇକ୍ଲୋନ ସମ୍ମୁଖୀନ ହୋଇଥିଲା। ସେହିପରି ୨୦୦୯ ଅଇଲା, ୨୦୧୮ ରତିତିଲି, ୨୦୨୧ରେ ଗୁଲାବ ଏବଂ ଜୱାଦ, ୨୦୨୨ର ଅସାନି ଭଳି ବାତ୍ୟା ଲା-ନିନା ସକ୍ରିୟ ରହିଥିବା ବର୍ଷରେ ସୃଷ୍ଟି ହୋଇଛି। ସେହିପରି ପ୍ରାକ୍ ମୌସୁମୀ ଋତୁରେ ଆସିଥିବା ବାତ୍ୟାଗୁଡ଼ିକ ମଧ୍ୟରୁ ୨୦୧୯ ରେ ଆସିଥିବା ଫନି, ୨୦୨୦ରେ ଅମ୍ପନ, ୨୦୨୧ର ୟସ ଭଳି ବାତ୍ୟା ମଧ୍ୟ ଲା-ନିନା ବର୍ଷରେ ସୃଷ୍ଟି ହୋଇଛି ଓ ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଗତ ୬୦ ବର୍ଷ ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରରେ ବାତ୍ୟା ସଂଖ୍ୟା ବଢ଼ି ଚାଲୁଥିବା ନେଇ ବିଭିନ୍ନ ରିପୋର୍ଟରେ ଦର୍ଶାଯାଇଛି। ଏହି ବାତ୍ୟାଗୁଡ଼ିକ ଉଭୟ ମୌସୁମୀ ପୂର୍ବବର୍ତ୍ତିକାଳୀନ ଓ ପରବର୍ତ୍ତିକାଳୀନ ସମୟରେ ସୃଷ୍ଟି ହେଉଛି। ସେହିପରି ଭୀଷଣ ବାତ୍ୟା କିମ୍ବା ଏହାଠାରୁ ଅଧିକ ଶକ୍ତିଶାଳୀ ହେଉଥିବା ବାତ୍ୟାଗୁଡ଼ିକ ସଂଖ୍ୟା ମୌସୁମୀ ପରବର୍ତ୍ତୀକାଳନୀ ସମୟରେ ବଙ୍ଗୋପସାଗରରେ ବୃଦ୍ଧି ପାଇଛି। ଏ ଦୃଷ୍ଟିରୁ ଆଗାମୀ ଅକ୍ଟୋବର ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ଏକ ସମ୍ବେଦନଶୀଳ ସମୟ ସୃଷ୍ଟି ପାଇଁ ଯାଉଥିବା ଆଶଙ୍କା ରହିଛି।

## ସୋଆ ଯୁବ ସାହିତ୍ୟ ପୁରସ୍କାର-୨୦୨୫ ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର,୧୦।୯(ସମିସ): ଓଡ଼ିଆ ସାହିତ୍ୟର ପ୍ରତିଶ୍ରୁତି ସମ୍ପନ୍ନ ଯୁବ ସାହିତ୍ୟିକଙ୍କୁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଚଳିତବର୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) 'ସୋଆ ଯୁବ ସାହିତ୍ୟ ପୁରସ୍କାର' ପ୍ରଦାନ ନିମନ୍ତେ ସିଦ୍ଧାନ୍ତ ନେଇଛି। ୪୦ ବର୍ଷ ବୟସ ସୀମା ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଥିବା ଲେଖକ ଲେଖିକାଙ୍କର କବିତା, କଥା ସାହିତ୍ୟ, ନାଟକ ଓ ସାହିତ୍ୟ ସମାଲୋଚନା ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ସ୍ୱତନ୍ତ୍ର ସୃଜନଶୀଳ କାର୍ଯ୍ୟକୁ ସମ୍ମାନିତ କରାଯିବ। ଏହି ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କାର ଅର୍ଥ ରାଶି, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯିବ। ଏଥିପାଇଁ ଗତ ୫ବର୍ଷ (୨୦୨୦ ଠାରୁ ୨୦୨୪) ମଧ୍ୟରେ ପ୍ରକାଶିତ ମୌଳିକ ଏବଂ ଶ୍ରେଷ୍ଠ ପୁସ୍ତକକୁ ବିଚାରକୁ ନିଆଯିବ। ଜାନୁଆରୀ ୧, ୨୦୨୫ ସୁଦ୍ଧା ଯେଉଁମାନଙ୍କ ବୟସ ୪୦ ବର୍ଷ ବା ତା' ଠାରୁ କମ୍ ସେମାନେ ଆବେଦନ କରିପାରିବେ। ସ୍ୱୟଂ ଲେଖକ ବା ପ୍ରକାଶକ ପୁସ୍ତକ ଦାଖଲ କରିପାରିବେ। ପୁସ୍ତକର ଦୁଇଟି ପ୍ରତିଲିପି ସହିତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଜନ୍ମ ତାରିଖର ସ୍ୱ-ସ୍ୱାକ୍ଷରିତ ପ୍ରମାଣପତ୍ର (ଆଧାର କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ବା ଭୋଟର ଆଇଡି) ସହ ପ୍ରକାଶକଙ୍କ ପକ୍ଷରୁ ପଠାଗଲେ ଲେଖକଙ୍କ ବୟସ ସ୍ଥିର କରିଥିବା ଶପଥପତ୍ର ଦେବା ଆବଶ୍ୟକ। ଏହି ପୁସ୍ତକ ଓ ପ୍ରସ୍ତାବନାଗୁଡ଼ିକ 'ପ୍ରଫେସର ଓ ମୁଖ୍ୟ, ପ୍ରାଚୀନ, ଜେ-୧୫, ଶିକ୍ଷା ଓ ଅନୁସନ୍ଧାନ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଓଡ଼ିଶା' ଠିକଣାରେ ଅକ୍ଟୋବର ୭, ୨୦୨୫ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ



ଶିକରପାଇ,୧୦।୯ (ସମିସ): ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ ହୋଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ଗ୍ରାମରେ ଦୀର୍ଘ ୨୩ ବର୍ଷ ଧରି ମା' ଗଜଲକ୍ଷ୍ମୀଙ୍କ ପୂଜା ଖୁବ୍ ଧୁମଧାମରେ ପାଳନ କରୁଥିବା କହିଥିଲେ କମିଟି ସଦସ୍ୟ। ପୂଜକ ସନ୍ତୋଷ ଦାସ ମା'ଙ୍କ ପୂଜା କରିବା ଦ୍ୱାରା ଅଞ୍ଚଳରେ କୃଷି ବାଣିଜ୍ୟ ବୃଦ୍ଧି ସହ ଶାନ୍ତିର ସହ ଅଞ୍ଚଳବାସୀ ରହିଥିବା ପ୍ରକାଶ କରିଥିଲେ। ଆଜି ମା' ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଗ୍ରାମଦେବୀଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ରୀତିନୀତି ଅନୁଯାୟୀ ପୂଜା କରିବା ସହ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଏ ବର୍ଷ କର୍ତ୍ତା ଭାବେ ପୃଥିବୀରାଜ ପାତ୍ରୁ ବସିବା ନେଇ କମିଟି ତରଫରୁ କୁହାଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାର ଆୟୋଜନ କରାଯିବ ବୋଲି କମିଟି ସଭାପତି ରାଜୀବ ନାୟକ କହିଥିଲେ।

## ସମୂହ ଚାରାରୋପଣ କାର୍ଯ୍ୟକ୍ରମ




ରାୟଗଡ଼ା,୧୦।୯ (ସମିସ): ମା'ଙ୍କ ନାମରେ ଗଛଟିଏ ଉଦ୍ଦେଶ୍ୟରେ ଚଳିତ ମାସ ୧୭ ତାରିଖରେ ହେବାକୁ ଥିବା ଏକ ଦିବସିୟ ସମୂହ ଚାରାରୋପଣ କାର୍ଯ୍ୟକ୍ରମ ସକାଶେ ରାୟଗଡ଼ା ବନାଞ୍ଚଳ ତରଫରୁ ରାୟଗଡ଼ା ବନାଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତ ଯଥା ଜିମିଡିପେଟା ,ହାଟ ଶେଷଖାଲ, ଡାଙ୍ଗଲୋଡି, ତାଡମା , ଗୁମ୍ମା ପଞ୍ଚାୟତକୁ ୫୦୦ ଲେଖାଏଁ ବିଭିନ୍ନ କିସମର ଚାରା ହଁସା କେନ୍ଦ୍ରୀୟ ନର୍ସରୀ ଓ ଲ‡। ଅସ୍ଥ ।ୟୀ ନର୍ସରୀରୁ ବଣ୍ଟନ କରାଯାଇଥିଲା। ଚଳିତ ମାସ ୧ ତାରିଖରୁ ୧୦ ତାରିଖ ମଧ୍ୟରେ ରାୟଗଡା ପଞ୍ଚାୟତ ସମିତିର ୨୭ ପଞ୍ଚାୟତ ଏବଂ କୋଲନରା ପଞ୍ଚାୟତସମିତିଅଧୀନରେଥିବା୧୨ପଞ୍ଚାୟତପିଛା୫୦୦ବିଭିନ୍ନକିସମରଚାରାରେଙ୍ଗାଲପାଡୁ ଅସ୍ଥାୟୀ ନର୍ସରୀ ହଁସା କେନ୍ଦ୍ରୀୟ ନର୍ସରୀ ଓ ଲଡ୍ଡା ଅସ୍ଥ ।ୟୀ ନର୍ସରୀରୁ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଚାରା ବଣ୍ଟନ ସହ ଜନ- ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାର ପ୍ରଧାନ, ଉପ ବନ ସଂରକ୍ଷକ , ରାୟଗଡା ବନଖଣ୍ଡ ସବୁଜ ପତାକା ଦେଖାଇ ସବୁଜ ରଥର ଶୁଭାରମ୍ଭ କରିଥିଲେ। କାମେଶ୍ୱର ଆଚାରୀ , ବନାଞ୍ଚଳ ଅଧିକାରୀ , ରାୟଗଡା ଏହାକ ପରିଚାଳନା କରିଥିଲେ।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା



### କୋରମ ଅଭାବରୁ ବୈଠକ ନୋହିଲା

ଉମରକୋଟ, ୧୦।୯ (ସମିସ): ଉମରକୋଟ ପୌର ଅଧ୍ୟକ୍ଷାଙ୍କ ପଦ ରହିଲା କାଏମ। ଅନାସ୍ଥା ପ୍ରସ୍ତାବ ଘଟଣାକୁ ନେଇ ଆଜି ପୌର କାର୍ଯ୍ୟାଳୟ ଠାରେ ଏକ ଆଲୋଚନା ପାଇଁ ସମସ୍ତ କାଉନସିଲର ଉପସ୍ଥିତ ରହିବା ପାଇଁ ନବରଙ୍ଗପୁର ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ ନିଷ୍କର୍ଷ ନ ବାହାରିଲେ ଭୋଟ ହେବାର ଥିଲା। କିନ୍ତୁ ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିବାରୁ ଭୋଟ କିମ୍ବା ଆଲୋଚନା ହୋଇ ପାରିଲା ନାହିଁ। ଆଜିର ଏହି ଆଲୋଚନାରେ ପୌର ପରିଷଦର ୧୪ କାଉନସିଲର ମଧ୍ୟରୁ ପୌର ଉପାଧ୍ୟକ୍ଷା ସୁଧାଂଶୁ ଦାସ, ବିଜେଡିର ନେତ୍ର ହରିଜନ, କଂଗ୍ରେସ ର ସାଇ ନାରାୟଣ ପାଢ଼ୀ ଉପସ୍ଥିତ ରହିଥିଲେ। ୧୦ଜଣ ବିଜେଡ଼ିର କାଉନସିଲର ଆଜି ବୈଠକରେ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିଜେଡିର ସରୋଜିନୀ ଶବର ଓ ବିଜେପିର କନକଲତା ନାୟକ ବୈଠକକୁ ଆସି ନଥିଲେ। ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତ୍ରା ଙ୍କ ବିରୁଦ୍ଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ଆଣି ପୌର ପରିଷଦର ୧୨ ବିଜେଡି, ଜଣେ କଂଗ୍ରେସ ଓ ବିଜେପି କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଅନ୍ୟପଟେ ୧୨ ଜଣ ବିଜେଡି କାଉନସିଲର ବିଜେଡିରେ ରହି ମଧ୍ୟ ନିଜ ଦଳର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ ବିଜେଡି ଅଧ୍ୟକ୍ଷାଙ୍କ ଚୌକି ବଞ୍ଚାଇବାକୁ ବିଜେଡ଼ିର ଆଗ ଧାଡ଼ିର ନେତା ଜୋର ସୋର ଉଦ୍ୟମ ଆରମ୍ଭ କରି ଗୁପ୍ତ ବୈଠକ ଆୟୋଜନ କରିଥିଲେ ଏବଂ ବୈଠକ କରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ନଦେବା ପାଇଁ ଅନୁରୋଧ କରିଥିଲେ। ବୈଠକର ଦୁଇଦିନ ପରେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ବିଜେଡିର ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇ ଥିଲା। ମୋଟ ୯ ଜଣ ବିଜେଡ଼ିର କାଉନସିଲର ମାନେ ଆଜି ବୈଠକ ରେ ଅନୁପସ୍ଥିତ ଥିଲେ। କିନ୍ତୁ ବିଜେଡ଼ିର ୨ କାଉନସିଲର ନେତ୍ର ହରିଜନ ଓ ସରୋଜିନୀ ଶବର ଯେଉଁ ମାନେ କି ସୁଧାଂଶୁ ଦାସଙ୍କ ସମର୍ଥକ ଭୁବନେଶ୍ୱର ନ ଯାଇ ସୁଧାଂଶୁ ଦାସଙ୍କ ସହ ରହି ଥିଲେ। ଆଜି ଆଲୋଚନାରେ ବିଜେଡିର ଅଧିକାଂଶ କାଉନସିଲର ଆସିନାହାନ୍ତି। ତେଣୁ ଅଧ୍ୟକ୍ଷାଙ୍କ ଚୌକି ବଞ୍ଚି ଯାଇଛି। କିନ୍ତୁ ଆଗାମୀ ଦିନରେ କିଛି କାଉନସିଲର ମିଶି ଯାହା ସବୁ ଦୁର୍ନୀତି ହୋଇଛି ତାହାର ପର୍ଦ୍ଦାଫାଶ କରିବୁ ବୋଲି କହିଛନ୍ତି କଂଗ୍ରେସ କାଉନସିଲର ସାଇ ନାରାୟଣ ପାଢ଼ୀ। ଅନ୍ୟପଟେ ଗଣେଶ ପୂଜା ପୂର୍ବରୁ ପେଟି କାମର ବିଲକୁ ନେଇ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଅନ୍ୟପଟେ ହାଇକୋର୍ଟରେ ଅନାସ୍ଥା ମାମଲା ବିଚାରାଧୀନ ରହିଥିବା ଯୋଗୁଁ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ରାଧା ଭତ୍ରା ଅଧ୍ୟକ୍ଷା ପଦରେ ରହିବେ ବୋଲି କହିଛନ୍ତି ଉପଜିଲ୍ଲାପାଳ ପ୍ରକାଶ ମିଶ୍ର।

# ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ

ତେନ୍ତୁଳିଖୁଣ୍ଟି,୧୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ପରିସରରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ପରିଷଦ ବୈଠକ ବ୍ଲକ ଅଧ୍ୟକ୍ଷା ନିଁଲେନ୍ଦ୍ରି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ,ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କଅଁର ପ୍ରମୁଖ ମଂଚାସୀନ ଥିଲେ। ବିଡିଓ ମନୋଜ କୁମାର ପାଣିଗ୍ରାହୀ ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ ଜନ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣେଇଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଧାକାନ୍ତ ରଣା ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଆଲୋଚନା ଆରମ୍ଭ ହୋଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପାନୀୟ ଜଳ,ମହିଳା ଓ ଶିଶୁ ବିକାଶ,କୃଷି,ଗ୍ରାମ୍ୟ ଉନ୍ନୟନ ତଥା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।ସରକାରୀ ନିୟମ ପ୍ରକାରେ ନିୟୋମିତ ବ୍ୟବଧାନରେ ସମିତି ବୈଠକର ଆୟୋଜନ କରିବା ନେଇ କୁକୁଡ଼ା ବାଇ ସମିତି ସଭ୍ୟ ଅଭିଯୋଗ କରିଥିଲେ। ବିନା ଡାକ୍ତର ରେ ପଣସ ପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲୁଛି। ଜଣେ ଭେଷଜକଙ୍କୁ ରୋଗୀ ସେବା ଦାୟିତ୍ୱ ଦିଆଯାଇଥିବା ବେଳେ ସେ ମଧ୍ୟ ଦିନେ ଠିକରେ ଦାୟିତ୍ୱ ନିର୍ବାହ କରୁନଥିବା ସରପଞ୍ଚ କିଶୋର ନାୟକ ଅଭିଯୋଗ କରିଛନ୍ତି। ଆଜିର ବୈଠକରେ ଯେଉଁ ବିଭାଗର ଅଧିକାରୀ ଉପସ୍ଥିତ ରହିନାହାନ୍ତି ଏବଂ ବୈଠକକୁ ବିଳମ୍ବରେ ଆସିଛନ୍ତି ସେମାନଙ୍କୁ ନୋଟିସ କରିବା ନେଇ ବିଧାୟକ ଶ୍ରୀ ମାଝି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଡାକ୍ତର ଓ ଷ୍ଟାଫ କ୍ୱାର୍ଟର୍ସର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଯୋଗୁଁ ଡାକ୍ତର ଓ ଷ୍ଟାଫ ମାନେ ନବରଙ୍ଗପୁରରେ ରହୁଥିବା ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା ଅଭିଯୋଗ କରିଥିଲେ। ଝରିଗୁମ୍ମା ଫଂଚାୟତ ର କଂସାରୀ ଗୁଡା,ଲାଢ଼ିଗୁଡା ଓ ମଙ୍ଗରଦୋରା ଗ୍ରାମକୁ ରାସ୍ତା ବ୍ୟବସ୍ଥା ନଥିବା ଯୋଗୁଁ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନି ଏବଂ ମଙ୍ଗରଦୋରା ପ୍ରାଥମିକ ବିଦ୍ୟାଳୟମଧ୍ୟାହ୍ନ ଭୋଜନ ସାମଗ୍ରୀ ବାବଦ ଅର୍ଥ ପ୍ରଦାନ କରାଯାଇନଥିବା ବେଳେ ୯୦ ହଜାର ଟଙ୍କା ମାଇନସ ରେ ଚାଲିଥିବା ସରପଞ୍ଚ ମନମୋହନ ଦଳପତି ଅଭିଯୋଗ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଶ୍ରୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ■ ବିବାହିତ ଯୁବକଙ୍କ ଆତ୍ମହତ୍ୟା

## ପୁଲିସକୁ ସୂଚନା ନ ଦେଇ ଶବକୁ ପୋଡିଦେଲେ

ଜୟପୁର,୧୦।୯ (ସମିସ): ଜୟପୁର ସଦରଥାନା ବିଜେ-୨ ଗ୍ରାମରେ ଜଣେ ବିବାହିତ ଯୁବକ ବେକରେ ଦଉଡ଼ି ଦେଇ ନିଜ ଗୃହରେ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ପରିବାର କିମ୍ବା ଗ୍ରାମବାସୀ ପୁଲିସକୁ ସୂଚନା ନ ଦେଇ ମୃତକଙ୍କ ଶବକୁ ଦାହ କରିଛନ୍ତି। ପୁଲିସ ସୂଚନା ପାଇବା ପରେ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ଏବଂ ଏତଲା ଦେବାକୁ କହିଥିଲେ । କିନ୍ତୁ ପରିବାର ପକ୍ଷରୁ ଏତଲା ଦେବାକୁ ଆଗ୍ରହ ପ୍ରକାଶ କରିନଥିଲେ କିମ୍ବା କାହା ବିରୋଧରେ ଅଭିଯୋଗ କରିନଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ଉକ୍ତ ବିବାହିତ ଯୁବକ ଗତ କିଛିଦିନ ପୂର୍ବରୁ ଜଣେ ନାବାଳିକା ଝିଅକୁ ଶାରରୀକ ନିର୍ଯାତନା ଦେବା ନେଇ ଅଭିଯୋଗ କ୍ରମେ ନିଜକୁ ଲଜ୍ଜା ଅନୁଭବ କରିଥିଲେ। ଗତକାଲି ପତ୍ନୀ ଏବଂ ପରିବାର ଲୋକ ମାନେ ଘରେ ନଥିବା ସୁଯୋଗ ନେଇ ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ।

### ● ଗ୍ରାମ୍ୟ ଉନ୍ନୟନ ବିଭଗର ଅବହେଳା

## ରାସ୍ତା ମରାମତି କଲେ ସରପଞ୍ଚ



ବୈପାରୀଗୁଡା, ୧୦।୯ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁଁ ଗାଁ ଗହଳି ଲୋକେ ହନ୍ତସନ୍ତ ହେଉଛନ୍ତି। ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପି ମାଳିଗୁଡା ଗାଁ ଲୋକେ କାଦୁଅ ରାସ୍ତାକୁ ନେଇ ହନ୍ତସନ୍ତ ହେଉଥିବା ବେଳେ ସ୍ଥାନୀୟ ସରପଞ୍ଚ ରାସ୍ତା ମରାମତି କଲେ। ସୂଚନା ଥାଉକି, ବୋଦାପୁଟ ଆରଡି ରୋଡ ଠାରୁ ପି ମାଳିଗୁଡା ପର୍ଯ୍ୟନ୍ତ ୩ କିଲୋମିଟର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୩ ବର୍ଷ ପୂର୍ବେ ୨,୨ ଲକ୍ଷ ଟଙ୍କା ବ୍ୟୟରେ ଏନବିସିସି ନାମକ ଏକ ଠିକା ସଂସ୍ଥା ନିର୍ମାଣ କରିଥିଲା। ହେଲେ ସେ ରାସ୍ତା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କାଦୁଅ ରାସ୍ତକୁ ନେଇ ଯାତାୟାତ ବାଧା ସୃଷ୍ଟି ହୋଇଛି । ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନି। ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ରୋକ୍ଷଣା ଦାଇତ୍ୱ ନିୟମ ଥିବା ବେଳେ କିନ୍ତୁ ଅଭିଯୋଗ ପରେ ମଧ୍ୟ ଜାଣି ଅଜଣା ଭଳି ରହିଛି ବିଭାଗ। ଶେଷରେ ଗାଁ ଲୋକ ସମସ୍ୟା କୁ ଦୃଷ୍ଟିରେ ରଖି ନିଜସ୍ୱ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ କରି ରାସ୍ତା ମରାମତି କଲେ ସରପଞ୍ଚ ଆର ରୋହିତ କୁମାର।

## ଯବାନଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

ମାଲକାନଗିରି, ୧୦।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ଯବାନଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛି। ସୂଚନା ଅନୁଯାୟୀ, କାଂକେର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ ମାଓ ଦମନ ଅଭିଯାନ ଜାରି ରହିଥିବା ବେଳେ ଜିଲ୍ଲାର ପ୍ରତାପୁର ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ଗୁଳି ବିନିମୟ ଘଟିଥିଲା। ତେବେ ଏହି ଗୁଳିବିନିମୟର ସାମ୍ନା କରି ନପରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିବା ବେଳେ ଘଟଣାସ୍ଥଳରେ ଜଣେ ମାଓବାଦୀର ମର ଶରୀର ଜବତ କରିବା ସହ ଗୋଟିଏ ୩୦୩ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ମୃତ ମାଓବାଦୀଙ୍କ ପରିଚୟ ମିଳି ନଥିବା ବେଳେ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି।

## ମଦ ଜବତ, ଜଣେ ଗିରଫ

ତେନ୍ତୁଳିଖୁଣ୍ଟି ୧୦।୯ (ସମିସ) ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲିପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭାଗିୟ କର୍ମଚାରୀ ଏବଂ ପାପଡ଼ାହାଣ୍ଡି ଅବକାରୀ ଥାନା କର୍ମଚାରୀ ମିଳିତ ଭାବରେ କୁସୁମୀ ଗ୍ରାମର ଆସାମୀ ଶଙ୍କର ବିଶୋଇଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଏହି ଚଢଉରେ ସୁଧାଂଶୁଶେଖର ବଘ୍ ଓ ଅକ୍ରମ ଖାନ ପ୍ରମୁଖ ସାମିଲ ଥିଲେ।

# ରାମାୟଣ କୁଇଜ୍ ପ୍ରତିଯୋଗିତା

ଜୟପୁର,୧୦।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସିୱା ଅନୁଷ୍ଠାନ ପକ୍ଷରୁ ଗତ ରବିବାର ପୂର୍ବାହ୍ନରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଠାରେ ସ୍ଥାନୀୟ ସିୱା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ କିଛି ଜାଣିବା କିଛି ଜଣେଇବା-ଜଣା ଅଜଣା କାର୍ଯ୍ୟକ୍ରମ ରାମାୟଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ତଥା ଉପଯୁକ୍ତ ମଣିଷ କରାଇବା ପାଇଁ ଚେଷ୍ଟା କରିବା, ବଡ଼ଙ୍କୁ ସମ୍ମାନ ଏବଂ ଛୋଟଙ୍କୁ ସ୍ନେହ, ମଣିଷ ପ୍ରତି ଭକ୍ତି, ପରିବେଶ ସହିତ ଶୃଙ୍ଖଳିତ ଜୀବନଯାପନ କରିବା ଭଳି ଏକ ନୂଆ ରୂପରେ କୁଇଜ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଧର୍ମ ବିଷୟରେ ଅବଗତ କରେଇବା ପାଇଁ ଏକ ପ୍ରୟାସ କରାଯାଇଥିଲା। ଏହି କୁଇଜରେ ସହରର ବିଭିନ୍ନ ବିଦ୍ୟାଳୟର ୧୮ଟି ବିଦ୍ୟାଳୟରୁ ସର୍ବମୋଟ ୧୫୭ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧା ଶିକ୍ଷକ ନଳନୀ ରଞ୍ଜନ ମିଶ୍ର ଯୋଗଦେଇ ଶ୍ରୀରାମଙ୍କର ଯାତ୍ରା, ରାମାୟଣର ବର୍ତ୍ତମାନ ଯୁଗରେ ଆବଶ୍ୟକତା ତଥା, ପ୍ରତ୍ୟେକ କର୍ତ୍ତବ୍ୟ ପରାୟଣ ହେବାର କଳା ଜାଣିବା ଦରକାର ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଭାଗବତ ଶିକ୍ଷା ପ୍ରଦାୟକ ଆଧ୍ୟାତ୍ମିକ ପାଠଶାଳାର ମୁଖ୍ୟ ପ୍ରବଚକ ଅରବିନ୍ଦ ମହାପାତ୍ର ଏବଂ ପ୍ରବଚିକା ସୋନାଲି ପତି, ବିଦ୍ୟାଳୟର ସମ୍ପାଦକ ଶଶି ଭୂଷଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ସୁଧାକର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ଛାତ୍ରଛାତ୍ରୀ ବିଭାଗରେ ଛାତ୍ରୀ ଅଭିପ୍ସା ପଟ୍ଟନାୟକ ପ୍ରଥମ, ସାହିଲ ପଟ୍ଟନାୟକ ଦ୍ୱିତୀୟ, ସୁଜିତ ସାହୁ ତୃତୀୟ ସ୍ଥାନ ରହିଥିଲେ। କନିଷ୍ଠ ବର୍ଗରେ ସ୍ୱାସ୍ତିକ ପ୍ରସାଦ ଦେବତା ପ୍ରଥମ, ସଚ୍ଚିତନ କୁମାର ଗନ୍ତାୟତ ଦ୍ୱିତୀୟ, ଏବଂ ସୁମିତ୍ରା ପଣ୍ଡା ତୃତୀୟ, ଅନ୍ୟନ୍ୟା ତ୍ରିପାଠୀ ୪ର୍ଥ ଏବଂ ଭି. ଭାଗ୍ୟଲକ୍ଷ୍ମୀ ୫ମ ସ୍ଥାନ ରହିବା ସହ ପୁରସ୍କୃତ କରାଯାଇଥିଲା। ସେହିପରି ୬ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କୁଇଜ ପ୍ରତିଯୋଗିତା ଲିଖିତ ଏବଂ ମୌଖିକ ଭାବେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆୟୋଜକ ସଂସ୍ଥାର ବରିଷ୍ଠ ସଦ୍ସ୍ୟ ଜି. ଭେଙ୍କଟ ରେ‡ ପରିଚାଳନା ଏବଂ ସହ ସମ୍ପାଦକ ସୌମ୍ୟ ରଞ୍ଜନ ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିପିକା ପତ୍ର, ଅଜୟ ମିଶ୍ର, ପ୍ରତାପ ପଟ୍ଟନାୟକ, ଗୋପାଳ ସାହୁ, ନଳନୀ ପାତ୍ର, ରଞ୍ଜିତ ନାୟକ ଏବଂ ଅନୁଷ୍ଠାନର ମହିଳା ବିଭାଗର ସଭାପତି ସୁମନ ମୁଦ୍ରକ୍ଷ, ଆନନ୍ଦ ମୁଦ୍ରକ୍ଷ, ପ୍ରଦୀପ୍ତ ସାହୁ ସହାୟତା କରିଥିଲେ।



## ଦୁଇ ଟ୍ରକ ମଧ୍ୟରେ ମୁହାଁ ମୁହିଁ ଧକ୍କା

ସେମିଲିଗୁଡା, ୧୦।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ଉପକଣ୍ଠ ବିପଦପୂର୍ଣ୍ଣ ଗେରୁଗାଡ଼ ଗଡ଼ାଣି ଠାରେ ମଧ୍ୟରାତ୍ରରେ ଦୁଇ ମାଲ ବୋଝେଇ ଟ୍ରକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ଦୁଇ ଟ୍ରକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମିଳିଗୁଡା ପୋଲିସ ଠାରୁ ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୧ ସମୟରେ ଗେରୁଗାଡ଼ ଗଡ଼ାଣି ଠାରେ ଟ୍ରକ ନଂ ସି ଜି ୦୪ ପି କେ ୭୫୪୪ ଛତିଶଗଡ଼ ରୁ ଚାଉଳ ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏ ପି ୩୯ ୟୁ ଜି ୫୪୮୮ କୋଇଲା ବୋଝେଇ ଟ୍ରକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା ଫଳରେ ଉଭୟ ଟ୍ରକ ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେବା ସହ ଛତିଶଗଡ଼ ଟ୍ରକ ଚାଳକ ଜଣଙ୍କ ଗାଡି ରେ ଚାପି ହୋଇ ରହିଯାଇଥିଲେ। ଦୁର୍ଘଟଣା ଯୋଗୁ ପ୍ରାୟ ୩ ଘଣ୍ଟା ଧରି ୧୬ ନମ୍ବର ଜାତୀୟ ରାଜପଥ ରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ଦିବ୍ୟାଙ୍ଗ, ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ତେନ୍ତୁଳିଖୁଣ୍ଟି.୧୦।୯ (ସମିସ): ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ୪୦ ଜଣ ଦିବ୍ୟାଙ୍ଗ ତଥା ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧାଙ୍କୁ ୩୫୦୦ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତ୍ତା ଭତ୍ତା ସାଙ୍ଗକୁ ନୂତନ ଯୋଗ୍ୟ ୨୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ୧୨ ଜଣ ଦିବ୍ୟାଙ୍ଗ ଏବଂ ୨୮ ଜଣ ବୃଦ୍ଧ ବୃଦ୍ଧାକୁ ମିଶାଇ ସର୍ବମୋଟ ୪୦ ଜଣଙ୍କୁ ୩୫୦୦ ଟଙ୍କା ଲେଖାଏଁ ବର୍ଦ୍ଧିତ ଭତ୍ତା ନିଜେ ସେମାନଙ୍କ ନିକଟରେ ପହଞ୍ଚି ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଅନ୍ୟ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ତେବେ ପରଜା ବାରଙ୍ଗ ପଦର ପଞ୍ଚାୟତ ସରପଞ୍ଚ ବନ୍ଦିତା ନାୟକଙ୍କୁ ଭତ୍ତା ଟଙ୍କା ବଣ୍ଟନ ବେଳେ ଅଣଦେଖା କରି ତାଙ୍କୁ ଭତ୍ତା ବଣ୍ଟନ ର ସାମିଲ କରାଯାଇନଥିବା ସେ ଅଭିଯୋଗ କରିଥିଲେ। ପୂର୍ବ ଅଧ୍ୟକ୍ଷାଙ୍କ ଅନାସ୍ଥାରେ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ ଦେଇନଥିବାରୁ ତାଙ୍କୁ ଏହିଭଳି ଅଣଦେଖା କରି ଅପମାନିତ କରାଯାଇଥିବା ସେ ଅଭିଯୋଗ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କ୍ଷୋଭ ପ୍ରକାଶ କରିଛନ୍ତି। ହିତାଧିକାରୀ ଚିହ୍ନଟ ଏବଂ ହିତାଧିକାରୀଙ୍କୁ ଭତ୍ତା ପାଇଁ ଡ଼ାକିବାରେ ସେ ସାମିଲ ହୋଇଥିବା ବେଳେ ଭତ୍ତା ବଣ୍ଟନରେ ତାଙ୍କୁ ସାମିଲ ନକରି ଜଣେ ମଧ୍ୟ ହିତାଧିକାରୀଙ୍କୁ ତାଙ୍କ ଦ୍ୱାରା ଭତ୍ତା ବଣ୍ଟନ ନ କରାଯିବା ଦୁଃଖଦାୟକ ବୋଲି ସେ କହିଛନ୍ତି। ତେବେ ବିଡିଓ ମନୋଜ କୁମାର ପାଣିଗ୍ରାହୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଲକ୍ଷ୍ମୀ ବସ୍ ଦୁର୍ଘଟଣାରେ ୧୨ ଯାତ୍ରୀ ଆହତ

ପଟ୍ଟାଙ୍ଗି,୧୦।୯ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଠାରୁ ତଳ ଗୋଲୁର ଯାଉଥିବା ଲକ୍ଷ୍ମୀ ବସ ଦୁର୍ଘଟଣା ଗସ୍ତ ହୋଇଛି। ଆମ୍ବାବିଲି ଘାଟି ଓହ୍ଲାଉଥିବା ସମୟରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସିଲା ବସ। ଉକ୍ତ ଦୁର୍ଘଟଣାରେ ପ୍ରାୟ ୧୨ ଜଣ ଯାତ୍ରୀ ଆହତ ହୋଇଥିବା ନେଇ ଜଣାପଡିଛି। ସୂଚନା ଅନୁଯାୟୀ ଆଜି ପଟ୍ଟାଙ୍ଗି ଠାରୁ ତଳ ଗୋଲୁର ଯାଉଥିବା ଲକ୍ଷ୍ମୀ ବସ୍ ପ୍ରାୟ ୪୫ ଜଣ ଯାତ୍ରୀ ଧରି ଯାଉଥିଲା।ପ୍ରାୟ ୪.୩୦ ସମୟରେ ଆମ୍ବାବିଲି ଘାଟି ଓହ୍ଲାଉଥିବା ସମୟରେ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡିଥିଲା। ଉକ୍ତ ଘଟଣା ନେଇ ସୂଚନା ପାଇବା ପରେ ନିକଟବର୍ତ୍ତୀ ଗ୍ରାମବାସୀ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ନିକଟ ଚିକାପାରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଉକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନଥିବା ଦେଖିବାକୁ ମିଳିଥିଲା। ଏହାପରେ ନିକଟରେ ରହିଥିବା ତୋଷାଲି ସିମେଣ୍ଟ କଳକାରଖାନା ଏବଂ ଭରତମାଳା ପରିଯୋଜନାର ଆମ୍ବୁଲାନ୍ସ ଡକାଯାଇ ପ୍ରାୟ ୧୬ ଜଣ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରାଯାଇଥିବା ନେଇ ଜଣାପଡିଛି। ଘଟଣା ନେଇ ସୂଚନା ପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ନେଇ ଜଣାପଡିଛି।

## କୋଟପାଡ଼ କଂଗ୍ରେସ ଦଳର ନୂଆଁଖାଇ ଭେଟ୍ଘାଟ



କୋଟପାଡ, ୧୦।୯ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ର କଲ୍ୟାଣ ମଣ୍ଡପଠାରେ କଂଗ୍ରେସ ଦଳର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ମୁନ୍ନା ଖାନ୍ଙ୍କ ଆହ୍ୱାନ କ୍ରମେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦିନକୁ ଦିନ ଦର ଦାମ ବଢୁଥିବା, ନାରୀ ନିର୍ଯାତନା ,ଚାଷୀ ମାରାଣ ନୀତି ,ତଥା ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି କଂଗ୍ରେସର ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ କଂଗେସ ସଭାପତି ଭକ୍ତ ଚରଣ ଦାସ ରାଜ୍ୟ କଂଗ୍ରେସକୁ ମଜଭୁତ କରିବା ଲାଗି ଉଦ୍ୟମ କରୁଥିବା କଂଗ୍ରେସ ମଧ ଏକଜୁଟ ହେବାକୁ ବୈଠକରେ ସ୍ଥିର କରାଯାଇଥିଲା। ଆଜିର ଏହି ବୈଠକରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଅନମୁ ଦିଆନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମନୋହର ବିଶୋଇ, ପୂର୍ବତନ ଟାଉନ୍ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ନାଥ ମହାପାତ୍ର, ସନ୍ତୋଷ ମିଶ୍ର, ମୋନୀ ପ୍ରସାଦ ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ଶଙ୍କର ରାଓ, ଶୋଦରଙ୍ଗା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ, ସମିତି ସଭ୍ୟ ତଥା ସୋଡରଙ୍ଗା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଯୋଗ ଦେଇ ନିଜ ନିଜର ଅଭିଭାଷଣ ଦେଇଥିବା ପ୍ରକାଶ।

# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ; ଉମରି ଦଳ ବିଜୟ



ନବରଙ୍ଗପୁର,୧୦।୯ (ସମିସ): ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଳକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ରାକେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏକ ସଂଘର୍ଷ ମୟ ଉଦ୍‌ଘାଟନୀ ମ୍ୟାଚରେ କୋରାପୁଟ ଜିଲ୍ଲା ଉମରି ଦଳ ନବରଙ୍ଗପୁର ଜିଲ୍ଲା ଗ୍ଲାଡ଼ିଏଟର ଏଫ୍ ସି ଦଳକୁ ୨-୦ ଗୋଲ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍ୟକ୍ତା ଅଶୋକ ପାତ୍ରଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସକାଶେ ଆୟୋଜନ କରିଥିବାରୁ ଜିଲ୍ଲାର ପ୍ରାକ୍ତନ କ୍ରୀଡାବିତ୍ ମାନେ ଶ୍ରୀ ପାତ୍ରଙ୍କ ଏହି ଅଭିନବ ପ୍ରୟାସ ପାଇଁ ସାଧୁବାଦ୍ ଜଣାଇ ଛନ୍ତି। ଆଜିର ଉଦଘାଟନୀ ମ୍ୟାଚରେ ରେଫରି ଭାବରେ ଲାଲୁ ହରିଜନ, ଲାଇନ୍ ରେଫେରି ଭାବରେ ଚନ୍ଦନ ଗରଡା, ବିଜୟ ନାୟକ ପରିଚାଳନା କରିଥିବା ବେଳେ ପ୍ରଥମ ଥର ପାଇଁ ମହିଳା ରେଫରୀ ଭାବରେ ରାଇଲା ଭତରା ଏବଂ ଆରତୀ ହରିଜନ ସହଯୋଗ କରିଥିଲେ। ଫୁଟବଲ୍ ଖେଳ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ଅନେକ ଦର୍ଶକ ଉପସ୍ଥିତ ଥିଲେ।

## ସିକ୍ରେଟ୍ ଚାମ୍ବର ଭିତରେ ଗଞ୍ଜେଇ

# ୮୧୦ କେଜି ଗଞ୍ଜେଇ ସହ ଟ୍ରକ୍ ଜବତ, ଚାଳକ ଗିରଫ

ନନ୍ଦପୁର,୧୦।୯ (ସମିସ): ପଡୁଆ ପୁଲିସକୁ ମିଳିଛି ବଡ଼ ସଫଳତା। ବଡ ଦେବତା ମନ୍ଦିର ଛକରେ ଏକ ଟ୍ରକ୍‌କୁ ଯାଞ୍ଚ ବେଳେ ସେଥିରୁ ୮୧୦ କେଜି ଗଞ୍ଜେଇ ମିଳିଛି। ଗାଡ଼ିରେ ଏକ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ଚାଲାଣ କରା ଯାଉଥିଲା। ବୁଧବାର ଦିନ ୧୨ଟା ୨୦ ମିନିଟ ସମୟରେ ଆନ୍ଧ୍ରପ୍ରଦେଶର ମୁଚିମପୁଟରୁ ହାଇଦ୍ରାବାଦକୁ ଗଞ୍ଜେଇ ବୋଝେଇ ଏକ ଟ୍ରକ୍ ପାଡୁଆ ବଡ଼ଦେବତା ଛକ ଦେଇ ଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଡୁଆ ପୁଲିସ ଏହି ସମୟରେ ବଡ଼ଦେବତା ଛକରେ ଗାଡ଼ି ଯାଞ୍ଚ କରିଥିଲା। ଟ୍ରକ୍‌ଟି ଦ୍ରୁତଗତିରେ ଯାଉଥିଲା। ପୁଲିସକୁ ଦେଖି ଚାଳକ ଦ୍ରୁତଗତିରେ ଗାଡ଼ିକୁ ନେଇ ପଳାଇବାକୁ ଉଦ୍ୟମ କରିଥିଲା। ଚାଟୁଆ ଆଡ଼କୁ ଗାଡି ମାଡ଼ି ପଳାଇଥିବା ବେଳେ ପଛ ପଟେ ପୁଲିସ ପିଛା କରି ପ୍ରାୟ ୧ କି.ମି. ଦୂରରେ ସିରସିମାଲ ଗାଁ ପାଖରେ ଏପି-



୨୯-ଟିଏ-୫୯୫୯ ନମ୍ବର ଏହି ଟ୍ରକ୍‌ଟିକୁ ଧରିଥିଲେ। ସେଠାରେ ଡ୍ରାଇଭର ଗାଡି ଛାଡ଼ି ଜଙ୍ଗଲ ଭିତରକୁ ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ହାତରେ ଧରାପଡିଥିଲା। ପଚରା ଉଚୁରା ବେଳେ ଡ୍ରାଇଭର ତାଙ୍କ ମାଲିକ ହାଇଦ୍ରାବାଦର ସୂର୍ଯ୍ୟ ସେପ୍ଟେମ୍ବର ୮ ତାରିଖରେ ମୁଚିମପୁଟକୁ ଗଞ୍ଜେଇ କିଣିବା ପାଇଁ ଆସିଥିବା ସ୍ୱୀକାର କରିଥିଲେ। ସେମାନେ ଜଙ୍ଗଲ ଅଞ୍ଚଳରୁ ଗଞ୍ଜେଇ କିଣି ସ୍ଥାନୀୟ ଶ୍ରମିକଙ୍କ ସାହାଯ୍ୟରେ ଟ୍ରକର ଗୁପ୍ତ ଚାମ୍ବର ଭିତରେ ଲୁଚାଇ ରଖିଥିଲେ। ପରେ ତାଙ୍କ ମାଲିକ ବ୍ୟକ୍ତିଗତ ଗାଡ଼ିରେ ହାଇଦ୍ରାବାଦ ଫେରିଯାଇଥିଲେ ଓ ଡ୍ରାଇଭରକୁ ଟ୍ରକ୍ ନେଇ ପଛରେ ଯିବାକୁ କହିଥିଲେ। ଟ୍ରକ୍‌ଟିର ଖାନ୍ ତଲାସୀ ବେଳେ ଗାଡି ଭିତରେ ସିକ୍ରେଟ୍ ଚାମ୍ବରରେ ଥିବା ଗଞ୍ଜେଇ ଦେଖି ପୁଲିସ ଚକିତ ହୋଇଥିଲେ। ପୁଲିସ ଏସଆଇ ହିମାଂଶୁ ଶେଖର ବେନିଆ ନେତୃତ୍ୱରେ ଯାଇଥିବା ପୁଲିସ ଦଳ ଗାଡି ଭିତରୁ ଗଞ୍ଜେଇ ପ୍ୟାକେଟ ୪୦୫ଟି ଜବତ କରିଥିଲେ। ଛୋଟ ଛୋଟ ୨ କିଲୋଗ୍ରାମ ବିଶିଷ୍ଟ ପ୍ୟାକେଟରେ ଗଞ୍ଜେଇ ଯାଉଥିଲା। ପୁଲି. ମାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ସମ୍ମୁଖରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଘଟଣା ସ୍ଥଳରେ ଡ୍ରାଇଭର ଗିରଫ ହୋଇଥିବା ବେଳେ ଅନ୍ୟ ସହଯୋଗୀ ଓ ମାଲିକ ଖୁବ୍‌ଶୀଘ୍ର ପୋଲିସ ହାତରେ ଧରାପଡି ବୋଲି ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି।

**● ରାଜ୍ୟପାଳଙ୍କ ମାଲକାନଗିରି ଗସ୍ତ**

# ରକ୍ତହୀନତା ଓ ଦୃଷ୍ଟିଜନିତ ସମସ୍ୟା ଦୂରୀକରଣ ଦିଗରେ ରାଜ୍ୟପାଳ ଅଭିନବ ପ୍ରୟାସ

ମାଲକାନଗିରି, ୧୦।୯ (ସମିସ): ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟି ଦିନିକିଆ ମାଲକାନଗିରି ଗସ୍ତରେ ଆସି ମୁଦୁଲିପଡ଼ା ସ୍ଥିତ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଦେଖା ଯାଉଥିବା ରକ୍ତହୀନତା ଓ ଦୃଷ୍ଟିଜନିତ ସମସ୍ୟା ଉପରେ ସଚେତନ କରିଛନ୍ତି ରାଜ୍ୟପାଳ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ପାଇଁ ୧୨ ଗୋଟି ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର (ଫୋଲ୍ଡିଙ୍ଗ ଓରପ୍ଟର) ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଏଲଭିଆଇ ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗ ସହଯୋଗରେ ଏହାକୁ ପ୍ରଦାନ କରାଯାଇଛି। ତତ୍ ସହିତ ୫୦ ଜଣ ଶିକ୍ଷକଙ୍କୁ ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର (ଫୋଲ୍ଡିଙ୍ଗ ଓରପ୍ଟର)ର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଇଛି। ଆଜି ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କ୍ୟାମ୍ପ କରାଯାଇ ଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେହିପରି ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ମାନଙ୍କୁ ରକ୍ତହୀନତା (ଏନେମିଆ) ଉପରେ ସଚେତନ କରାଯାଇଛି। ରାଜଭବନ ପକ୍ଷରୁ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ମାନଙ୍କୁ ଦୁଇ ମାସ ପର୍ଯ୍ୟନ୍ତ ବିଟ୍, ଗାଜର ଓ ବାଦାମ ଲଡୁ ( ଚିକି) ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉ କି ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ରାଜ୍ୟପାଳ ଏହି ବିଦ୍ୟାଳୟରେ ଆରମ୍ଭ କରିଛନ୍ତି ଏବଂ



ଏହାର ସମସ୍ତ ଖର୍ଚ୍ଚ ରାଜ ଭବନ ପକ୍ଷରୁ ବହନ କରାଯିବ। ଆଜି ରାଜ୍ୟପାଳଙ୍କ ଉପସ୍ଥିତିରେ ଛାତ୍ରୀ ମାନେ ଗାଜର ଓ ବିଟ୍ ଜୁସ୍ ପିଇବା ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଖାଇଛନ୍ତି। ପ୍ରତ୍ୟେକ ଦିନ ସକାଳ ନଅଟାରେ ଛାତ୍ରୀ ମାନଙ୍କୁ ଗୋଟିଏ ଗ୍ଲାସ୍ ଗାଜର ଓ ବିଟ୍ ଜୁସ୍ ସହ ଗୋଟିଏ ଲେଖାଏ ବାଦାମ ଲଡୁ (ଚିକି) ଦିଆଯିବ। ଏହି ସ୍ୱତନ୍ତ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କମିଶନର ତଥା ସଚିବ ରୂପା ରୋଶନ ସାହୁ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ।

**● ପୁଣି ଜନନୀ ଯନ୍ତ୍ରଣା**

# ରାସ୍ତାରେ ଛୁଆ ଜନ୍ମକଲେ ମହିଳା



କଲ୍ୟାଣସିଂହପୁର,୧୦।୯ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ପଞ୍ଚାୟତର ଚାଞ୍ଚଡାସାହିକୁ ଯିବାପାଇଁ ରାସ୍ତା ନଥିବାରୁ ଆଜି ଅଭାବନୀୟ ଘଟଣା ଘଟିଛି। ବ୍ଲକ ସଦର ଚାଞ୍ଚଡା ସାହିରେ ଜଣେ ଗର୍ଭବତୀ ମହିଳା ଗର୍ଭ ଯନ୍ତ୍ରଣାରେ ଛଟପଟ ହେବାରୁ ଆମ୍ବୁଲାନ୍ସକୁ ଫୋନ କରି ଡ଼କା ହୋଇଥିଲା। କିନ୍ତୁ ଆମ୍ବୁଲାନ୍ସ ଆସିଥିଲେ ମଧ ରାସ୍ତା ନଥିବାରୁ ସାହିକୁ ଯାଇ ପାରିଲା ନାହିଁ। ସାହିରୁ ସ୍ୱାମୀ ସୁନୀଲ ପ୍ରସ୍କାଙ୍କ ପତ୍ନୀ ବିନିତା ପ୍ରସ୍କାକୁ ନେଇ ଯାଆ ବାଙ୍ଗାରି ପ୍ରସ୍କା ଓ ଆଶାକର୍ମୀ ନବିନା ଦୀପ ଚାଲିଚାଲି ଆମ୍ବୁଲାନ୍ସ ନିକଟକୁ ଆସୁଥିବା ବେଳେ ବାଟରେ ଶିଶୁ କନ୍ୟା ଜନ୍ମ କରିଥିଲେ। ପରେ ଆଶାକର୍ମୀ ନବୀନ ଦୀପ ଓ ପରିବାର ଲୋକ ଆମ୍ବୁଲାନ୍ସ ନିକଟକୁ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରିଥିଲେ। ଉଭୟ ମାଆ ଓ ଶିଶୁ ଭଲଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି।

# ଏନ୍‌ଏସ୍‌ଏସ୍‌ର ଅଭିମୁଖୀକରଣ କାର୍ଯ୍ୟକ୍ରମ

ନାରାୟଣପାଟଣା,୧୦।୯ (ସମିସ): ସ୍ଥାନୀୟ ରାଧାକୃଷ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଏକ ଅଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସୁଧିର କୁମାର ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡଃ ତ୍ରିବେଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ତଥା ଅର୍ଥନୀତି ଅଧାପକ ସୁଶାନ୍ତ କୁମାର ପରିଡା ଓ ଇଂରାଜୀ ଅଧାପକ ପ୍ରଜାରଞ୍ଜନ ମିଶ୍ର ଆର୍‌ପି. ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। 'ସ୍ୱଛତା ହିଁ ସେବା" ଶିର୍ଷକ ଆଲୋଚନା ମାଧମରେ ସ୍ୱେଚ୍ଛାସେବୀଙ୍କୁ ନିସ୍ୱାର୍ଥପର ଏବଂ ନିରନ୍ତର ସେବା କରିବାର ମନ୍ତ୍ର ଦେଇଥିଲେ। ଡଃ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ରଜତ କୁମାର ହିଆଲ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁ ସାଥି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ

କୋରାପୁଟ,୧୦।୯ (ସମିସ): ଗାଁ ସାଥି(ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗାଁ ସାଥି(ମେଟ) ମାନଙ୍କ କହିବା ଅନୁଯାୟୀ ଗତ ଜୁଲାଇ ମାସ ୩୧ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗଙ୍କ ଦ୍ୱାରା ପ୍ରତ୍ୟେକ ବ୍ଲକରେ କେତେ ଜଣ ଗାଁ ସାଥି(ମେଟ) କାର୍ଯ୍ୟ କରୁଛନ୍ତି, ତାର ତଥ୍ୟ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଚିଠି କରାଯାଇଛି। କିନ୍ତୁ ଜିଲ୍ଲା ପ୍ରଶାସନ ତରଫରୁ ଗାଁ ସାଥି(ମେଟ) ମାନଙ୍କ ତଥ୍ୟ ପ୍ରଦାନ କରା ଯାଉ ନାହିଁ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପଚାରିଲେ ସେ କହୁଛନ୍ତି ବିଡ଼ିଓ ମାନଙ୍କୁ ଚିଠି ଦିଆଯାଇଛି। ବ୍ଲକରେ ବିଡ଼ିଓଙ୍କୁ ପଚାରିଲେ ସେମାନେ କହୁଛନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସେମିତି କିଛି ଚିଠି ଆସିନାହିଁ। ଯାହାକୁ ନେଇ ଗାଁ ସାଥି(ମେଟ) ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଭିତରେ ସମନ୍ୱୟ ଅଭାବରୁ ଗାଁ ସାଥି (ମେଟ) ମାନଙ୍କ ତଥ୍ୟ ସରକାରଙ୍କ ପାଖକୁ ଯାଇ ପାରୁନାହିଁ ବୋଲି କହିଛନ୍ତି।



ସରକାରଙ୍କ ପାଖରେ ଗାଁ ସାଥି(ମେଟ) ମାନଙ୍କ ତଥ୍ୟ ନ ଥିବା ଯୋଗୁ ସେମାନେ ନା ନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗାଁ ସାଥି(ମେଟ) ମାନଙ୍କ ତଥ୍ୟ ନ ଥିବା ଯୋଗୁ କିଛି ଅସାଧୁ ଠିକାଦାର ଏହାର ଫାଇଦା ଉଠାଉଛନ୍ତି। ଜିଲ୍ଲାର ୧୪ ଗୋଟି ବ୍ଲକରେ ୩ ହଜାର ଗାଁ ସାଥି(ମେଟ) ରହିଛନ୍ତି। ଯଦି ଆଗାମୀ ୭ଦିନ ଭିତରେ ଜିଲ୍ଲା ପ୍ରଶାସନ ଗାଁ ସାଥି(ମେଟ) ମାନଙ୍କ ତଥ୍ୟ ପ୍ରଦାନ ନ କରେ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଗାଁ ସାଥି(ମେଟ) ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଜିଲ୍ଲା ସଭାପତି ମଙ୍ଗଳ ସାଇ ଭତରା, ସମ୍ପାଦକ ଅମର ହନ୍ତାଳ, ଉପ ସଭାପତି ସୁଶାନ୍ତ ନୀଲ କମଲ, ସହ ସମ୍ପାଦକ ନରସିଂହ ନାୟକ, କୃଷ୍ଣଚନ୍ଦ୍ର ଗୁଣ୍ଠା, ରବି ଗାଦବାଙ୍କ ସମେତ ଗାଁ ସାଥି(ମେଟ) ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନୂତନ ରାଜସ୍ୱ କାର୍ଯ୍ୟାଳୟର ଶୁଭ ଦେଲେ ବିଧାୟକ



ସେମିଳିଗୁଡ଼ା,୧୦।୯ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ତହସିଲ ଅଧିନରେ ଥିବା ଦୁଧାରୀ ଗ୍ରାମ ପଞ୍ଚାୟତରେ ନୂତନ ରାଜସ୍ୱ କାର୍ଯ୍ୟାଳୟର ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଶୁଭ ଦେଇଛନ୍ତି। ପୂର୍ବରୁ ଦୁଧାରି ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିଲା। ସେଥିରୁ ଦୁଧାରୀ, ଉପରକାଣ୍ଟି, ମାତାଲପୁଟ, ପାକୁଝୋଲା, ମରିଛମାଲ, ଦଳେଇଗୁଡ଼ା ପଞ୍ଚାୟତବାସୀ ନିଜସ୍ୱ ପ୍ରମାଣ ପତ୍ର ପାଇଁ ନିର୍ଭର କରୁଥିଲେ। ରାଜସ୍ୱ କାର୍ଯ୍ୟାଳୟ ଦୁଧାରୀ ପଞ୍ଚାୟତରେ ବନ୍ଦ ହୋଇ ପାକଝୋଲା ଗ୍ରାମ ପଞ୍ଚାୟତରେ ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ସ୍ଥାନ ଦୁଧାରୀ କାର୍ଯ୍ୟାଳୟ ହେବାପରେ ସ୍ଥାନୀୟ ଲୋକେ ଜାତି ପ୍ରମାଣ ପତ୍ର, ନିଜଜମି ପଟା ଅତି ସହଜରେ ପାଇବେ ବୋଲି ଖୁସି ବ୍ୟକ୍ତ କରିଛନ୍ତି। ଏହି ନୂତନ ରାଜସ୍ୱ କାର୍ଯ୍ୟାଳୟର ଅଟକଳ ପରିମାଣ ୪୦ଲକ୍ଷ ଟଙ୍କା ଥିବା ବେଳେ ଠିକାଦାର ସଂଗ୍ରାମ ରାଉତଙ୍କୁ ଶୀଘ୍ର କାମ ସାରିବାକୁ ବିଧାୟକ କହିଥିଲେ। ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଚୌଧୁରୀ, ସେମିଳିଗୁଡ଼ା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକ, ସରପଞ୍ଚ ମାଧବ ନନ୍ଦିବାଲି, ସମାଜସେବୀ ସୁନାମ ହନ୍ତାଳ, ପ୍ରଫୁଲ୍ଲ ନାୟକ, ଜୟରାମ କନ୍ଦପାନ, ବ୍ରଜମନ ଚୌଧୁରୀ, ଉପେନ୍ଦ୍ର କନ୍ଦପାନ, ଉପେନ୍ଦ୍ର ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାବେଡା ବିଜେପି ମଣ୍ଡଳର ସେବାପକ୍ଷ ପ୍ରସ୍ତୁତି ବୈଠକ

ସେମିଳିଗୁଡ଼ା/ସୁନାବେଡ଼ା, ୧୦।୯ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡା ବିଜେପିର ମଣ୍ଡଳ ସ୍ତରୀୟ ସେବାପକ୍ଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟରୁ ପ୍ରଭାରୀ ହିସାବରେ ମହିପାଲ ସିଂ ଯୋଗଦେଇ ସେବାପକ୍ଷର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ମଣ୍ଡଳ ସଭାପତି ଟୁନା ଖରା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ନେତ୍ରୀ ସ୍ନିଗ୍ଧାରାଣୀ ମିଶ୍ର କାର୍ଯ୍ୟକ୍ରମ କିପରି ସୁଚାରୁରୂପେ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଚସ୍ତରୀତମ ଜନ୍ମ ଦିନ ଉପଲକ୍ଷେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର,ସ୍ୱଚ୍ଛତା ଅଭିଯାନ,ଖେଳ,ମାରାଥନ ପ୍ରଭୃତି କାର୍ଯ୍ୟକ୍ରମ କରାଯିବ ଓ ସେଥିରେ ସମସ୍ତେ ସହଯୋଗ କରିବାପାଇଁ ଟୁନାଖରା ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଚନ୍ଦ୍ର ଶେଖର ଘୋଷ, ମନୋଜ ସାହାଣୀ, ଲକ୍ଷ୍ମୀ ଖରା,ସୁଧୀର ପଟ୍ଟନାୟକ ,ସନ୍ତୋଷ ରେଡୀ, ସାବିତ୍ରୀ ଖରା, ଭଗବାନ ମୁଦୁଲି, ତ୍ରିନାଥ ପଲେଇ ସତ୍ୟବ୍ରତ ଦାସ, ରାଜକୁମାର ଖୋସ୍ଲା, ସୁଖଦେବ ଟାକ୍ରୀ, ବିଶ୍ୱନାଥ ଟାକ୍ରୀ, ଉପେନ୍ଦ୍ର ନାୟକ, ନରେନ୍ଦ୍ର ସମାରେଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ୟାରେଡ୍ ପାଇଁ ଏନ୍‌ଏସ୍‌ଏସ୍‌ର ଚୟନ ଶିବିର

ଜୟପୁର,୧୦।୯ (ସମିସ): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଆସନ୍ତା ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଭାଗନେବା ପାଇଁ ସ୍ୱେଚ୍ଛାସେବୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାର ୪୩ ମହାବିଦ୍ୟାଳୟର ୫୩ଟି ଏନଏସ୍‌ଏସ୍ ୟୁନିଟରୁ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଚୟନ ଶିବିରର ଉଦଘାଟନୀ ଉତ୍ସବରେ ଅତିଥିଭାବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକ ଯୋଗ ଦେଇଥିଲେ। ଗତବର୍ଷ ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ କଣ୍ଟିଜେଣ୍ଟ ଲିଡର ଭାବେ ଯୋଗଦେଇଥିବା କୋରାପୁଟର ଜାତୀୟ ସେବା ଯୋଜନା ଅଧିକାରୀ ମନୋଜ ବେହେରାଙ୍କୁ ଉପଢୌକନ, ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଶିବିରାର୍ଥୀମାନଙ୍କ ଶାରୀରିକ ପ୍ରଦର୍ଶନୀ, ପ୍ୟାରେଡ୍, ଦୌଡ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପରୀକ୍ଷା, ଦଳଗତ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ନୃତ୍ୟ, ସଂଗୀତ ଓ ଅଭିନୟ ପ୍ରଭୃତି ପ୍ରତିଯୋଗିତାରେ ମୂଲ୍ୟାୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା, ଏନସିସି କ୍ୟାପଟେନ୍ ଡ. ଲକ୍ଷ୍ମଣ ପାତ୍ର, ନବରଙ୍ଗପୁର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଓ ବିନୋଦ ବିହାରୀ ପ୍ରଧାନ,




କୁଡୁମୁଲୁଗୁମ୍ମା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି, ବୋରିଗୁମ୍ମା କାର୍ଯ୍ୟକ୍ରମ ଅଧିକାରୀ ଜି. ଉମା ମାହେଶ୍ୱରୀ, ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତି ମିଶ୍ର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଲୋକେଶ ପ୍ରଧାନ, ସୁକାନ୍ତି ସ, ଜିଆଇଇଟି, ଗୁଣପୁରର କାର୍ଯ୍ୟକ୍ରମ ଅଧିକାରୀ ଘନିଷ୍ଠା ପୃଷ୍ଟି, ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜ ପିଓ ରଞ୍ଜୁଲତା କଅଁର, ଏନ୍‌ସିସି ଅଫିସର ପ୍ରକାଶ ବିଦ୍ୟାଳୟ ଜୟପୁର ରାଜେନ୍ଦ୍ର କୁମାର ସାହୁ, ସୁଜାତା ବେଜ୍ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ସୂରଜ୍ ବାହାଦୁର ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟରୁ ଚୟନ ହେବାପରେ ପୁରୀ ଠାରେ ଆସନ୍ତା ୧୯ ରୁ ୨୧ ତାରିଖ ମଧ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚୟନ ଶିବିରରେ ପ୍ରତିନିଧିତ୍ୱ କରିବେ।

# ରାୟପୁର-ବିଶାଖାପାଟଣା ଭାରତମାଳା ପ୍ରକଳ୍ପର ସମୀକ୍ଷା କଲେ ରାଜ୍ୟପାଳ



କୋରାପୁଟ,୧୦।୯ (ସମିସ): ରାଜ୍ୟପାଳ ଡ, ହରିବାବୁ କମ୍ଭମପତି ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଭାରତ ମାଳା ଯୋଜନାରେ ନିର୍ମାଣାଧୀନ ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେ (ଏନ୍‌ଏଚ-୧୩୦ ସିଡି) ଭାବରେ ପରିଚିତ ଅର୍ଥନୈତିକ କରିଡର ଭାରତ ମାଳା ପରିଯୋଜନା ଅଧୀନରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହି ୬ ଲେନ୍ ରାଜପଥ ମାଲ ପରିବହନ, ଦକ୍ଷତା ବୃଦ୍ଧି କରିବା ଏବଂ ରପ୍ତାନିକୁ ବୃଦ୍ଧି କରିବା ଆଶା କରାଯାଉଛି। ରାଜ୍ୟପାଳ ପଟାଙ୍ଗି ନିକଟରେ ଏହି ଏକ୍ସପ୍ରେସ ହାଇୱେର ସୁଡ଼ଙ୍ଗ (ଓଡ଼ି ୭) ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଛତିଶଗଡ଼ର ରାୟପୁର ଠାରୁ ଆରମ୍ଭ ହୋଇ ଓଡ଼ିଶାର ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲା ଦେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଯାଇଥିବା ଏହି ଏକ୍ସପ୍ରେସୱେର ମୋଟ ୫୯୦ କିଲୋମିଟର ବଦଳରେ ୪୬୪ କିଲୋମିଟରକୁ ହ୍ରାସ ପାଇବ ଏବଂ ଯାତ୍ରା ସମୟ ୧୪ ଘଣ୍ଟା ବଦଳରେ ମାତ୍ର ୬ ଘଣ୍ଟା ହେବ ବୋଲି ଜଣାପଡ଼ିଛି। ସେହିପରି ଏହି କରିଡର ସମ୍ପୂର୍ଣ୍ଣ ହେବା ପରେ କୋରାପୁଟରୁ ବିଶାଖାପାଟଣା ପହଞ୍ଚିବା ନିମନ୍ତେ ମାତ୍ର ଦୁଇ ଘଣ୍ଟା ଲାଗିବ। ରାଜ୍ୟପାଳଙ୍କ ସମୀକ୍ଷା ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆର୍, ଭେଙ୍କେଟେଶ୍ୱରଲୁ ଉପସ୍ଥିତ ଥିଲେ। ସମୀକ୍ଷା ପରେ ରାଜ୍ୟପାଳ ପ୍ରକଳ୍ପରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଓ ଶ୍ରମିକ ମାନଙ୍କ ସହ ଆଲୋଚନା କରିଥିଲେ।

## ରେଳସେବାର ବିକାଶ ପାଇଁ ଦାବି କଲେ ଆଇନଜୀବି

# ବିଧାନସଭାରେ ପ୍ରଶ୍ନ କରିବାକୁ ପ୍ରତିଶ୍ରୁତି ଦେଲେ ବିଧାୟକ


ଜୟପୁର,୧୦।୯ (ସମିସ):

ଆସନ୍ତା ବିଧାନସଭାରେ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ରେଳ ଚଳାଚଳର ବିକାଶ ନେଇ ଦାବି ଉପସ୍ଥାପନ କରିବାକୁ ଜୟପୁର ଆଇନଜୀବୀ ମାନେ ଡାବୁଗାଁ ବିଧାୟକ ବିଧାୟକ ମନୋହର ରନ୍ଧାରୀଙ୍କୁ ସାକ୍ଷାତ କରିବା ସହ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ରନ୍ଧାରୀ ଏହା ଦାବି ଗୁଡିକ ସ୍ଥାନୀୟ ଲୋକଙ୍କ ପାଇଁ ଉପଯୋଗୀ ରହିଛି। ତେଣୁ ରେଳ ବିଭାଗର ପାରିପାର୍ଶ୍ୱିକ ବିକାଶ ଏବଂ ଯାତାୟାତ ସୁବିଧା ପାଇଁ ଆଗାମୀ ବିଧାନସଭାରେ ପ୍ରଶ୍ନ କରିବା ସହ ତୁରନ୍ତ ଏହାର ସମାଧାନ କରିବା ନେଇ ରାଜ୍ୟ ସରକାରଙ୍କ ନିକଟରେ ଚାପ ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ରନ୍ଧାରୀଙ୍କ ନବରଙ୍ଗପୁରରୁ ଭୁବନେଶ୍ୱର ଗସ୍ତ ସମୟରେ ଜୟପୁର ଠାରେ କିଛି ସମୟ ରହଣି ଅବସରରେ ଜିଲ୍ଲା କୋର୍ଟର ବରିଷ୍ଠ



ଆଇନଜୀବୀ ମାନେ ତାଙ୍କୁ ସାକ୍ଷାତ କରିବା ସହ ଆଲୋଚନା ପରେ ଏହି ଅନୁରୋଧପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗତ ୨୦୧୬ ମସିହାରେ ରାଜ୍ୟ ଏବଂ ରେଳ ବିଭାଗ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଏଥିରେ ରାଜ୍ୟ ସରକାର ଉଭୟ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳପଥ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଣ ସହ ନିର୍ମାଣ ବାବଦକୁ ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥ ପ୍ରଦାନ କରିବାକୁ ସହମତି ହୋଇଥିଲା। ରେଳ ବିଭାଗ ବଳକା ୫୦ ପ୍ରତିଶତ ଖର୍ଚ୍ଚ କରିବା ସହ ୨୦୨୨ ମସିହା ସୁଦ୍ଧା ଉଭୟ ରେଳଧାରଣା ଶେଷ କରାଯାଇ ରେଳ ଚଳାଚଳ କରିବା ନେଇ ପ୍ରତିଶୃତି ସହ ସୂଚନାଫଳକ ମାଧମରେ ପ୍ରକାଶ କରିଥିଲେ। କିନ୍ତୁ ଦୀର୍ଘ ଚୁକ୍ତନାମାର ଦାର୍ଘ ୯ ବର୍ଷ ଏବଂ କାର୍ଯ୍ୟ ଶେଷ ହେବାର ଧାର୍ଯ୍ୟ ଠାରୁ ଅଧିକ ୩ ବର୍ଷ ହୋଇଥିଲେ ସୁଦ୍ଧା ଏହାର ୧୦ ଭାଗ କାର୍ଯ୍ୟ ହୋଇପାରିନାହିଁ। ଗତ ୨୦୨୪ ମସିହା ପରବ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋରାପୁଟ ଜିଲ୍ଲା ଦେଇ ଭୁବନେଶ୍ୱରକୁ ଦିନରେ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଅତିଶୀଘ୍ର କରିବ ଏବଂ ଗତ କିଛିଦିନ ପୂର୍ବରୁ ଜୟପୁର ଠାରେ ସୁଭଦ୍ରା ଯୋଜନାର କିସ୍ତି ଶୁଭାରମ୍ଭ ଅବସରରେ ଅତିଶୀଘ୍ର ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରିବା ନେଇ ଭାଷଣ ମାଧମରେ ପ୍ରତିଶୃତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଉଭୟ ପ୍ରତିଶୃତି ରେଳବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇପାରିନାହିଁ ଏବଂ ଆଦିବାସୀ ଜିଲ୍ଲାକୁ ଅଣଦେଖା କରାଯାଇଛି ବୋଲି ଆଇନଜୀବୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ଭୁବନେଶ୍ୱରଠାରୁ ବିଶାଖପାଟଣାକୁ ବନ୍ଦେଭାରତ ଟ୍ରେନ୍ ଚଳାଚଳ କରୁଛି। ଦ୍ରୁତଗାମୀ ଟ୍ରେନ୍‌କୁ ଭାୟା ଆରକୁ ଦେଇ କୋରାପୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ନେଇ ସ୍ଥାନୀୟ ଅବିଭକ୍ତ କୋରପୁଟ ଜିଲ୍ଲାର ବାସିନ୍ଦା ମାନେ ଦାବି କରୁଛନ୍ତି। ଫଳରେ ଜଗଦଲପୁର-ଭୁବନେଶ୍ୱର ପର୍ଯ୍ୟନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଏକମାତ୍ର ହୀରାଖଣ୍ଡ ଦ୍ରୁତଗାମୀ ରେଳ ଚଳାଚଳ କରୁଛି। ଏହି ଗୋଟିଏ ମାତ୍ର ଟ୍ରେନରେ ଏହି ଅଞ୍ଚଳର ଅଧିକାଂଶ ଯାତ୍ରୀ ନିର୍ଭର କରୁଥିବା ଯୋଗୁଁ ଟିକଟ ମିଳିବାର ସମସ୍ୟା ସୃଷ୍ଟି ହୋଇଛି ଏବଂ ଭିଡ଼ ପ୍ରବଳ ହେଉଛି। ତେଣୁ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କୋରାପୁଟ ପର୍ଯ୍ୟନ୍ତ କରାଗଲେ ପ୍ରାୟ ୪୦ ପ୍ରତିଶତ ସମସ୍ୟାର ସମାଧାନ ହୋଇଯିବ ବୋଲି ଅନୁରୋଧ ପତ୍ରରେ ଉଲ୍ଲେଖ କରିଛନ୍ତି। ଯାତ୍ରୀଙ୍କ ଏହି ଟ୍ରେନରେ ଯାତ୍ରା ସୁବିଧା ହେଲେ ପ୍ରାୟ ୫ ଘଣ୍ଟା ସମୟରେ ଅଯଥା ଅପଚୟରୁ ମୁକ୍ତ ହେବ। ଏହି ଅନୁରୋଧପତ୍ର ପ୍ରଦାନ ବେଳେ ଆଇନଜୀବି ରାଜ୍ୟ ବାର କାଉନସିଲର ସଦସ୍ୟ ପି.ରମେଶ ପାତ୍ର, ପୂର୍ବତନ ସଭାପତି ବିରେଶ ପଟ୍ଟନାୟକ, ବାଲା ରାୟ, ସୁଧିରା ତ୍ରିପାଠୀ, ରବି ପଟ୍ଟନାୟକ, ଗିରିଧର ଖରା ଓ ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।
-ଡ. ଏ ପି ଜେ ଅବଦୁଲ୍ କାଲାମ୍

ସକାଳ THE SAKALA

## ବିଡ଼ମ୍ବିତ ନେତୃତ୍ୱ

ପୁରୁଷଙ୍କ ସହ ମହିଳାଙ୍କୁ ସମାନ ଅଧିକାର ପ୍ରସଙ୍ଗ ଆଜିର ନୁହେଁ। ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ସକାଶେ ସଂରକ୍ଷଣ ସୁବିଧା ପ୍ରଦାନ ବିଲ ସଂସଦରେ ଅନୁମୋଦନ ଲାଭ କରିଥିଲେ ମଧ୍ୟ ତାହା ଏବେ ମଧ୍ୟ ଆଇନଗତ ସ୍ୱୀକୃତି ଅପେକ୍ଷାରେ। ଯେତେଦୂର ସମ୍ଭବ ଆଗାମୀ ଜନଗଣନା ପରେ ସରକାର ଏହି ସଂରକ୍ଷଣ ସୁବିଧା କାର୍ଯ୍ୟକାରୀ କରିବେ। ତେବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରପାଳିକାରେ ମହିଳାମାନେ ଏହି ସୁବିଧା ପାଇଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ଆଇନଗତ ସ୍ୱୀକୃତି ଦେଇଥିଲା।

ଆମ ଦେଶରେ ରାଜନୈତିକ ସ୍ତରରେ ପୁରୁଷଙ୍କ ସମକକ୍ଷ ହେବା ଭଳି ମହିଳାଙ୍କ ଦକ୍ଷତା ଓ ଯୋଗ୍ୟତା କିଛି କମ ନୁହେଁ। କିନ୍ତୁ ସେମାନଙ୍କ ପ୍ରାର୍ଥିତ୍ୱ ମନୋନୟନରେ ପୁରୁଷପ୍ରଧାନ ଦଳୀୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଅଯୋଗ୍ୟ ପୁରୁଷ ପ୍ରାର୍ଥୀ କ୍ଷମତାକୁ ଆସୁଛନ୍ତି। ଅଥଚ ଯୋଗ୍ୟ ମହିଳା ପ୍ରାର୍ଥୀ ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁ କେତେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଠାରେ ମଧ୍ୟ ପୁରୁଷ ପ୍ରାଧାନ୍ୟ ମାନସିକତାର ଛାପ ରହୁଛି। ବିଶେଷକରି ପଞ୍ଚାୟତ ଓ ପୌରପାଳିକା ସ୍ତରରେ କ୍ଷମତା ଓ ଦାୟିତ୍ୱ ପରିଚାଳନାରେ ମହିଳା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପ ଓ ପ୍ରତ୍ୟକ୍ଷ ସହଯୋଗ ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ମହାନଗର ନିଗମ ସ୍ତରରେ ମଧ୍ୟ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ସରକାରୀ ସ୍ତରରେ କର୍ପୋରେଟରଙ୍କ ସ୍ୱୀକୃତ ପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସତେଯେପରି ସବୁସ୍ତରରେ ଏହା ଗ୍ରହଣଯୋଗ୍ୟ ହୋଇଯାଇଛି। କିନ୍ତୁ ରାଜନୀତିରେ ଉଚ୍ଚତର ସୋପାନରେ ସାଧାରଣତଃ ମହିଳା ପଦାଧିକାରୀ ସ୍ୱୟଂସଂପୂର୍ଣ୍ଣ ଓ ସୁଦକ୍ଷ। ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କଠାରୁ ମଧ୍ୟ ଅତି ନିପୁଣତାର ସହ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରଶଂସାଭାଜନ ହୋଇପାରିଥିବାର ସ୍ୱର୍ଣ୍ଣିମ ଇତିହାସ ଆମ ଦେଶରେ ରହିଛି। ଅଥଚ ନିକଟରେ ଏହାର ଏକ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପ୍ରେକ୍ଷାପଟ୍ଟରେ ଆମେ ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ। ଗତ ଶନିବାର ଦିନ ଶାଲିମାରବାଗ୍ ସ୍ଥିତ ଜନସେବା ସଦନରେ ଅନୁଷ୍ଠିତ ସରକାରୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟବସାୟୀ ସ୍ୱାମୀ ମନୀଷ ଗୁପ୍ତାଙ୍କ ଯୋଗଦାନ ଓ ସରକାରୀ ପଦାଧିକାରୀଙ୍କ ସହ ତାଙ୍କର ମତବିନିମୟ ପ୍ରତିପକ୍ଷକୁ ଆଲୋଚନାର ଖୋରାକ୍ ଯୋଗାଇଛି। ପଞ୍ଚାୟତ ସ୍ତରରେ ପରିଲକ୍ଷିତ ଦୃଶ୍ୟପଟ୍ଟ ରାଜ୍ୟ ନେତୃତ୍ୱ କ୍ଷେତ୍ରରେ ପୁନରାବୃତ୍ତି ଘଟିବା ଅସମୀଚୀନ। ଏହି ଘଟଣାକୁ ଦିଲ୍ଲୀର ଆପ ନେତା ସୌରଭ ଭରଦ୍ୱାଜ କଡ଼ା ସମାଲୋଚନା କରିବା ସହ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଆକ୍ଷେପ କରିଛନ୍ତି। କ୍ଷମତା ରାଜନୀତିରେ ସରକାରୀ ଓ ବିରୋଧୀ ପକ୍ଷ ମଧ୍ୟରେ ଏପ୍ରକାର ଆରୋପ ଓ ପ୍ରତିଆରୋପ ନୂଆକଥା ନହେଲେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କ ପାରଦର୍ଶିତା ସନ୍ଦେହ ଘେରକୁ ଆସିଯାଇଛି।

ରେଖାଗୁପ୍ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ରହି ମହିଳା ସଶକ୍ତୀକରଣ ଓ କାର୍ଯ୍ୟଦକ୍ଷତାର ଛାପ ସମଗ୍ର ଦେଶରେ ଛାଡ଼ି ଯାଇଛନ୍ତି। ଶୀର୍ଷସ୍ତରରେ ମହିଳାଙ୍କ ନେତୃତ୍ୱ ସଂପର୍କରେ ଉଲ୍ଲେଖ କଲାବେଳେ ଇନ୍ଦିରା ଗାନ୍ଧୀ ଓ ମାର୍ଗରେଟ ଥାଚରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଭାବୀ ଭୂମିକା ପ୍ରତି ବିଶ୍ୱ ନେତୃତ୍ୱବର୍ଗଙ୍କ ଥିବା ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ସାମ୍ନାକୁ ଆସିଯାଏ। ବ୍ୟବସ୍ଥାପିକା ସଂସ୍ଥାରେ ପ୍ରତିନିଧିତ୍ୱ କରି ଆଇନ ପ୍ରଣୟନକାରୀ ଭୂମିକା ତୁଲାଇବାରେ ଆମ ଦେଶର ମହିଳାମାନେ ବେଶ ଯୋଗ୍ୟ ଓ ସମର୍ଥ। ତେଣୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ସବୁସ୍ତରରେ ସ୍ୱାଗତ କରାଯାଉଛି। ତେବେ ଏକ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ଜରୁରୀ। ଆମ ଜନସଂଖ୍ୟାର ଆପାତତଃ ୫୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ବାଛବିଚାର ମୁକ୍ତ ସହଯୋଗ ମିଳିଲେ ସୁସ୍ଥ ସାମାଜିକ ବ୍ୟବସ୍ଥା ଗଠନ ସମ୍ଭବ ହେବ।

## ଆକାଂକ୍ଷିତ ବିଜୟ

ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏନଡିଏ ପ୍ରାର୍ଥୀ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଆଶା କରାଯାଉଥିବା ଭୋଟଠାରୁ ଯଥେଷ୍ଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି। ଏନଡିଏର ଲୋକସଭା ଓ ରାଜ୍ୟସଭା ସଦସ୍ୟ ସଂଖ୍ୟା ୪୨୫ ଥିବା ବେଳେ ସେ ପାଇଛନ୍ତି ୪୫୨ ଭୋଟ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ସଦସ୍ୟ ସଂଖ୍ୟା ୩୧୨ ହୋଇଥିବା ବେଳେ ବିରୋଧୀ ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କ ସପକ୍ଷରେ ୩୦୦ ଭୋଟ ପଡ଼ିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧। ନିର୍ବାଚନ ପୂର୍ବରୁ ବିଜେଡି, ବିଆରଏସ ଓ ଶିରୋମଣି ଅକାଲୀ ଦଳ. ମତଦାନରୁ ବିରତ ରହିବେ ଘୋଷଣା କରିଥିବାରୁ ମୋଟ ୭୬୭ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ଉପରାଷ୍ଟ୍ରପତି ପଦଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ୧୫ ମତଦାତାଙ୍କ ଭୋଟ ନାକଚ ହୋଇଛି। ମତଦାନ ପ୍ରକ୍ରିୟାରେ ଗୋପନୀୟତା ଦୃଷ୍ଟିରୁ କିଏ କାହାକୁ ଭୋଟ ଦେଲା ଏବଂ କାହାର ନାକଚ ହେଲା ତାହା ଜାଣିବାର ଅବକାଶ ନାହିଁ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡ୍ଡୀଙ୍କୁ ଏଆଇଏମଆଇଏମ ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ୩୧୩ ଭୋଟ ମିଳିବ ବୋଲି ଆଶା କରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ୩୦୦ ଭୋଟ ମିଳିଛି। ଏହି ୧୩ ଭୋଟ ମଧ୍ୟରୁ କେତେ ଖଣ୍ଡ ନାକଚ ହୋଇଛି, କେତେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି, ତାହା ଜାଣିବାର ଅବକାଶ ନାହିଁ। ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟରେ ସାମିଲ୍ ହୋଇ ନଥିବା ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ନିର୍ବାଚନରେ ଅଂଶଗ୍ରହଣ କରିନଥିବା ବେଳେ ୱାଇଏସ ଆର ନେତା ଜଗନ ମୋହନ ରେଡ୍ଡୀଙ୍କ ଦଳର ୧୧ ସଦସ୍ୟ ସିପି ରାଧାକ୍ରିଷ୍ଣନ୍‌ଙ୍କ ସପକ୍ଷରେ ମତଦାନ କରିଛନ୍ତି। ଏକଥା ବି ହୋଇପାରେ ବିରୋଧୀ ମେଣ୍ଟରେ କିଛି ସଦସ୍ୟ ଏନଡିଏ ମେଣ୍ଟ ସପକ୍ଷରେ ମତଦାନ କରିଛନ୍ତି। ମେଣ୍ଟରେ ମୁଖପାତ୍ର ଯାହା ଦାବି କରନ୍ତୁ ନା କାହିଁକି କ୍ରସ ଭୋଟିଂଙ୍କୁ ଅସ୍ୱୀକାର କରାଯାଇପାରିବ ନାହିଁ। ମତଦାନ ପୂର୍ବରୁ ତେଲେଗୁ ଅସ୍ମିତା ଓ ଏନ୍‌ଡିଏରେ ଆଭ୍ୟନ୍ତରୀଣ ଅସନ୍ତୋଷକୁ ନେଇ ଚାଲିଥିବା ଗୁଜବ ରାଜନୀତି ଯେ ଅବାସ୍ତବ ତାହା ପ୍ରମାଣିତ ହୋଇଛି ଏବଂ ବିରୋଧୀ ମେଣ୍ଟର ଚାଲ୍ ନିଷ୍ପ୍ରଭ ହୋଇଯାଇଛି।

# ସକାରାତ୍ମକ ରାଷ୍ଟ୍ରବାଦର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ



ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା, ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ, ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରୀଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତିକ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରିକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ରାଷ୍ଟ୍ରକୁ ଧ୍ୱଂସ ଆଡ଼କୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢ଼ାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୂନଙ୍କ ଉପରେ ଲଦାଯାଏ ଏବଂ ତାହାକୁ ହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢ଼ାଯାଏ। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ସାଜନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡ଼କୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନିରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା, ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଯେ ସେମାନେ ହିଁ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନି ଓ ଇଟାଲିରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା, ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି। ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡ଼ୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା।

ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶିକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନି ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନିରେ ହିଟଲର ଓ ଇଟାଲିରେ ମୁସୋଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଏବଂ ଅନୈତିକତା ଉପରେ ପର୍ଯ୍ୟବସିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦ ଦୀର୍ଘସ୍ଥାୟୀ ହେଲାନାହିଁ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲଫ୍ ହିଟଲର ଶେଷରେ ଆତ୍ମହତ୍ୟା କଲେ। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହା ହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ ଉନ୍ମାଦନା ସୃଷ୍ଟି କରି କ୍ଷମତାକୁ ବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଏବେ ବିଶ୍ୱର କୌଣସି ଗଣତାନ୍ତ୍ରିକ ଦେଶ ମିଥ୍ୟା ରାଷ୍ଟ୍ରବାଦରୁ ମୁକ୍ତ ନୁହେଁ। ଏହା ହିଁ ରାଷ୍ଟ୍ରକୁ ଏକଛତ୍ରବାଦୀ ଶାସନ ଆଡ଼କୁ ଟାଣି ନେଉଛି। ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡ଼ିବ। ଆମକୁ ଜର୍ମାନି ଓ ଇଟାଲିର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

ବାରିପଦା(ମୟୂରଭଞ୍ଜ),
ମୋ: ୭୦୦୮୯୭୬୧୮୦

# ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ପ୍ରତି ବିପଦ

ମାନସ କୁମାର କର



ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମ ସୂଚନା ପ୍ରସାରଣକୁ ଅଭୂତପୂର୍ବ ଗତି ଦେଇଛି, ଜ୍ୟୋତିଷ ବିଦ୍ୟା ମଧ୍ୟ ଡିଜିଟାଲ ବିପ୍ଳବର ଏକ ଅଂଶ ପାଲଟିଯାଇଛି। ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜ୍ୟୋତିଷ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ପରିପୂର୍ଣ୍ଣ। ଏହି ଭିଡିଓଗୁଡ଼ିକ ମଧ୍ୟରୁ ଅନେକ 'ତୁରନ୍ତ ସଫଳତା' ମନ୍ତ୍ର, ପ୍ରତିକାର କିମ୍ବା ଟୋଟକା ପ୍ରଦାନ କରିବାର ଦାବି କରନ୍ତି, ଯାହା କିଛିଦିନ ମଧ୍ୟରେ ଜୀବନର ସମସ୍ୟାର ସମାଧାନ କରିପାରିବ। ଜନ୍ମ ଚାର୍ଟର ବିସ୍ତୃତ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦେଉଥିବା ପାରମ୍ପରିକ ଏବଂ ଅଭିଜ୍ଞ ଜ୍ୟୋତିଷମାନଙ୍କ ବିଶ୍ୱସନୀୟତା ତୁଳନାରେ ଏହି ତଥାକଥିତ 'ଶୀଘ୍ର ଉପଚାର' କେତେ ପ୍ରଭାବଶାଳୀ ତାହା ବିଚାର କରିବାର ସମୟ ଆସିଛି।

ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଜ୍ୟୋତିଷ ଭିଡିଓଗୁଡ଼ିକର ପ୍ରାୟତଃ ଆକର୍ଷଣୀୟ ଶୀର୍ଷକ ଥାଏ - 'ତିନି ଦିନରେ ଧନପ୍ରାପ୍ତିର ଚମତ୍କାରୀ ଉପାୟ' କିମ୍ବା 'ମନ୍ତ୍ରରୁ ବଦଳି ଯିବ ଆପଣଙ୍କ ଭାଗ୍ୟ'। ଏହି ଭିଡିଓଗୁଡ଼ିକ ସାଧାରଣତଃ ଛୋଟ, ଶୀଘ୍ର ସମ୍ପାଦିତ ଓ ମନୋରଞ୍ଜନକାରୀ, ଯାହା ତୁରନ୍ତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେ। ଏଥିରେ ସୁପାରିସ କରାଯାଇଥିବା ଉପଚାରଗୁଡ଼ିକ ସରଳ ଓ ଶୀଘ୍ର ମନେହୁଏ, ଯେପରିକି ଏକ ନିର୍ଦ୍ଦିଷ୍ଟ ରଙ୍ଗର ସୂତା ବାନ୍ଧିବା, ମନ୍ତ୍ର ଜପ କରିବା କିମ୍ବା ଘରେ କୌଣସି ବସ୍ତୁ ରଖିବା। ଏହି ଉପଚାରଗୁଡ଼ିକର କୌଣସି ବୈଦିକ କିମ୍ବା ଜ୍ୟୋତିଷଶାସ୍ତ୍ରୀୟ ଆଧାର ନାହିଁ। ମୋ ଜେଜେ ବାପା ଜ୍ୟୋତିଷଚାର୍ଯ୍ୟ ସ୍ୱର୍ଗତ ପଣ୍ଡିତ ସଦାଶିବ କରଙ୍କ କହିବା ଅନୁଯାୟୀ ଜ୍ୟୋତିଷ ଏକ ଜଟିଳ ବିଜ୍ଞାନ, ଯେଉଁଥିରେ ଗ୍ରହ, ନକ୍ଷତ୍ର ଓ କୁଣ୍ଡଳୀର ବାରଟି ଘରର ଗଭୀର ଅଧ୍ୟୟନ ଜଡ଼ିତ। ଜଣେ ବ୍ୟକ୍ତିଙ୍କ କୁଣ୍ଡଳୀ ବିଶ୍ଳେଷଣ ନକରି ସାଧାରଣ ଉପଚାର ଦେବା କେବଳ ଦାୟିତ୍ୱହୀନ ନୁହେଁ, ବରଂ ଲୋକଙ୍କୁ ଭୁଲ ଦିଗରେ ନେଇପାରେ। ଏପରି ଭିଡିଓର ଉଦ୍ଦେଶ୍ୟ ପ୍ରାୟତଃ ଦର୍ଶକଙ୍କୁ ଭ୍ରମିତ କରିବା।

ଜ୍ୟୋତିଷ ଶାସ୍ତ୍ର କେବେବି କମ୍ ସମୟ ମଧ୍ୟରେ ଶିଖି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ, ପ୍ରାମାଣିକ ଓ ଅଭିଜ୍ଞ ଜ୍ୟୋତିଷମାନେ କୌଣସି ପ୍ରତିକାର ପରାମର୍ଶ ଦେବା ପୂର୍ବରୁ ଜନ୍ମ କୁଣ୍ଡଳୀକୁ ଗଭୀର ଭାବରେ ଅଧ୍ୟୟନ କରନ୍ତି। ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ସମୟରେ ଗ୍ରହଗୁଡ଼ିକର ସ୍ଥିତି ଉପରେ ଆଧାରିତ। କୁଣ୍ଡଳୀରେ ଗ୍ରହଗୁଡ଼ିକର ଗୋଚର, ଦଶା, ଅନ୍ତରଦଶା ଏବଂ ବିଭିନ୍ନ ଯୋଗ ବିଶ୍ଳେଷଣ କରାଯାଇ ଜଣେ ବ୍ୟକ୍ତିଙ୍କୁ କି ପ୍ରକାରର ପ୍ରତିକାର ଆବଶ୍ୟକ ତାହା ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଓ ଜଟିଳ, କିନ୍ତୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଶୀଘ୍ର ସଫଳତାର ମନ୍ତ୍ର ଦେଉଥିବା ଭିଡିଓଗୁଡ଼ିକ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ କେବଳ ଏକ ଭ୍ରମାତ୍ମକ କି ନାହିଁ ତାହା ବିଚାର କରିବା ଉଚିତ।

ସାମାଜିକ ଗଣମାଧ୍ୟମରେ ଭିଉ, ଲାଇକ୍ ଓ ସବସ୍କ୍ରାଇବର୍ ସଂଖ୍ୟା ସିଧାସଳଖ ଆୟ ସହିତ ଜଡ଼ିତ। ତେଣୁ ଅନେକ ଅନଭିଜ୍ଞ ଓ ଆତ୍ମଘୋଷିତ ଜ୍ୟୋତିଷ ଆକର୍ଷଣୀୟ ଓ ଚାଞ୍ଚଲ୍ୟକର ବିଷୟବସ୍ତୁ ସୃଷ୍ଟି କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ସେମାନେ ଜଟିଳ ଜ୍ୟୋତିଷ ନୀତିଗୁଡ଼ିକୁ ସରଳୀକରଣ କରନ୍ତି। ଭିଡିଓଗୁଡ଼ିକୁ ଶୀଘ୍ର ସମାଧାନର ସୂତ୍ରରେ ପରିଣତ କରନ୍ତି, ଯାହା ପ୍ରକୃତରେ ଜ୍ୟୋତିଷ ଶାସ୍ତ୍ରର ଗଭୀରତାକୁ ଦୁର୍ବଳ କରିଦିଏ। କିଛି ଲୋକ ଉପରସ୍ତରର ସୂଚନା ଉପରେ ଆଧାରିତ ଭିଡିଓ ତିଆରି କରନ୍ତି, ଯାହା ପୁସ୍ତକ, ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିଆଯାଇଥାଏ। ଅନେକ ଆତ୍ମଘୋଷିତ ଜ୍ୟୋତିଷଙ୍କର ନା ଆନୁଷ୍ଠାନିକ ତାଲିମ ଅଛି ନା ଅଭିଜ୍ଞତା। ତଥାପି ସେମାନେ ସେମାନଙ୍କର ଆତ୍ମବିଶ୍ୱାସ, ଆକର୍ଷଣୀୟ ଉପସ୍ଥାପନା ଓ ବଜାର ରଣନୀତି ଆଧାରରେ ଲକ୍ଷ ଲକ୍ଷ ଦର୍ଶକଙ୍କ ପାଖରେ ପହଞ୍ଚନ୍ତି। ଏହା କେବଳ ଜ୍ୟୋତିଷ ଶାସ୍ତ୍ରର ବିଶ୍ୱସନୀୟତାକୁ ହ୍ରାସ କରେ ନାହିଁ, ବରଂ ଏହି ଉପଚାର ଉପରେ ନିର୍ଭର କରୁଥିବା ଲୋକଙ୍କୁ ମଧ୍ୟ ନିରାଶ କରେ।

ଜ୍ୟୋତିଷ ଏକ ପ୍ରାଚୀନ ଓ ସମ୍ମାନିତ ବିଜ୍ଞାନ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ପ୍ରଚାରିତ ଏପରି ଭ୍ରମାତ୍ମକ ଭିଡିଓ ସେହି ମହାନ୍ ପ୍ରାଚୀନ ବିଜ୍ଞାନସମ୍ମତ ବିଦ୍ୟାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଯେତେବେଳେ ଲୋକମାନେ ଏହି ତଥାକଥିତ ଉପଚାରଗୁଡ଼ିକୁ ପ୍ରୟୋଗ କରିବାର ଚେଷ୍ଟା କରନ୍ତି ଏବଂ କୌଣସି ଲାଭ ପାଆନ୍ତି ନାହିଁ, ସେମାନେ କେବଳ ସେହି ଭିଡିଓଗୁଡ଼ିକ ଉପରେ ବିଶ୍ୱାସ ହରାନ୍ତି ନାହିଁ, ବରଂ ଜ୍ୟୋତିଷ ବିଷୟରେ ପ୍ରଶ୍ନ ଉଠାନ୍ତି। ଏହା ଅଭିଜ୍ଞ ଜ୍ୟୋତିଷମାନଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ସୃଷ୍ଟି କରେ।

ଶେଷରେ ଏହା କହିବା ଭୁଲ ହେବ ନାହିଁ ଯେ ଶୀଘ୍ର ସଫଳତା ପାଇଁ ମନ୍ତ୍ର ଦେଉଥିବା ଜ୍ୟୋତିଷ ଭିଡିଓଗୁଡ଼ିକ ଅଧିକାଂଶ ଭାବରେ ଭ୍ରମାତ୍ମକ ଓ ଲୋକପ୍ରିୟତା ପାଇଁ ତିଆରି ହୋଇଥାଏ। ସେମାନେ ଲୋକଙ୍କ ଭାବନା ଓ ଆଶାକୁ ଶୋଷଣ କରନ୍ତି, ତାହା ମଧ୍ୟ କୌଣସି ଦୃଢ଼ ଆଧାର ବିନା। ଅନ୍ୟପକ୍ଷରେ ପ୍ରକୃତ ଜ୍ୟୋତିଷମାନେ, ଯେଉଁମାନେ କୁଣ୍ଡଳୀର ସମ୍ପୂର୍ଣ୍ଣ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦିଅନ୍ତି, ସେମାନେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଜ୍ୟୋତିଷ ହେଉଛି ବିଜ୍ଞାନ ଓ କଳାର ମିଶ୍ରଣ, ଯାହା କେବଳ ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ଏହାକୁ ଗମ୍ଭୀରତା ଓ ଦାୟିତ୍ୱର ସହିତ ଗ୍ରହଣ କରାଯାଏ। ଆମେ ଶୀଘ୍ର ସଫଳତାର ଲୋଭକୁ ପଛରେ ପକାଇ ଧୈର୍ଯ୍ୟ ଓ ବୁଝାମଣା ସହିତ ସଠିକ୍ ମାର୍ଗଦର୍ଶନ ଖୋଜିବା ଉଚିତ। ତେବେ ହିଁ ଆମେ ଜ୍ୟୋତିଷର ପ୍ରକୃତ ଲାଭ ପାଇପାରିବା ଏବଂ ଏହି ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ବଜାୟ ରଖିପାରିବା।

କୋଠାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଧୂପର ଧ୍ରୁପଦୀ ମାନସିଂହ ସାହିତ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

କବି ଓ ଲେଖକ ଭାବରେ ମାୟାଧର ମାନସିଂହ କେତେ ଉଚ୍ଚକୋଟୀର ପୁସ୍ତକର ସଫଳ ସ୍ରଷ୍ଟା, ତାହା ସଚେତନ ପାଠକ ମାତ୍ରକେ ଅବଗତ। ତେବେ ତାଙ୍କ ନିଜ ଦୃଷ୍ଟିରେ ସ୍ୱରଚିତ କବିତା ପୁସ୍ତକ 'ଧୂପ'ହିଁ ଥିଲା ତାଙ୍କର ସବୁଠାରୁ ପ୍ରିୟ। ଓଡ଼ିଆ ପାଠକମାନଙ୍କ କଣ୍ଠରେ ଏହାର ପ୍ରାଣସ୍ପର୍ଶୀ ପଦପଂକ୍ତି କି ମାର୍ମିକ ଭାବରେ ଏ ପର୍ଯ୍ୟନ୍ତ ଆବୃତ୍ତି ହେଉଛି, ଏହା ବି ଜାଣନ୍ତି ସଭିଏଁ। ରୋମାଣ୍ଟିକ ଆବେଗର ପରିଶୁଦ୍ଧତା ବହନ କରି ଏହା ହୋଇଛି ଲୋକାଦୃତ। କିନ୍ତୁ କ'ଣ ସେତିକି ହିଁ ଏ ବହିଟିର ବିଶେଷତ୍ୱ? ଏହା ଯେ 'କ୍ଲାସିକ-ଧର୍ମୀ ରୋମାଣ୍ଟିକ' ଭାବଧାରାର ପ୍ରବାହ - ଏହି ସତ୍ୟକୁ ପୁନଃପୁନଃ ଆବିଷ୍କାର କରିପାରିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ମର୍ମଧ୍ୱନି ସ୍ପଷ୍ଟରୁ ଅଧିକ ସ୍ପଷ୍ଟତର ହୋଇଉଠିବ।

ରୋମାଣ୍ଟିକ-କବିଙ୍କ ଲକ୍ଷଣ ସମ୍ପର୍କରେ କୁହାଯାଇଛି, ସେମାନେ ହେଉଛନ୍ତି ପଳାୟନବାଦୀ। ସମାଜର ବିଷାକ୍ତ ବଳୟରୁ ମୁକ୍ତ ହେବା ପାଇଁ ସେମାନେ ଲୋଡ଼ନ୍ତି ପ୍ରକୃତିର ନିର୍ଭୟଆଶ୍ରୟ। ଆଉ କ୍ଲାସିକ-କବିଙ୍କ ଗୁଣଧର୍ମ ବିଶ୍ଳେଷଣ କରି ଏହାହିଁ ପ୍ରତିପାଦନ କରାଯାଇଛି ଯେ ସେମାନେ ଦୁଃଖ କଷ୍ଟ ବରଣ କରି ନିଅନ୍ତି ଅବିଚଳିତ ଚିତ୍ତରେ। ସେମାନଙ୍କ ବିଶ୍ୱାସ ହେଉଛି ଏହି ବେଦନା ଗ୍ରହଣ କରିବା ଦ୍ୱାରା ଅନ୍ତରାତ୍ମା ହୋଇଯାଏ ସ୍ୱଚ୍ଛ ଓ ନିର୍ମଳ। 'କ୍ଲାସିକ-ସାହିତ୍ୟ'କୁ 'ଧ୍ରୁପଦୀ' ନାମରେ ପରିଚିତ କରିଦିଆଯାଇଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ। ଏ ଦୃଷ୍ଟିଭଙ୍ଗୀରୁ ବିଚାର କଲେ କେବଳ 'ଧୂପ' କବିତା ସଂକଳନ ନୁହେଁ, ସମଗ୍ର ମାନସିଂହ ସାହିତ୍ୟ ହେଉଛି ଉଚ୍ଚମାନର 'କ୍ଲାସିକ' ବା 'ଧ୍ରୁପଦୀ-ସାହିତ୍ୟ'। ଆଉ ତାଙ୍କ ସଂଘର୍ଷମୟ ଜୀବନ ମଧ୍ୟ ହେଉଛି ସମାନ ପର୍ଯ୍ୟାୟର।

ଏ ପ୍ରସଙ୍ଗରେ 'ଧୂପ' କବିତା ପୁସ୍ତକର ଏକାଧିକ ପଦ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ ସେହି ମହତ୍ତର ସତ୍ୟର ସ୍ୱରୂପ ହୋଇଉଠିବ ପ୍ରଜ୍ଞାଦୀପ୍ତ। କବିଙ୍କ ବର୍ଣ୍ଣନା ଏହିପରି - 'ମନେହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବିହୋଇ / ପ୍ରଣୟର ଅଗ୍ନିଶେଷେ ପ୍ରଣୟର ଭସ୍ମ ଯିବ ଥୋଇ / ବକ୍ଷେ ମୋର ଯଜ୍ଞ ଜଳେ, ତୁମେ ତହିଁ ଜୀବନ ଦେବତା / ଆତ୍ମାମୋର ଯଜ୍ଞ-କାଷ୍ଠ ଘୃତାହୁତି ତୁମର ମମତା।' କିମ୍ବା 'ଅଶ୍ରୁ-ଆହୁତି, ପ୍ରଣୟଯଜ୍ଞ ମମ / ବ୍ୟଥାର ଅଗ୍ନି ଜଳୁଅଛି ନିର୍ମମ / ପ୍ରିୟଗୋ ମୋର / ଭାବୁଛ କି ମୁହିଁ ଚାହେଁ ତା'ର ଉପଶମ?'

ଦୁଃଖ, ଯନ୍ତ୍ରଣା, ବିରହ, ଅପବାଦ-ଏସବୁକୁ ବରଣ କରିନେବାର ଶକ୍ତି ଆହରଣ କରି ସାରିଥିଲେ ମାନସିଂହ। ସେଥିପାଇଁ ପଦ୍ୟ ହେଉ ବା ଗଦ୍ୟ ପରବର୍ତ୍ତୀ କାଳରେ ଯାହା ସେ ରଚନା କରିଛନ୍ତି, ଏହାଠାରୁ ତାହା ଭିନ୍ନ ହୋଇପାରିନି। 'ହେମଶସ୍ୟ', 'ପୂଜାରିଣୀ', 'ଜେମା', 'ସାଧବ ଝିଅ', 'କୋଣାର୍କ' କବିତା ପୁସ୍ତକ, 'କମଳାୟନ' ମହାକାବ୍ୟ, 'ଜୀବନୀ ଓ ପ୍ରବନ୍ଧ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ' ଆଦି ସମସ୍ତ ଗ୍ରନ୍ଥର ଯଦି ସାରନିର୍ଯାସ କାଢ଼ି ଦିଆଯାଏ, ତାହା 'ଧୂପ'ର ଅନ୍ତଃସ୍ୱରଠାରୁ କଦାପି ଭିନ୍ନ ହେବ ନାହିଁ। ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ସେ। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ଯେଉଁ ଉଚ୍ଚତାକୁ ନେଇ ଯାଇପାରିଥିଲେ ଅନୁଷ୍ଠାନକୁ ଆଉ ତାହାର ଦ୍ୱିତୀୟ ଉଦାହରଣ ନାହିଁ। ସେଠାରେ ମଧ୍ୟ ସେ ସମ୍ମୁଖୀନ ହୋଇଛନ୍ତି ଯେଉଁ ଜଟିଳ ପରିସ୍ଥିତିର, ତାହାର ବିସ୍ତୃତ ବର୍ଣ୍ଣନା ରଖି ଯାଇଛନ୍ତି 'ଶିକ୍ଷାବିତର ଗାଥା' ଗ୍ରନ୍ଥରେ। କର୍ମକ୍ଷେତ୍ରରେ ଯେଉଁମାନଙ୍କ ନିକଟରୁ ସେ ହୋଇଛନ୍ତି ଲାଞ୍ଛିତ ଓ ଅପମାନିତ ସେମାନଙ୍କ ପ୍ରତି ପ୍ରତିଶୋଧ ପରାୟଣ ହେବାର ଅପରିଚ୍ଛନ୍ନ ଉପାଦାନରେ ଗଠିତ ହୋଇ ନ ଥିଲା ତାଙ୍କ ଚେତନା। ଗ୍ରନ୍ଥଟିରେ ତାଙ୍କ ବର୍ଣ୍ଣିତ ବାକ୍ୟ ଉପରେ ଧ୍ୟାନ ଦେଲେ ବୁଝିହୁଏ କି ବିଶାଳ ଥିଲା ତାଙ୍କ ହୃଦୟ। ସେଠାରେ ସେ ଲେଖୁଛନ୍ତି - 'ଦୁଃଖ-ନିର୍ଯାତନା ସବୁକୁ ନିରବରେ ସହି, ଅତ୍ୟାଚାରୀକୁ, ଶତ୍ରୁକୁ ଆଶୀର୍ବାଦ କରି କରି ଓ ଭଗବାନଙ୍କୁ ଅନ୍ତରରେ ଡାକି ଡାକି ସହିଯିବା ହିଁ ସଙ୍କଟ ବିପଦର ସବୁଠୁ ବଡ଼ ଔଷଧ।'

ମାନସିଂହ ଯୀଶୁ, ଗାନ୍ଧୀ, ରାମକୃଷ୍ଣ ପରମହଂସ ପ୍ରମୁଖ କେଉଁ ମହାପୁରୁଷଙ୍କ ଜୀବନ-ଚିତ୍ର ବା ଅଙ୍କନ କରିନାହାନ୍ତି! ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଏକଲା ଚଲୋ' ସଂଗୀତ ତାଙ୍କୁ ଏକୁଟିଆ ଚାଲିବାର ସାହସ ଦେଇଛି ବୋଲି 'କବି ଓ କବିତା'ଗ୍ରନ୍ଥରେ ଆବେଗର ସହ ଉଦ୍ଗାର କରିଛନ୍ତି। ପ୍ରେମର ଯଜ୍ଞବେଦୀରେ ସେ ଧୂପ ପରି ଜଳି ଜଳି ଚତୁଃର୍ଦ୍ଦିଗରେ ବାଣ୍ଟି ଦେଇ ପାରିଛନ୍ତି ଜୀବନର ସୌରଭ। ନୀଳକଣ୍ଠ ସଦୃଶ ବିଷପାନ କରି ଯିଏ ଜଗତକୁ କରନ୍ତି ଅମୃତ ଦାନ ସିଏ ହିଁ ହେଉଛନ୍ତି କ୍ଲାସିକ ସ୍ରଷ୍ଟା। ମାନସିଂହ ସାହିତ୍ୟ ହେଉଛି ସେଥିପାଇଁ ଧୂପର ଧ୍ରୁପଦୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୨ ଗିରଫ

ସମ୍ବଲପୁର, ୧୦।୯ (ସମିସ): ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ବିଜ୍‌ଲିନଗରର ବରୁଣ ସାହୁ (୪୫) ହତ୍ୟା ଘଟଣାର ତଦନ୍ତ କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଶେରପୁର ଗ୍ରାମର ମୂଳ ବାସିନ୍ଦା ବର୍ତ୍ତମାନ ବୁର୍ଲା ବିଜ୍‌ଲିନଗରରେ ରହୁଥିବା ଚୁନୁ ସାହୁ (୨୭) ଓ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଦେବାହାଲର ମୂଳବାସିନ୍ଦା ବର୍ତ୍ତମାନ ବିଜ୍‌ଲିନଗରରେ ରହୁଥିବା ଅଶ୍ୱିନୀ ଭୁଏ (୪୫)। ପୂର୍ବଶତ୍ରୁତାରୁ ସେମାନେ ବରୁଣଙ୍କୁ ହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଗତ ୯ ତାରିଖ ବୁର୍ଲା ବିଜଲିନଗରର ବୃନ୍ଦାବତୀ ସାହୁ ତାଙ୍କ ସ୍ୱାମୀ ବରୁଣ ସାହୁଙ୍କୁ ଏ.କଟାପାଲିର



ହୁଡ଼ିଆପଦା ଜଙ୍ଗଲରେ ଚୁନୁ ଓ ଅଶ୍ୱିନୀ ମିଶି ହତ୍ୟା କରିଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୃନ୍ଦାବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ବୁର୍ଲା ଥାନା କେସ ନଂ. ୩୯୧/୨୦୨୫ରେ ମାମଲା ରୁଜୁକରି ଉଭୟ ଚୁନୁ ଓ ଅଶ୍ୱିନୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହି ସମୟରେ ଉଭୟେ ପୂର୍ବ ଶତ୍ରୁତାରୁ ବରୁଣଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ହୁଡ଼ିଆପଦା ଜଙ୍ଗଲ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ପୁଲିସ ବରୁଣଙ୍କ ମୃତଦେହ ଉଦ୍ଧାର କରିବାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠବେଣ୍ଟ ଲଗା କୁରାଢ଼ିକୁ ମଧ୍ୟ ଜବତ କରିଛି। ବୁର୍ଲା ଥାନା ପୁଲିସ ମୃତଦେହକୁ ବ୍ୟବଛେଦ ପାଇଁ ପଠାଇଛି। ଉଭୟ ଅଭିଯୁକ୍ତ ଚୁନୁ ଓ ଅଶ୍ୱିନୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା କବ୍‌ଜାରେ...

ନିଆଁ ଲଗାଇ ଦେଇଥିଲେ। ଏଥିରେ ଗଙ୍ଗାଙ୍କ ମୃତ୍ୟୁ ହୋଇଥଇଲା ବୋଲି କୁହାଯାଇଛି। ତେବେ ମୃତଦେହ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଏପରି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଯୁବ ଗୋଷ୍ଠୀଙ୍କ ନାମରେ ଖୋଲା ଚିଠି ଲେଖିଛନ୍ତି। ସେ ଏଥିରେ ବିକ୍ଷୋଭକୁ ବଡ଼ ଷଡ଼ଯନ୍ତ୍ର କହିଛନ୍ତି। କାର୍ଯ୍ୟାଳୟ ଜାଳିଦେବା ଏବଂ ଜେଲ୍‌ରୁ କଏଦୀଙ୍କୁ ଭଗାଇବା ଘଟଣାକୁ ଯୋଜନାବଦ୍ଧ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏପରି ସମୟରେ ଜେନ୍ ଜେଡ୍ ଗୋଷ୍ଠୀ ନିଜ ଦାବି ରଖିଛନ୍ତି। ସରକାରରେ ସଂସ୍କାରେ, ପ୍ରତିନିଧି ସଭା ଭଙ୍ଗ, ନୂତନ ଭାବେ ସମ୍ବିଧାନ ଲେଖିବା କିମ୍ବା ସଂଶୋଧନ ଏବଂ ଗତ ତିନି ଦଶନ୍ଧି ମଧ୍ୟରେ ରାଜନେତାଙ୍କ ଦ୍ୱାରା ହୋଇଥିବା ଲୁଟର୍ ତଦନ୍ତ କରିବାକୁ ଦାବି ହୋଇଛି। ବିକ୍ଷୋଭରେ ପ୍ରାଣ ହରାଇଥିବା ଲୋକଙ୍କୁ ସହିଦ ମାନ୍ୟତା, ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ଦେବାକୁ କୁହାଯାଇଛି। ବେକାରୀର ମୁକାବିଲା ପାଇଁ ସାମାଜିକ ଯୋଜନା, ପ୍ରବାସନକୁ ରୋକିବା, ସାମାଜିକ ଅନ୍ୟାୟ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ସୁରକ୍ଷା ଏବଂ ଯୋଗାଯୋଗକୁ ମଜଭୁତ କରିବାକୁ ମଧ୍ୟ ଦାବି କରାଯାଇଛି।

ନେପାଳ ହିଂସା କଏଦୀଙ୍କ ପାଇଁ ଏକ ସୁଯୋଗ ସାବ୍ୟସ୍ତ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ସାରା ଦେଶର ଜେଲ୍‌ରୁ ପ୍ରାୟ ୧୧ ହଜାର କଏଦୀ ଫେରାର ହୋଇଯାଇଛନ୍ତି। ପଶ୍ଚିମ ନେପାଳର ଏକ ଜେଲ୍‌ରେ ସୁରକ୍ଷାକର୍ମୀ ଏବଂ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଠାରେ ପୁଲିସ ଗୁଳିରେ ୫ କଏଦୀ (ନାବାଳକ)ଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ନେପାଳୀ ଜିଲ୍ଲା ଏହି ହିଂସାରେ ପ୍ରଭାବିତ ହୋଇଛି। ଏଠାରେ ବୁଧବାର ପୁଣି ହିଂସା ହୋଇଛି। ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଜାଳି ଦେଇଛନ୍ତି। କିଛି ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏହାକୁ ଦେଖି ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ନେପାଳ ଜେଲ୍‌ରୁ ଫେରାର ୯ କଏଦୀଙ୍କୁ ମହାରାଜଗଞ୍ଜର ସୋନୌଲି ସୀମାରୁ ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି) ଗିରଫ କରିଛି। ସେହିପରି ଲକ୍ଷ୍ମୀପୁର, ମହାରାଜଗଞ୍ଜ ଏବଂ ବହରାଇଚ ସୀମା ସିଲ୍ ହୋଇଥିବାରୁ ଭାରତର ୨୦୦ରୁ ଅଧିକ ଟ୍ରକ୍ ଡ୍ରାଇଭର ନେପାଳରେ ଫସି ରହିଛନ୍ତି। ସେମାନେ ଭୟରେ କାଳତିପାତ କରୁଛନ୍ତି। ହିଂସାରେ ତାଙ୍କ ଟ୍ରକ୍‌କୁ ପୋଡ଼ି ଦେବାର ଭୟ ରହିଛି। ସୋନୌଲି ସୀମାରେ ଭାରତ ଅଭିମୁଖେ ୮ କିମି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହିଛି। ଶୀଘ୍ର ଛାଡ଼ିବା ପାଇଁ ସେମାନେ ଏଜେନ୍ସିଗୁଡିକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ନେପାଳରେ ଫସିଥିବା ତେଲୁଗୁ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

### କାଠମାଣ୍ଡୁରେ ଫସିଛନ୍ତି...

କୁଲେଶ୍ୱରରେ ରହୁଥିବା ବେଳେ ପ୍ରକଳ୍ପ କାମ ପାଇଁ ଦକ୍ଷିଣକାଳୀକୁ ଯାଇ ସେଠାରେ ଫସି ରହିଛନ୍ତି। ସେହିପରି ଶ୍ରୀରାମପୁରର ସଂଗ୍ରାମ ମହାପାତ୍ର କାଠମାଣ୍ଡୁରେ ଥିବା ବେଳେ ଆସନ୍ତା ୨୫ତାରିଖରେ ଘରକୁ ଫେରିବାର ଥିଲା। କିନ୍ତୁ ତାଙ୍କ ଫେରିବା ରାସ୍ତା ବନ୍ଦ ହୋଇ ଯାଇଥିବାରୁ ଓ ଫୋନ୍‌ରେ ଯୋଗାଯୋଗ ହୋଇପାରୁନଥିବାରୁ ପତ୍ନୀ ପାର୍ବତୀ ମହାପାତ୍ର ଚିନ୍ତାରେ ପଡ଼ିଛନ୍ତି। ତାଙ୍କ ସ୍ୱାମୀଙ୍କୁ ନିରାପଦରେ ଭାରତ ଫେରାଇ ଆଣିବା ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ତରଡିପାଳ ଏବଂ ପେଣ୍ଠପାଳ ପଞ୍ଚାୟତର ଚନ୍ଦନ ବେହେରା, ମାନସ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ସଞ୍ଜୟ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, କଳନ୍ଦୀ ଗୋଛାୟତ, ବିଭୂତି ଭୂଷଣ ଦାସ, ଭାସ୍କର ସେଠୀ, ପ୍ରତାପ ସେଠୀ, ପୁରୁଷୋତ୍ତମ ଦାସ, ଶତ୍ରୁଘ୍ନ ଦାସ, ସୁଦର୍ଶନ ଦାସ, ଦିନେଶ ସେଠୀ, ଭୋଲାନାଥ ସେଠୀ ପ୍ରମୁଖ ବହୁ ଲୋକ ନେପାଳ କାଠମାଣ୍ଡୁରେ ଫସି ରହିଛନ୍ତି।

### ଅକ୍ଟୋବରରୁ ସାରା...

ଭୋଟର ସାମିଲ ପାଇଁ ଏସ୍ଆଇଆର୍ ଯୋଗ୍ୟତା ତାରିଖ ଏବଂ ତାଲିକାର ଡିଜିଟାଇଜେସନ ଓ ଅପଲୋଡିଂ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଗୋଟିଏ ପୋଲିଂ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ହେବା ଉଚିତ ନୁହେଁ ବୋଲି ନିର୍ବାଚନ ଅଧିକାରୀ ମତ ଦେଇଥିଲେ। ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଉପସ୍ଥାପନ କରିଥିଲେ। ରାଜ୍ୟରେ ଏସ୍ଆଇଆର୍ ବେଳେ ଅଧିକାରୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଏବଂ ଏହାର କିପରି ମୁକାବିଲା କରାଯାଇଥିଲା, ସେସଂପର୍କରେ କହିଥିଲେ। ଏହି ଅବସରରେ ନିର୍ବାଚନ କମିସନ କହିଥିଲେ ଯେ ବିହାରରେ ଏସ୍ଆଇଆର୍ ପାଇଁ ଗତବର୍ଷ ଜୁନ୍ ୨୪ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଦେଶର ଅବଶିଷ୍ଟ ଅଞ୍ଚଳ ପାଇଁ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ। ନିର୍ବାଚନ କମିସନ କହିଥିଲେ ଯେ ଏସ୍ଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା। ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି, ଯେଉଁମାନେ ଅନ୍ୟ ଅଞ୍ଚଳକୁ ସ୍ଥାୟୀ ଭାବେ ଚାଲିଯାଇଛନ୍ତି, ଯେଉଁମାନଙ୍କର ଦୁଇଟି ସ୍ଥାନରେ ନାମ ରହିଛି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କ ନାମକୁ ଏହି ପ୍ରକ୍ରିୟାରେ କାଟି ଦିଆଯିବ। ତେବେ ସଂଶୋଧିତ ତାଲିକାରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ, ସେଥିପାଇଁ ଉଦ୍ୟମ କରାଯିବ। ଏସ୍ଆଇଆର।୍‌ରେ ନାମ ପଞ୍ଜୀକରଣ ପାଇଁ କମିସନ ବିହାରରେ ଯେଉଁ ୧୧ଟି ଦସ୍ତାବିଜ ଲୋଡ଼ିଥିଲେ, ସେଥିରେ ଆଧାର ନଥିଲା। ଏହାକୁ ନେଇ ବିବାଦ ଦେଖାଦେବାରୁ ଆଧାରକୁ ଏହି ଦସ୍ତାବିଜ ତାଲିକାରେ ସାମିଲ କରିବାପାଇଁ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶିଥିଳ ପଡ଼ିଲା...

ମନରେ ମଧ୍ୟ ଅସନ୍ତୋଷ ସୃଷ୍ଟି କରିଛି। ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋର୍ଡ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି । ଦିନକ ପରେ ସରକାରକୁ ପୂରିବ ୧୫ ମାସ। ମାତ୍ର ମନ୍ତ୍ରୀ ପରିଷଦରେ ଆବଶ୍ୟକ ଥିବା ଆଉ ୬ ମନ୍ତ୍ରୀ ପଦ ସହ ନିଗମ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଏସବୁ ପଦବୀ ପୂରଣରେ ଅହେତୁକ ବିଳମ୍ବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ସରକାର ଓ ସଂଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

### ୩ ବର୍ଷରେ...

ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିଲେ ହେଁ ସେମାନେ ଏହାକୁ ଏଡ଼ାଇବାକୁ ବିଳାସପୂର୍ଣ୍ଣ ସାମଗ୍ରୀ ଓ ପ୍ରିମିୟମ ଉତ୍ପାଦଗୁଡ଼ିକରେ କରୁଥିବା ବ୍ୟୟକୁ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଯାହାର ନକରାତ୍ମକ ପ୍ରଭାବ ବଜାର ଉପରେ ପଡୁଛି । ପାରିବାରିକ ଖର୍ଚ୍ଚ ବୃଦ୍ଧି ଲୋକଙ୍କ ଗ୍ରାହକ ବା ଉପଭୋକ୍ତା ଭାବନାକୁ ଦୁର୍ବଳ କରିଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଗ୍ରାହକ ଆତ୍ମବିଶ୍ୱାସ ସୂଚକାଙ୍କ ଗତ ଏକ ବର୍ଷ ମଧ୍ୟରେ ୩%ରୁ ଊର୍ଦ୍ଧ୍ୱ ହ୍ରାସ ପାଇଛି। ୨୦୨୪ ମାର୍ଚ୍ଚରେ ଦେଶରେ ଉପଭୋକ୍ତା ଆତ୍ମବିଶ୍ୱାସ ସୂଚକାଙ୍କ ୯୮.୫% ରହିଥିବାବେଳେ ୨୦୨୫ ମେ ମାସରେ ଏହା ୯୫.୪%କୁ ଖସିଥବା ଦେଖାଯାଇଛି । ଦେଶର ୫୯%ରୁ ଊର୍ଦ୍ଧ୍ୱ ପରିବାର ଆଗାମୀ କେଇମାସ ମଧ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶଙ୍କା କରୁଛନ୍ତି ଓ ୩୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଭବିଷ୍ୟତରେ ଅଧିକ ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ।

ଅପରପକ୍ଷରେ ଦେଶର ଉପଭୋକ୍ତାମାନେ ଏବେ ସେମାନଙ୍କର ଆୟର ପ୍ରମୁଖ ଅଂଶ ଶିକ୍ଷା, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ ଓ ଋଣ ପରିଶୋଧ ନିମନ୍ତେ ବ୍ୟୟ କରୁଛନ୍ତି । ସେମାନଙ୍କ ପାଖରେ ସଞ୍ଚୟ ପାଇଁ କମ୍ ଅର୍ଥ ରହୁଛି । ଯଦି ଭବିଷ୍ୟତରେ ଅଧିକ ଆୟ ହୁଏ ତେବେ ୫୪ ପ୍ରତିଶତ ପରିବାର ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିବାବେଳେ ୩୮% ପରିବାର ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାକୁ ଖର୍ଚ୍ଚ କରିବେ ବୋଲି ମତ ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୭% ପରିବାର ଅଧିକ ଆୟକୁ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବହାର କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି ।

### ପେଟ୍ରୋଲ ଢାଳି...

କରାଯାଇଛି। କୌଣସି କାରଣକୁ ନେଇ ଆଜି ରାତି ପ୍ରାୟ ୯ଟା ବେଳେ ସୂରଜ ମେଣ୍ଟୁ ଛକରେ ପହଞ୍ଚି ନିଜ ସହ ଆଣିଥିବା ପେଟ୍ରୋଲକୁ ଶରୀରରେ ଢାଳିବା ପରେ ନିଆଁ ଲଗାଇ ଦେଇଥିଲେ। ସେ ହୁତୁହୁତୁ ହୋଇ ଜଳୁଥିବା ଦେଖି ଉପସ୍ଥିତ ଲୋକେ ଦୌଡ଼ି ଯାଇ ନିଆଁ ଲିଭାଇଥିଲେ। ତେବେ କ'ଣ ପାଇଁ ସେ ଏପରି ପଦକ୍ଷେପ ନେଲେ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ, ଆଜି ସେ ଇନ୍‌ଷ୍ଟାଗ୍ରାମରେ ଦୁଃଖଭରା ଷ୍ଟାଟସ୍ ଦେବା ସହ 'ମୋର କିଛି ହେଲେ କାହାର ଦୋଷ ନାହିଁ' ଲେଖି ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରେମକୁ ନେଇ ଝଗଡ଼ା ପରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଏଥିରୁ ଅନୁମାନ କରାଯାଉଛି। ପୁଲିସ ଏନେଇ ଅଧିକ ତଦନ୍ତ ଚଳାଇଛି।

### ସୁଭଦ୍ରାରୁ ୨ ଲକ୍ଷ...

ମଧ୍ୟରୁ ୧୮୦୫ ଜଣ ଜୀବିତ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ଏ ବିଷୟରେ ତଦନ୍ତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଘରକୁ ଘର ବୁଲି ଯାଞ୍ଚ କରାଯିବ। ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ବକେୟା ସହ ୩ କିସ୍ତିର 'ସୁଭଦ୍ରା' ଟଙ୍କା ଏକାଥରକେ ମିଳିବ। ଯେଉଁ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି, ପୁଣି ଥରେ ତର୍ଜମା କରାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜମି ପାଇଁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ କ୍ଷେତ୍ର ଅନୁଧ୍ୟାନ କରାଯିବାକୁ କୁହାଯାଇଛି। ସେହିପରି ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ। ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରି ପାରିବେ। ତେବେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍‌କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ରକ୍ତ ଭଣ୍ଡାରରେ ଚିହ୍ନଟ...

ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିବେଦନ କରାଯାଇଛି। ୨୦୨୩ରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସମସ୍ତ ରକ୍ତଭଣ୍ଡାରରେ ଏନ୍‌ଏଟି-ପିସିଆର ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୧୧ଟି ରକ୍ତଭଣ୍ଡାରରେ ଏହି ସୁବିଧା ରହିଛି। ଏବଂ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଅବଶିଷ୍ଟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ଉପଲବ୍ଧ ହେବ ବୋଲି ସରକାର ଜବାବ ରଖିଥିଲେ।

## ଏମଆରଆଇ ରିପୋର୍ଟ ପ୍ରଦାନରେ ଖାମଖିଆଲି

# ଏମକେସିଜିରେ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର, ୧୦।୯ (ସମିସ): ଏମ୍‌କେସିଜି ମେଡ଼ିକାଲରେ ଥିବା ପିଏମ୍ଏସ୍ଏସ୍‌ୱାଇକୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍ଆରଆଇ ପରୀକ୍ଷା କରୁଥିବା ରୋଗୀଙ୍କୁ ସଠିକ ସମୟରେ ରିପୋର୍ଟ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା ସହିତ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ବୁଧବାର ବହୁ ରୋଗୀ ଏମ୍‌କେସିଜି ମେଡିକାଲର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ମେଡ଼ିକାଲର ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କିଛି ଡାକ୍ତର ଡ୍ୟୁଟି ସମୟରେ ବିଭାଗରେ ନରହି ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସଠିକ ସମୟରେ ରୋଗୀଙ୍କୁ ରିପୋର୍ଟ ମିଳୁ ନଥିବା ସେମାନେ



ଦର୍ଶାଇଛନ୍ତି। ରୋଗୀମାନେ ଏମ୍ଆରଆଇ ପରୀକ୍ଷା କରି ରିପୋର୍ଟ ପାଇଁ ଏକ ସପ୍ତାହ ଧରି ଅପେକ୍ଷା କରିବାକୁ ପଡୁଥିବା ଯୋଗୁଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ଫଳରେ ଶିଶୁ, ମେଡ଼ିସିନ ଓ ଇଏନଟି ବିଭାଗ ଭଳି ବହୁ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସକ ଶ୍ରୀପଣ୍ଡାଙ୍କ ଘଟଣାର ତଦନ୍ତ କରିବା ସହ ରେଡ଼ିଓଲୋଜି ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏବଂ ତୁରନ୍ତ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

'ଉତ୍କଳ'ରେ ଉତ୍ତେଜନା ଜାରି

# ଆଜି ଉଚ୍ଛେଦ ହେବ ଜବରଦଖଲ କ୍ୱାର୍ଟର୍ସ



ଭୁବନେଶ୍ୱର, ୧୦।୯(ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସ୍‌ରୁ ବସ୍ତିଉଚ୍ଛେଦ ସହ ଜବରଦଖଲ ହୋଇଥିବା କ୍ୱାର୍ଟର୍ସ ଏବଂ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ ମଙ୍ଗଳବାର ଦିନ କୁଳପତିଙ୍କୁ ଘେରିଥିବା ବେଳେ ଆଜି ମଧ୍ୟ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଲଗାତାର ୩ ଦିନ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିବା ସହ ବ୍ୟାପକ ପୁଲିସ୍ ମୁତୟନ ହୋଇଛନ୍ତି। ଅପରପକ୍ଷରେ, ଆସନ୍ତାକାଲି (ଗୁରୁବାର) ଅବୈଧ ଭାବେ ଅକ୍ତିଆର ହୋଇଥିବା ସମସ୍ତ କ୍ୱାର୍ଟର୍ସକୁ ଜବରଦଖଲମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଇଛି। ଚାକିରି ସରିବା ପରେ ମଧ୍ୟ ଅନେକ କର୍ମଚାରୀ କ୍ୟାମ୍ପସ୍‌ରେ ରହୁଛନ୍ତି। ଅନେକ କ୍ୱାର୍ଟର୍ସକୁ ବେଆଇନ ଭାବେ କିଛି କର୍ମଚାରୀ ଓ ବାହାର ଲୋକ କବ୍‌ଜା କରିଛନ୍ତି। ଦୀର୍ଘ ଦିନରୁ ବେଆଇନ ଅକ୍ତିଆର ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ଅନେକ ବସ୍ତି ଗଢ଼ିଉଠିଛି।

**କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବିରେ ଧାରଣା**

ସେମାନଙ୍କ ପାଇଁ ନିଶା କାରବାର ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି କରୁଛି। ଏଣୁ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ପୁନଃ ଦାବି କରିବା ସହ ଧାରଣା ଦେଇଛନ୍ତି। ଅପରପକ୍ଷରେ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍-ଆଉଟ୍ କରାଯିବ ବୋଲି ଦୋହରାଇଛନ୍ତି। ପୂର୍ବରୁ ବେଆଇନ ଭାବେ ଦଖଲ ହୋଇଥିବା କ୍ୱାର୍ଟର୍ସ ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ସମସ୍ତଙ୍କୁ ଉଚ୍ଛେଦ କରାଯିବ ବୋଲି ଧାରଣାରତ ଛାତ୍ରଙ୍କୁ କୁଳପତି କହିଛନ୍ତି। ଅପରପକ୍ଷରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର କ୍ୱାର୍ଟର୍ସ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଜୋନ୍ ଏସିପି ଗଣମାଧ୍ୟମକୁ ସୂଚନା ଦେଇ ଆଇନଶୃଙ୍ଖଳା ବଜାୟ ରଖି ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି। ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ପୁଲିସ୍ ପହରାକୁ ଅଧିକ କଡ଼ାକଡ଼ି କରାଯାଇଛି। ହଷ୍ଟେଲ୍ ସମ୍ମୁଖରେ ଅସ୍ଥାୟୀ କ୍ୟାମ୍ପ କରିବା ସହ ହଷ୍ଟେଲ୍‌କୁ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିଛି।

## ୬୨୮ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୦।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ଟପିଛି। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜଳସ୍ତର ରହିଥିବା ନଦୀବନ୍ଧ ସୂତ୍ରରୁ କୁହାଯାଇଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୨୫ଫୁଟ୍ ରହିଥିଲା। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୩୯୫ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୨,୨୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬,୩୦୫ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୫୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୧୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୦.୮୯ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୨୫ ଫୁଟ୍ ରହିଥିଲା।


**NOTICE**

By virtue of an affidavit sworn before Executive Magistrate, Birmaharajpur, dated 06/09/2025, I Prashanna Kumar Padhan, At- Kanpur, Po/Ps- Birmaharajpur, Dist- Subarnapur, Pin-767018 declare that I have changed my name from Prasanna Kumar Padhan to Prashanna Kumar Padhan. Henceforth, I shall be known as Prashanna Kumar Padhan for all purposes.

Prashanna Kumar Padhan

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS2025 033, ତା.21.08.2025ରିଖର

**ଶୁଦ୍ଧିପତ୍ର ସଂ. 01**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ ।

ବିଷୟ : କାର୍ଯ୍ୟ ଶେଷ ହେବା ଅବଧି :

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 18 (ଅଠର) ମାସ | 24 (ଚବିଶି) ମାସ |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-102/CI/25-26

**AFFIDAVIT**

I Susanta Kumar Sahu, aged about 47 years, S/o- Gandharba Sahoo, resident of Shyampur, Near Sum Hospital, PO- Ghatikia, Ps- Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1838, dtd. 09/09/2025 that now onwards I shall be known as **SUSANTA KUMAR SAHOO** for all future purposes.

**AFFIDAVIT**

I Arpita Sahu, aged about 45 years, W/o- Susanta Kumar Sahoo, resident of Shyampur, Near Sum Hospital, PO- Ghatikia, Ps-Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1839, dtd. 09/09/2025 that now onwards I shall be known as **ARPITA SAHOO** for all future purposes.

**AFFIDAVIT**

By virtue of an affidavit No-1489, sworn before the Executive magistrate, Gondia, Dhenkanal on dtd- 08/09/2025, I **Ambuja Dehuri**, S/o- Ratanakar Dehuri, resident of At-Balipasi, Po/Ps- Nihalprasad, Dist- Dhenkanal, Pin-759016. My Aadhar Card bearing No: 3293 5768 8989, My LIC Policy Bond vide No: 585273373 & my SBI Account Passbook vide A/C No: 35711518947. I have changed my name from **Kalandi Dehury** (old name) to **Ambuja Dehuri** (new name). Henceforth both the names Kalandi Dehury and Ambuja Dehuri is one & same person & I will be known as **Ambuja Dehuri** (new name) for all future purposes.

**Ambuja Dehuri**

**NOTICE (for Minor)**

By virtue of an affidavit sworn before Executive Magistrate, Bhubaneswar Dated. 04.09.2025 I Bichitrananda Dalai Address At- Soti, Po- Hatsahi, Ps. Panikoili, Dist- Jajpur, Odisha, pin-755043, declare that i have changed the name of my daughter from Jaeyinaseni Dalai to Jagyanseni Dalai. Henceforth, she shall be known as Jagyanseni Dalai for all purpose.

Bichitrananda Dalai

**NOTICE**

By virtue of an affidavit sworn before the Executive Magistrate, Talcher, Dist.-Angul, dated 09th day of September 2025 I, Dipak Debta, At- Ghantapada, Podachalgarh, Po- Ghantapada, Ps – Colliery, Dist.- Angul, Odisha - 759103 declare that I have change my minor son name from ABHINAM DEBATA to ABHINAM DEBTA. Henceforth, my minor son shall be known as ABHINAM DEBTA for all purpose.

Sd/- Dipak Debta

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chandrika Mali. Henceforth She will be known as Chandrika Mali for all purposes.

Sd/- Sanu Mali

**NOTICE**

By virtue of an affidavit sworn before Executive Magistrate, Udala, Mayurbhanj No-4844, dated 09.09.2025 I, Suryakanta Nayak, Address At- Nandursahi, Po-Sarbanaghaty, Ps- Kaptipada, Dist- Mayurbhanj, Odisha-757077 declare that I have changed my name from Sruyakanta Nayak to Suryakanta Nayak. Henceforth, I will be known as **Suryakanta Nayak** for all purposes.

**AFFIDAVIT**

**I, Jayanta Kumar Giri,** aged about 49 years, son of Pratap Chandra Giri, resident of at Plot No.: 371/4086, Nandighosh Nagar, Sisupal, P.O.: Sisupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, declare that I have changed the name of my daughter from **Sadhanamani Padmagiri** (old name to **Sadhana Manipadma Giri** (new name). Henceforth, she shall be known as **Sadhana Manipadma Giri** (new name) for all purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Bilipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.

(Sd- **MANASI BEHERA**)

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 21.08.2025. I JAMINRAJ NAYAK , S/o. AJAYA Nayak, Address Jhimabadi, Po: Partamaha, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from Jaminraj Digal to JAMINRAJ NAYAK son of Ajaya Pradhan to AJAYA NAYAK. Henceforth, I shall be known as JAMINRAJ NAYAK son of AJAYA NAYAK for all purposes.

**AFFIDAVIT**

I, Bijay Kumar Sahu, S/o- Prahallad Chandra Sahoo, Resident of Village- Kundibag, PO- Bhadrak By-Pass, PS- Sabarang, Dist-Bhadrak, Pin -756181, Odisha, declare by this affidavit No -.8365, dated - 09.09.2025, that now on-wards I shall be known as **BIJAY KUMAR SAHOO** for all future purposes.

**AFFIDAVIT**

I, Minarani Sahu, W/o- Bijay Kumar Sahoo, Resident of Village- Kundibag, PO - Bhadrak By- Pass, PS - Sabarang, Dist-Bhadrak, Pin - 756181, Odisha, declare by this affidavit No - 8369, dated - 0 9.09.2025, that now onwards I shall be known as **MEENARANI SAHOO** for all future purposes.

**AFFIDAVIT**

I, Prahallad Chandra Sahu, S/o Late Karunakar Sahoo, Resident of Village- Kundibag, PO-Bhadrak By-Pass, PS-Sabarang, Dist-Bhadrak, Pin - 756181, Odisha, declare by this affidavit No -932, dated - 09.09.2025, that now on-wards I shall be known as **PRAHALLAD CHANDRA SAHOO** for all future purposes.

**GOVERNMENT OF ODISHA** A-604

**DEPARTMENT OF WATER RESOURCES**

**'e' Procurement Notice No 03 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | Rs.12.58 Lakhs to 99.96 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 12.09.2025 to 17.00 hours 21.09.2025 |
| 6 | Last date/ Time for receipt of Bids in the Portal | 21.09.2025 up to 17.00 hours |
| 7 | Date and place of opening of Technical Bid | Dt. 22.09.2025 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 24.09.2025 |
| 9 | Date of lottery scheduled to be held (If required) | 26.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal "https://tendersodisha.gov.in"

Superintending Engineer, Minor Irrigation Division, Balangir.

OIPR-32550/11/0007/2526

■ ଦଲାଲ କିଣୁଛନ୍ତି ପିଡିଏସ୍ ଚାଉଳ ଓ ମାଣ୍ଡିଆ

# ଲଗାମ ଦେବାରେ ବିଫଳ ପ୍ରଶାସନ



କାଲିମେଳା,୧୦।୯(ସମିସ): ଆହାର ପାଇଁ ଯେପରି କୌଣସି ବ୍ୟକ୍ତିକୁ ସଂଘର୍ଷ କରିବାକୁ ନ ପଡ଼େ ସେଥିପାଇଁ ଗରିବ ଓ ଅସହାୟଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଏବଂ ମାଣ୍ଡିଆ ଯୋଗାଇ ଦେଉଛନ୍ତି। ତେବେ ତୃଣମୂଳ ସ୍ତରରେ କିନ୍ତୁ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଗରିବ ଓ ଅସହାୟ ଲୋକେ ଦଲାଲଙ୍କ କବଜାରେ ପଡି ମାସକ ପାଇଁ ମିଳୁଥିବା ଏହି ଚାଉଳ ଏବଂ ମାଣ୍ଡିଆ ବିକ୍ରି କରୁଥିବା ଚିତ୍ର ଦେଖିବାକୁ ମିଳିଛି। ଏଭଳି ଘଟଣା କାଲିମେଳା ବ୍ଲକ ତେଲେରାଇ ପଞ୍ଚାୟତ ସଦର ମହକୁମାରେ ଦେଖିବାକୁ ମିଳିଥିଲା। ପଞ୍ଚାୟତ ସମ୍ମୁଖରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ଗୃହରେ ଗଚ୍ଛିତ କରି ଦଲାଲ ମାନେ ଖୋଲାଖୋଲି ଭାବେ ଏହି ପିଡିଏସ୍ ମାଣ୍ଡିଆ ଖରିଦ କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ବିଡମ୍ବନାର ବିଷୟ ପାଲଟିଛି। ପ୍ରତିଥର ଚାଉଳ ଏବଂ ମାଣ୍ଡିଆ ଦେବା ସମୟରେ ଉକ୍ତ ବ୍ୟକ୍ତି ମାନେ ଲୋକଙ୍କ ଠାରୁ ୧୮ରୁ ୨୦ ଟଙ୍କା ଦରରେ ଖରିଦ କରି ବଡ଼ ବ୍ୟବସାୟୀଙ୍କୁ ଅଧିକ ଅର୍ଥରେ ବିକ୍ରି କରି ଲାଭବାନ ହେଉଥିବା ଜଣାପଡ଼ିଛି। ଏପରି ସ୍ଥିତିରେ ଗରିବ ଓ ଅସହାୟଙ୍କ ପାଇଁ ଆସୁଥିବା ପିଡିଏସ୍ ଚାଉଳ ଏବଂ ମାଣ୍ଡିଆ ବଣ୍ଟନ ସମୟରେ ବ୍ୟବସାୟ କରୁଥିବା ଦଲାଲ୍ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୪ କିଲୋମିଟର ଖଟିଆରେ ବୁହାହେଲେ ଗର୍ଭବତୀ



କାଶୀପୁର,୧୦।୯(ସମିସ):- ଗାଁକୁ ନାହିଁ ରାସ୍ତା, ୪କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୁହାହେଲେ ଗର୍ଭବତୀ। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଖମ୍ବପଦର ଗାଁରୁ ଏଭଳି ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ଗାଁର ମହିଳା ଅଲି ମାଝୀ ପ୍ରସବ ଯନ୍ତ୍ରଣା ହେବା ପରେ ତାଙ୍କୁ ମେଡିକାଲ ନେବାକୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁକୁ ଆମ୍ବୁଲାନ୍ସ ଆସିପାରିନଥିଲା। ଫଳରେ ଆଶାଦିଦିଙ୍କ ସହାୟତରେ ଆମ୍ବୁଲାନ୍ସ କର୍ମଚାରି ପରିବାର ଲୋକେ ଖଟିଆରେ ବୋହି ପାହାଡିଆ ରାସ୍ତାରେ ଗର୍ଭବତୀ ମହିଳା ଜଣଙ୍କୁ ୪ କିଲୋମିଟର ଯାଏ ବୋହିନେବା ସହ ଗ୍ରାମଠାରୁ ୪ କିଲୋମିଟର ଦୂରରେ ଥିବା ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଏହାପରେ ଗର୍ଭବତୀ ମହିଳାଙ୍କୁ କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଗାଁକୁ ଭଲ ରାସ୍ତା ଖଣ୍ଡିଏ ପାଇଁ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନକୁ ବାରମ୍ବାର ଅନୁରୋଧ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଯେ, ଦୀର୍ଘ ଦିନ ଧରି କାଶୀପୁର ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ ହୋଇ ପଡ଼ି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାଶୀପୁରକୁ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଉ ନ ଥିବାରୁ ବିଭିନ୍ନ ସମୟରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ତୁରନ୍ତ କାଶୀପୁରକୁ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି କରା ଯାଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଶୀପୁର ବ୍ଲକରେ ରାସ୍ତା ନ ଥିବା

**● ପୁଣି ଜନନୀ ଯନ୍ତ୍ରଣାର ଚିତ୍ର**

ଗାଁ ଗୁଡିକୁ ରାସ୍ତା ସଂଯୋଗ ନିମନ୍ତେ ପ୍ରଶାସନ ତଥା ସରକାରଙ୍କ ନିକଟରେ ଆଲୋଚନା କରି ଲୋକଙ୍କ ମୌଳିକ ସମସ୍ୟାକୁ ଦୂରେଇବା ପାଇଁ ବ୍ଲକ ବାସୀଙ୍କୁ ପ୍ରତିଶୃତି ଦେଇଥିବା ଏବଂ ନିଜ ଏକ ବର୍ଷ ପୂର୍ତ୍ତି ରିପୋର୍ଟ କାର୍ଡରେ ଉଲ୍ଲେଖ କରିଥିବା ବେଳେ ରାସ୍ତା ନ ଥିବାରୁ ଆଜି ମଧ୍ୟ ଗର୍ଭବତୀ ମହିଳାମାନେ ଗର୍ଭ ଯନ୍ତ୍ରଣା ଠାରୁ ରାସ୍ତା ଯନ୍ତ୍ରଣାରେ ଅଧିକ ଛଟପଟ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

● ଜିଓ ଟାୱାର କମ୍ପାନୀର ମନମାନୀ

# ବିଡିଓ ଓ ତହସିଲଦାରଙ୍କ ଦ୍ୱାରସ୍ଥ ଗାଁ ଲୋକେ

ବୈପାରୀଗୁଡ଼ା,୧୦।୯ (ସମିସ): ଜିଓ ଟାୱାର ଲାଇନ୍ ତାର ବିଛାଇବା ପାଇଁ ରାସ୍ତା ଖଳି ଛାଡିଦେଲେ ଠିକାଦାର। ହନ୍ତସନ୍ତ ହେଉଛନ୍ତି ଗାଁ ଲୋକେ। ରାସ୍ତା ମରମିତ ପାଇଁ ବିଡ଼ିଓ ଏବଂ ତହସିଲଦାରଙ୍କୁ ନିକଟରେ ଫେରାଦ ହୋଇଛନ୍ତି ଅଞ୍ଚଳବାସୀ। ମଙ୍ଗଳବାର ଦିନ ବୈପାରୀଗୁଡା ବିଡ଼ିଓ ଶକ୍ତି ମହାପାତ୍ର ଏବଂ ପରେ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ କରିଛନ୍ତି । ଗାଁ ଲୋକଙ୍କ ଅଭିଯୋଗ ଆନୁଯାୟୀ, ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତର କୋଟାଛକ ଲମତାପୁଟ ରାସ୍ତା ଏବଂ ପାରାଲ ଗାଁରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଦୁଇ କିଲୋମିଟର ନଷ୍ଟ ହୋଇଯାଇଛି। ପାରାଲ ଗାଁ ପାଇଁ କେବଳ ପ୍ରଧାନମନ୍ତ୍ରୀ ସଡ଼କ ଗୋଟିଏ ମାତ୍ର ରାସ୍ତାରେ ନିର୍ଭର କରନ୍ତି ଗାଁ ଲୋକେ। କିନ୍ତୁ କିଛି ଦିନ ତଳେ ଜିଓ ଟାୱାର ତାର ବିଛାଇବା ପାଇଁ ରାସ୍ତା ଖାଳି ଦେଲା ଠିକାଦାର। ହେଲେ କେବଳ ମାଟି ପକାଇ ଛାଡିଦେଇଥିଲା। ବର୍ଷାରେ ମାଟି ଧୋଇ ହୋଇ ଯାଇଛି । ଏବେ ରାସ୍ତା ସପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନି ବୋଲି ବିଡ଼ିଓ ଏବଂ ତହସିଲଦାରଙ୍କୁ ଅଭିଯୋଗ କରାଯାଇଛି।

● ଆମ୍ବ, କାଜୁ ଚାରାରୋପଣରେ ଦୁର୍ନୀତି

# ଆମ୍ବୁସ୍ ମ୍ୟାନ୍‌ର ତଦନ୍ତ ଆରମ୍ଭ



ବିଷମ କଟକ,୧୦।୯(ସମିସ): ଆମ୍ବ କାଜୁ ଚାରାରୋପଣରେ ମହା ଦୁର୍ନୀତି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଆମ୍ବୁସ୍ ମ୍ୟାନ। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କାଜୁବାଡି ଗ୍ରାମପଞ୍ଚାୟତର ବଡ଼ ଗୋଡିଗୁଡା ଗ୍ରାମରେ ଗୁରପୁର ଆଇଟିଡିଏ ତରଫରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଗୋଡିଗୁଡା ଗ୍ରାମ ୯ଜଣ ଚାଷୀଙ୍କୁ ନେଇ ୱାଡି ପ୍ଲାଣ୍ଟେସନରେ ଆମ୍ବ ଓ କାଜୁ ଚାଷ କରିଥିବା ଦର୍ଶାଇଥିବା ମନରେଗା ଯୋଜନାରେ ୯ଲକ୍ଷ ୨୭ହଜାର ଟଙ୍କା ବ୍ୟୟ ଅଟକଳର ଫାଇଲ ନଂ(୨୪୨୯୦୦୧/ଡି.ପି./୧୦୫୭୨୦୩୬) ଫାଇଲ ଖୋଲି ଟଙ୍କା ଆତ୍ମସାତ କରିଥିବା ନେଇ ଖବର ପ୍ରସାରଣ ପରେ ରାୟଗଡା ଜିଲ୍ଲାରେ ନବ ନିଯୁକ୍ତ ଆମ୍ବୁସମ୍ୟାନ୍ ଅକ୍ଷୟ କୁମାର ଦାଶ ଏହି ଦୁନୀତିର ତଦନ୍ତ ଭାର ନିଜ ହାତକୁ ନେଇଛନ୍ତି। ଆମ୍ବୁସମ୍ୟାନ୍ ଗୋଡିଗୁଡା ଗ୍ରାମକୁ ଯାଇ ବ୍ୟକ୍ତିଗତ ଭାବେ ତାଲିକାରେ ରହିଥିବା କିଛି ଚାଷୀଙ୍କୁ ଭେଟି ଚାରାରୋପଣ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିବା ବେଳେ ଚାଷୀମାନେ ଅଳ୍ପ ସଂଖ୍ୟକ ଚାରା ପାଇଥିବା କହିବା ସହ ଚାରାରୋପଣ ବାବଦରେ ଟଙ୍କାଟିଏ ମଧ୍ୟ ପାଇନଥିବା ପ୍ରକାଶ କରିଥିଲେ। ଶ୍ରୀ ଦାଶ ଚାଷୀମାନଙ୍କ ବୟାନ୍‌କୁ ରେକର୍ଡ କରିଥିବା ବେଳେ ତାଲିକାରେ ରହିଥିବା ୫ଜଣ ଚାଷୀଙ୍କ ଗାଁରେ ଅନୁପସ୍ଥିତ ରହିଥିବାରୁ ସେମାନଙ୍କ ବୟାନ୍ ରେକର୍ଡ ହୋଇପାରିନଥିଲା। ଚାଷୀ ଏବଂ କାଜୁବାଡି ସରପଞ୍ଚଙ୍କ ଠାରୁ ସମସ୍ତ କଥା ଶୁଣିସାରିବା ପରେ ୧୫ଦିନ ମଧ୍ୟରେ ପ୍ରକୃତ ହିତାଧିକାରୀ ମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ଆଇଟିଡିଏ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ପ୍ରକୃତ ଚାଷୀ ମାନଙ୍କୁ ପ୍ରାପ୍ୟ ପ୍ରଦାନ ପରେ ବଳକା ଟଙ୍କା ସରକାରଙ୍କ

**● ୯ ଜଣ ହିତାଧିକାରୀରେ ୫ ନକଲି**

ତହବିଲରେ ପଇଠ କରିବା ନିମନ୍ତେ ମଧ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତିତ ବିଭାଗୀୟ ବାବୁ ମାନେ ପୁଣି ୨୦୨୩ ମସିହାରେ ଏହି ମିଛ ମିଛିକା କାଜୁ ଆମ୍ବ ବଗିଚାର ରକ୍ଷଣାବେକ୍ଷଣ ନିମନ୍ତେ ଏକ ଫାଇଲ (୨୪୨୯୦୦୧/ଡି.ପି./ ୧୦୮୬୪୭୮୩) ୫ଲକ୍ଷ ୮୪ହଜାରର ବ୍ୟୟ ଅଟକଳ ପ୍ରସ୍ତୁତ କରିଥିଲେ। ୨୦୨୩ରୁ ୨୦୨୫ ଜାନୁୟାରୀ ମାସ ସୁଦ୍ଧା ଏହି ବଗିଚା ଗୁଡିକର ରକ୍ଷଣା ବେକ୍ଷଣ ନିମନ୍ତେ ୧୧୫ ଜଣ ଶ୍ରମିକଙ୍କୁ ୧୫୨୪ଦିନର ଶ୍ରମ ଦିବସ ବାବଦକୁ ୩୮୩୫୪୦ ଟଙ୍କାର ମଜୁରୀ ମଧ୍ୟ ପ୍ରଦାନ କରାଯାଇଛି। ତେବେ ପାଞ୍ଚ ଜଣ ନକଲି ଚାଷୀ ରହିଥିବା ବେଳେ ଏହି ନକଲି ଚାଷୀଙ୍କ ଅର୍ଥ କିଏ ଆତ୍ମସାତ କରିଛି ତାହାର ତଦନ୍ତ ହେବ, ଯଦି ଚାଷୀଙ୍କ ବଗିଚାରେ କୌଣସି ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇନଥିବାର ପ୍ରମାଣ ହସ୍ତଗତ ହେବ, ତେବେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୁପାରିସ କରିବା ସହ ସମସ୍ତ ଟଙ୍କା ଆଦାୟ କରାଯିବ ବୋଲି ଆମ୍ବୁସ୍ମ୍ୟାନ ଅକ୍ଷୟ କୁମାର ଦାଶ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଚନ୍ଦ୍ରପୁର,୧୦।୯(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଚନ୍ଦ୍ରପୁର ଉଚ୍ଚ ମାଧମିକ ବିଦ୍ୟାଳୟର ଖେଳପଡିଆଠାରେ ଶିକ୍ଷା ବିଭାଗ ପକ୍ଷରୁ ଦୁଇଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପ୍ରତିଯୋଗିତାଟି ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଭାଗରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଓ ଅନ୍ୟଟି ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନେ ଭାଗନେଇ ଥିଲେ। ଏହି କ୍ରୀଡ଼ାରେ ୧୦୦ମିଟରରୁ ୮୦୦ ମିଟର ଦୌଡ଼ , ସଟପୁଟ୍ ଡିସକସ୍, ଲଙ୍ଗ୍ ଜମ୍ପ, ହାଇ ଜମ୍ପ୍, କବାଡି, ଖୋ-ଖୋ, ବ୍ୟାଡମିଣ୍ଟନ, କ୍ରିକେଟ୍ , ଭଲିବଲ୍ ଏବଂ ଯୋଗ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହେବ। ଉକ୍ତ କ୍ରୀଡା ପ୍ରତିଯୋଗିତାରେ ୧୫୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେବା ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି। ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର ସଭାପତିତ୍ୱ କରିଥିଲେ। ସିଡିପିଓ ଗୀତାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା, ସାମାଜିକ କର୍ମୀ ବିଜୟ ଉଲ୍ଲାକା, ହାଡ଼ିପା ଗୌଡ଼ ଚନ୍ଦ୍ରପୁର ଏସ୍‌ଏସ୍‌ଡି ବାଳକ ବିଦ୍ୟାଳୟର ବରିଷ୍ଠ କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ କୈଳାଶ ମାଳବିଶୋଇ, ସୁକାନ୍ତ ବେହେରା, ସଞ୍ଜୟ ନାଗ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଓ ସିଆରସିସି ରଜନୀକାନ୍ତ ବଳିୟାର ସିଂହ ମଞ୍ଚ ପରିଚାଳନା କରିଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ ଓ ବ୍ଲକର ସମସ୍ତ ସିଆରସିସି ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ପାଞ୍ଚଜଣ କ୍ରୀଡା ଶିକ୍ଷକ ଏହି କ୍ରୀଡ଼ାକୁ ପରିଚାଳନା କରିଥିଲେ। ଅତିଥି ମାନଙ୍କୁ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭ ମହୁରତ କରାଯାଇଥିଲା।

# ରକ୍ତଭଣ୍ଡାରରେ ରକ୍ତ ମହଜୁଦ ରହିବା ଆବଶ୍ୟକ: ରାଜ୍ୟପାଳ

କୋରାପୁଟ,୧୦।୯(ସମିସ): ଜରୁରୀ କାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ରକ୍ତଭଣ୍ଡାରରେ ସର୍ବଦା ବିଭିନ୍ନ ବର୍ଗର ରକ୍ତ ମହଜୁଦ ରହିବା ଆବଶ୍ୟକ ବୋଲି ମହାମହିମ ରାଜ୍ୟପାଳ ଡଃ ହରି ବାବୁ କମ୍ଭମ୍ପତି ଭାରତୀୟ ରେଡକ୍ରସ୍ ସୋସାଇଟି କୋରାପୁଟ ଶାଖାର କର୍ମକର୍ତ୍ତାଙ୍କ ସହ ସାକ୍ଷାତ ସମୟରେ କହିଛନ୍ତି। ରାଜ୍ୟପାଳଙ୍କ କୋରାପୁଟ ଗସ୍ତ ଅବସରରେ ଗତକାଲି ସନ୍ଧ୍ୟାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୌରଞ୍ଜିତା ମାଝୀ, ରେଡକ୍ରସର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ, ଡ଼ଃ ଉମା ଶଙ୍କର ପ୍ରସାଦ ପାତ୍ର, ବିଜୟ କୁମାର ସାହୁ, ଶାହେଦା ପରୱିନ, ପ୍ରମୋଦ ସେଠି, ଜିଲ୍ଲା ଯୁବ ରେଡକ୍ରସର ସଂଯୋଜକ ଡ଼ଃ ନରେଶ ଚନ୍ଦ୍ର ସାହୁ, ଜିଲ୍ଲା ଯୁବ ରେଡକ୍ରସର କନଭେନର ସେକ୍ରେଟାରୀ ଡଃ ଲୋପାମୁଦ୍ରା ସ୍ୱାଇଁ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ହରେ କୃଷ୍ଣ ମହାରଣା ଓ ଦୁଇ ଜଣ ସ୍ୱେଚ୍ଛାସେବୀ ରାଜ୍ୟପାଳଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ସାକ୍ଷାତ କରି ରକ୍ତଦାନ ଅଭିଯାନ ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ




ରାୟଗଡ଼ା,୧୦।୯(ସମିସ): ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ଅବସରରେ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ନର୍ସିଂ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା. ମମତା ଚୌଧୁରୀ ଯୋଗ ଦେଇ ନିଜ ଅଭିଭାଷଣରେ ସଚେତନତା ସହିତ କେମିତି ଆମେ ନିଜର ଆଶା ପ୍ରକାଶ କରି ପାରିବା ସେ ବିଷୟରେ ଆଲୋକପାତ କରିଥିଲେ। ଆତ୍ମହତ୍ୟା କୌଣସି ସମାଧାନ ନୁହେଁ, ଠିକ୍ ସମୟରେ ପରାମର୍ଶ, ସହାନୁଭୂତି ଓ ସମର୍ଥନ ମିଳିଲେ ଏହାକୁ ପ୍ରତିରୋଧ କରିହେବ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ "ନୀରବତାରୁ କଥାବାର୍ତ୍ତା, ଅପବାଦରୁ ସମର୍ଥନ ଓ ନିରାଶାରୁ ଆଶା'ର ବାଣୀକୁ ସମାଜରେ ପ୍ରଚାର କରିବାର ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଶେଷଜ୍ଞ ଡା. ରାକେଶ ରଞ୍ଜନ ପାଢି, ମାନସିକ ସ୍ୱାସ୍ଥ୍ୟ ଦଳର ଅନ୍ୟାନ୍ୟ କର୍ମୀ ତଥା ମନୋ ଚିକିତ୍ସକ ସାମାଜିକ କର୍ମୀ କେ. ପୁର୍ଣ୍ଣଚନ୍ଦ୍ର ଓ ଗୋଷ୍ଠୀ ପର୍ଯ୍ୟବେକ୍ଷକ୍ ସମରଜିତ୍ ଖୁଣ୍ଟିଆ, ସେଞ୍ଚୁରିଆନ ବିଶ୍ଠବିଦ୍ୟାଳୟର ନର୍ସିଂ ଅଧ୍ୟକ୍ଷ ଉର୍ମିଳା କାତ୍ରୁ, ଆସିଷ୍ଟାଣ୍ଟ ପ୍ରଫେସର ପର୍ଲି ରବି ତେଜାଙ୍କ ସହ ଅନ୍ୟ ନର୍ସିଂ ଶିକ୍ଷକ ସହ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ମାନସିକ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ।

# ସମୂହ କ୍ରୀଡ଼ା ସଂଘର ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ


କଲ୍ୟାଣସିଂହପୁର,୧୦।୯(ସମିସ): ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଘ ପକ୍ଷରୁ ବ୍ଲକ୍‌ସ୍ତରୀୟ ଏକାଦଶ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ୍‌ର ୧୬ଟି ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ମୋଟ ୨୦୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମଟି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସେରିଗୁମ୍ମା ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମ ସେରିଗୁମ୍ମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ମେଳାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ମୋହନ କଣ୍ଡାଗରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସେରିଗୁମା ସରପଞ୍ଚ, ସିଆରସି ମଞ୍ଚାସୀନ ରହିଥିଲେ। ଏହି ଖେଳକୁଦରେ ଦୌଡ଼, ଉଚ୍ଚଡିଆଁ, ଲମ୍ବାଡିଆଁ, ସର୍ଟପୁଟ,ଡିସ୍‌କସ, କବାଡ଼ି, ଖୋଖୋ, ଫୁଟବଲ୍ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ନାରାୟଣପୁର ବିଦ୍ୟାଳୟର ଦୀପିକା ମିଣିଆକା ଓ ଦୈତାରି ମାଝୀ ଚାମ୍ପିଅନ୍ ହୋଇଥିବାରୁ ବିଦ୍ୟାଳୟର ଖେଳ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଚୁମୁକି ପାଣି ସେମାନଙ୍କୁ ପ୍ରଶଂସା କରିଛନ୍ତି।

# ରାଜ୍ୟପାଳଙ୍କ ବଣ୍ଡାଘାଟି ପରିଦର୍ଶନ



ଖଇରପୁଟ/ମାଥିଲି,୧୦।୯(ସମିସ): ଆଜି କୋରାପୁଟ ଠାରୁ ସ୍ୱତନ୍ତ୍ର କାର ଯୋଗେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତର ବଣ୍ଡାଘାଟି ଗସ୍ତ କରିଛନ୍ତି। ରାଜ୍ୟପାଳ ଡ. କମ୍ଭମପାଟି କୋରାପୁଟରୁ ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ଠାରେ ପହଞ୍ଚିବା ପରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସପି ବିନୋଦ ପାଟିଲ, ଡିଏଫଓ ସାଇ କିରନ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବନ ବିଭାଗ ଡାକ ବଙ୍ଗଳାକୁ ପାଛୋଟି ନେଇଥିଲେ। ଏହା ପରେ ରାଜ୍ୟପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ଗସ୍ତ କରିଥିଲେ। ଘାଟିରେ ପହଞ୍ଚିବା ପରେ ବଣ୍ଡା ପୁରୁଷ ଓ ମହିଳା ମାନେ ରାଜ୍ୟପାଳଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇ ଫୁଲମାଳ ଦେଇ ପବିତ୍ର ସୀତାକୁଣ୍ଡ ଓ ଶ୍ରୀରାମମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ରାଜ୍ୟପାଳ ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ଏହାର ବିକାଶ କିପରି କରାଯିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ବଣ୍ଡା ଉନ୍ନୟନ ସଂସ୍ଥା ପରିଦର୍ଶନ କରି ଆଦିମ ବଣ୍ଡା ଜନଜାତିଙ୍କ ପାଇଁ ସଂସ୍ଥା ଦ୍ୱାରା କିପରି ବିକାଶ ହୋଇଛି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ବଣ୍ଡା ଦକ୍ଷତା ବିକାଶ, ଟେଲରିଙ୍ଗ ୟୁନିଟ, ମଲ୍ଟି ପ୍ରୋସେସିଙ୍ଗ ୟୁନିଟ, ଆଦିମ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର ନିର୍ମାଣ କାରୁକାର୍ଯ୍ୟ ଦେଖିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଆଦିମ ବଣ୍ଡା ଜନଜାତିଙ୍କ ସୁବିଧାଅସୁବିଧା କଥା ପଚାରି ବୁଝିଥିଲେ। ସେହିପରି ବିଡିଏ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ୍ ଜନମନ୍, ଜଙ୍ଗଲ ଜମି ପଟ୍ଟା, ୮୦ ବର୍ଷରୁ ଉର୍ଦ୍ଧ୍ୱର ପେନସନ ହିତାଧୀକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନବାଡି କର୍ମୀ, ଯୁବ ସ୍ୱେଚ୍ଛାସେବୀ ଓ ଲକ୍ଷପତି ଦିଦି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ରାଜ୍ୟପାଳ। ସେହିପରି ୧୫ ଜଣ ଆଦିମ ବଣ୍ଡା ଓ ୧୧ ଜଣ ଡିଡ଼ାୟୀ ସମ୍ପ୍ରଦାୟର ହିତାଧୀକାରୀଙ୍କୁ ରାଜ୍ୟପାଳ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଛନ୍ତି। ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଜଣେ ହିତାଧୀକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିବା ବେଳେ ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ହଜାରେ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କୃଷି ବ୍ୟତୀତ ଗୋପାଳନ, ଛେଳି, କୁକୁଡ଼ା ଚାଷ ମାଧ୍ୟମରେ ମଧ ବଣ୍ଡା ଜନଜାତି ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ କହିଛନ୍ତି। ଏଦିଗରେ ବିହୀତ ପଦକ୍ଷେପ ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଏ ଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ବଣ୍ଡା ଘାଟିର ବିକାଶ ପ୍ରତି ଗୁରୁତ୍ୱ ଦେବା ସହ ଆଦିମ ବଣ୍ଡା ଜନଜାତିଙ୍କ ଉନ୍ନତି ପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସୁଫଳ ଏବଂ ଜଙ୍ଗଲ ଜମି ପଟ୍ଟା କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପକୃତ ହୋଇଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ। ବଣ୍ଡା ଘାଟିରେ ଥିବା କନ୍ୟାଶ୍ରମ ଓ ମଙ୍ଗଳ ବିଭାଗର ହାଇସ୍କୁଲ ପରିଦର୍ଶନ କରି ଶିକ୍ଷା ଦାନ କିପରି ହେଉଛି, ବିଦ୍ୟାଳୟର ଭିତ୍ତିଭୂମି ଏବଂ ସୁବିଧା ଅସୁବିଧା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ମିଶି ବସି ମଧ୍ୟାହ୍ନ ଭୋଜନ କରିଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ




ମାଲକାନଗିରି,୧୦।୯(ସମିସ): ନାହିଁ ନାହିଁ ରେ ଚାଲିଛି ମାଲକାନଗିରି ଜିଲ୍ଲା ସଦର ବ୍ଲକ, କର୍ମଚାରୀ ଙ୍କ ମରୁଡି ଯୋଗୁ ଉନ୍ନୟନ କାର୍ଯ୍ୟ ରେ ବାଧାସୃଷ୍ଟି ହୋଇଛି। ଅତିରିକ୍ତ ଦାୟିତ୍ୱରେ ଚାଲିଛି ଅନେକ ବିଭାଗ। ମାଲକାନଗିରି ସଦର ବ୍ଲକ ଅଫିସରରେ କିଛି କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହେବା ଫଳରେ ଅନେକ ପଦବି ଖାଲି ପଡିଛି। ଯାହା ଫଳରେ ପ୍ରାୟ ସମସ୍ତ ବିଭାଗ ଅଚଳ ହୋଇ ପଡିଛି । ବିଭିନ୍ନ ବିଭାଗର ପଦ ପଦବୀ ଗୁଡିକ ଅତିରିକ୍ତ ଦାୟିତ୍ୱରେ ଚାଲିଛି। ବ୍ଲକର ଅତିରିକ୍ତ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ମନରେଗା ଅତିରିକ୍ତ କାର୍ଯ୍ୟକ୍ରମ ଅଧୀକାରୀ, ମୁଖ୍ୟ କିରାଣୀ ଓ କୋଷାଧ୍ୟକ୍ଷ ପଦ ଗୁଡିକ ଖାଲିଥିବା ବେଳେ ଏହି ଗୁଡିକ ପଦ ଅତିରିକ୍ତ ଦାୟିତ୍ୱରେ ଚାଲିଛି। ମୁଖ୍ୟ କିରାଣୀଙ୍କ ଅନ୍ୟତ୍ର ବଦଳି ପରେ ଦୀର୍ଘ ଦିନ ଧରି ସେହି ସ୍ଥାନ ଖାଲି ପଡିଥିବା ବେଳେ ବର୍ତ୍ତମାନ ବରିଷ୍ଠ ରାଜସ୍ୱ କିରାଣୀ ରବିନ୍ଦ୍ର ପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ମୁଖ୍ୟ କିରାଣୀ ଦାୟିତ୍ୱ ଦିଆଯାଇଛି। ସେହିପରି କୋଷାଧ୍ୟକ୍ଷଙ୍କ ସ୍ଥାନରୁ ଅଜିତ ପାତ୍ରଙ୍କ ଖଇରପୁଟ ତହସିଲକୁ ବଦଳି ପରେ ସେହି ସ୍ଥାନ ଖାଲି ରହିଛି। ବର୍ତ୍ତମାନ ସେଠାରେ

**● ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ**

ଏଷ୍ଟାବ୍ଲିସ୍‌ମେଣ୍ଟ ଦାୟିତ୍ୱରେ ଥିବା ବରିଷ୍ଠ କିରାଣୀ ମୁନା ପାତ୍ରଙ୍କୁ ଅତିରିକ୍ତ ଦାୟତ୍ୱ ଦିଆଯାଇଛି। ସେହିପରି ଉନ୍ନୟନ କିରାଣୀ ସ୍ଥାନ ଖାଲିଥିବାରୁ ସେଠାରେ କନିଷ୍ଠ କିରାଣୀ ପ୍ରଦ୍ୟୁମ୍ନ ପରିଡାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗ୍ରାମପଞ୍ଚାୟତ ସଂପ୍ରସାରଣ ସାରଣ ଅଧିକାରୀ ଶଙ୍କର୍ଷଣ ଖଣ୍ଡୁଆଳଙ୍କ ପ୍ରମୋଶନ ପରେ ବଦଳି କରି ସେହି ଖାଲିସ୍ଥାନକୁ ପୂରଣ କରିବା ନିମନ୍ତେ ଗ୍ରାମପଞ୍ଚାୟତ ନିର୍ବାହ ଅଧିକାରୀ ବିଷ୍ଣୁ ଚରଣ ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ତାଙ୍କୁ ଉଡୁପା ଗ୍ରାମପଞ୍ଚାୟତ ଓ ପେଡାକୋଣ୍ଡା ଗ୍ରାମପଞ୍ଚାୟତ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି। ଶ୍ରୀ ତ୍ରିପାଠୀ ଯଦି ସମିତିର ସମ୍ପ୍ରସାରଣ କଥା ବୁଝିବେ, ତାହେଲେ ଦୁଇ ଦୁଇଟି ପଞ୍ଚାୟତ କଥା ବୁଝିବ କିଏ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ବ୍ଲକରେ ୧୯ ଗୋଟି ଗ୍ରାମପଞ୍ଚାୟତରେ ଥିବା ବେଳେ ମାତ୍ର ୧୦ ଜଣ ପଞ୍ଚାୟତ ନିର୍ବାହି ଅଧିକାରୀ ରହିଛନ୍ତି। ଏବେ ମାଲକାନଗିରି ବ୍ଲକରେ କର୍ମଚାରୀଙ୍କ ମରୁଡି ଯୋଗୁ ନାହିଁ ନାହିଁରେ ଚାଲିଛି ବ୍ଲକ। ବିଭିନ୍ନ କାର୍ଯ୍ୟ ପାଇଁ ଦୂର ଦୁରାନ୍ତ ଗ୍ରାମରୁ ଖର୍ଚ୍ଚାନ୍ତ ହୋଇ ଆସୁଥିବା ଗରିବ ଲୋକେ ସେମାନଙ୍କ କାର୍ଯ୍ୟ କରି ନପାରି ନିରାଶ ହୋଇ ଫେରି ଯାଉଛନ୍ତି।

# ଲ୍ୟାମ୍ପ୍‌ସ ପରିଦର୍ଶନ କଲେ କେସିସି ବ୍ୟାଙ୍କ୍ ଚେୟାରମ୍ୟାନ



କୋରୁକୋଣ୍ଡା,୧୦।୯ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ସ୍ଥିତ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟକୁ ଆଜି ଅଚାନକ ପରିଦର୍ଶନ କରିଛନ୍ତି କେସିସି ଚେୟାରମ୍ୟାନ ଈଶ୍ୱର ପାଣିଗ୍ରାହୀ। ଏହି ଅବସରରେ ସେ ପ୍ରଥମେ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟକୁ ଯାଇ ସେଠାରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଜୟପୁର କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଲୋନ୍ ମ୍ୟାନେଜର ମନୋଜ କୁମାର ସାହୁ, କେସିସି ବ୍ୟାଙ୍କ ନିର୍ଦ୍ଦେଶକ ରମା ରାଉଳ, କୋରୁକୋଣ୍ଡା ଲ୍ୟାମ୍ପ୍‌ସ ଅଧ୍ୟକ୍ଷ ସାଲୁ ଖିଲ, ଉପାଧ୍ୟକ୍ଷା ପଦ୍ମିନୀ ଖିଲ, ଏମ୍‌ଡି ଅଭିମନ୍ୟୁ ହାଲବାଙ୍କ ସମେତ ଅନ୍ୟ ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ। ବୈଠକରେ ଲ୍ୟାମ୍ପ୍‌ସର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚାଷୀମାନେ ନିଜର ଅଭିଯୋଗ ସିଧାସଳଖ ଚେୟାରମ୍ୟାନଙ୍କୁ ଜଣାଇଥିଲେ। ପରେ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ନିକଟରେ ଥିବା ଗୋଦାମ ଗୃହ ପରିଦର୍ଶନ କରିଥିଲେ। ଉକ୍ତ ଗୋଦାମ ଗୃହ ନିକଟରେ ୧ କୋଟି ୭୮ ଲକ୍ଷ ଟଙ୍କାର ନିଜସ୍ୱ ଶସ୍ୟ ଗୋଦାମ ଗୃହ ନିର୍ମାଣ କରିବାକୁ ଲ୍ୟାମ୍ପ୍‌ସ ପକ୍ଷରୁ ସ୍ଥିର କରାଯାଇଥିବା ବେଳେ ନିଜସ୍ୱ ଜାଗା ଲ୍ୟାମ୍ପ୍‌ସ କେତେ ରହିଛି ତାହାର ଅନୁଧ୍ୟାନ କରିଥିଲେ ଚେୟାରମ୍ୟାନ। ଏଥିସହ ସାରର କଳା ବଜାରୀ ହେଉଥିବା ନେଇ କିଛି ଚାଷୀ ଅଭିଯୋଗ କରିଥିଲେ। ଯେପରିକି କିଛି ଡିଲର ନିଜ ଦୋକାନରେ ୟୁରିଆ ସାର ୬୦୦ ରୁ ୭୦୦ ଟଙ୍କାରେ ବିକ୍ରି କରୁଥିବା ନେଇ ସେ ଜିଲ୍ଲା କୃଷି ଅଧିକାରୀଙ୍କୁ ଅବଗତ କରାଇ ପଦକ୍ଷେପ ନେବେ ବୋଲି ଆଶ୍ୱାସନ ଦେଇଥିଲେ।

## ରାୟଗଡ଼ା ଜିଲ୍ଲା ବିଜେଡିର ସାମ୍ବାଦିକ ସମ୍ମିଳନୀ

# ଭାସ୍କରଙ୍କ ବିନା ଜିଲ୍ଲାରେ ବିଜେଡି ଆହୁରି ଶକ୍ତିଶାଳୀ ହେବ : ଜଗନ୍ନାଥ ସାରକା




ରାୟଗଡ଼ା,୧୦।୯ (ସମିସ): ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ତଥା ଜିଲ୍ଲା ସଭାପତି ଏନ.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସମେତ ଅନ୍ୟ କିଛି ବିଜେଡି କର୍ମକର୍ତ୍ତା ଗତକାଲି ବିଜେଡି ଦଳରୁ ଇସ୍ତଫା ଦେଇଥିଲେ। ଆଜି ହୋଟେଲ କୈଳାସ ଠାରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଭାସ୍କର ରାଓଙ୍କ ବିନା ରାୟଗଡ଼ା ବିଜୁ ଜନତା ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ନବନିଯୁକ୍ତ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା। ସେ କହିଛନ୍ତି , ବିଜେଡି ସୁପ୍ରିମୋ ରାୟଗଡ଼ା ଜିଲ୍ଲା ସଭାପତି ନାମ ଘୋଷଣା ପରେ ଗତ ୫ ତାରିଖ ଦିନ ଭାସ୍କରଙ୍କୁ ଜଣେ ବରିଷ୍ଠ ନେତା ଭାବେ ସମ୍ମାନ ଜଣାଇ ଜିଲ୍ଲାର ବିକାଶ ପାଇଁ ମିଳିମିଶି କାମ କରିବା ପାଇଁ ସେ ତାଙ୍କୁ ସାକ୍ଷାତ କରିଥିଲେ। ସେ ମଧ ଏଥିରେ ସହମତି ପ୍ରକାଶ କରିଥିଲେ। ଗତ ଗତ ୯ ତାରିଖରେ ଜିଲ୍ଲା ସଭାପତି ଚୟନକୁ ଆଳ କରି ସେ ବିଜୁ ପରିବାରରୁ ଅଲଗା ହୋଇଥିବା ଦର୍ଶାଇ ଇସ୍ତଫା ଦେଇ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିବାର ଘୋଷଣା କରିଛନ୍ତି। ଯାହାକି ତାଙ୍କର ଏହା ବ୍ୟକ୍ତିଗତ ନିଷ୍ପତି ହୋଇଥାଇପାରେ। କିନ୍ତୁ ତାଙ୍କର ଦଳ ଛାଡିବାରେ ଜିଲ୍ଲା ବିଜେଡିରେ କୌଣସି ପ୍ରଭାବ ପଡିବ ନାହିଁ ବରଂ ଆହୁରି ସୁଦୃଢ ହେବ ବୋଲି ଶ୍ରୀ ସାରକା କହିଛନ୍ତି। ସେହିପରି ଭାସ୍କରଙ୍କ ବିଜେଡି ଛାଡିବା ପ୍ରସଙ୍ଗରେ ପୂର୍ବତନ ଜିଲ୍ଲା ସଭାପତି ସୁଧୀର ଦାସ କଡ଼ା ସମାଲୋଚନା କରିଛନ୍ତି। ରାୟଗଡ଼ାରେ ବିଜେଡିର ସ୍ଥିତି ଅନେକ ମଜବୁତ ଥିବା ଯୋଗୁଁ ଚଳିତ ମାସ ଆସନ୍ତା ୧୯ରୁ ୨୧ତାରିଖ ମଧ୍ୟରେ ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ବିଜେଡିର ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା କେବଳ ବିଜେଡି କର୍ମୀଙ୍କୁ ଉତ୍ସାହିତ କରିବାକୁ ,ବିଜେଡିକୁ ଭଲ ପାଇବାକୁ ନେଇ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ସେହିପରି ଗୁଣପୁର ଓ ବିଷମକଟକରେ ମଧ ଶୋଭାଯାତ୍ରା ହେବ ବୋଲି ସେ କହିଛନ୍ତି। ବିଜେଡି ସୁପ୍ରିମୋ ତଥା ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ,ବଳିଷ୍ଠ ନେତୃତ୍ୱ ଏବଂ ନୀତି ଆଦର୍ଶକୁ ନେଇ ଜିଲ୍ଲାବାସୀ ଆଜି ମଧ ବିଜୁ ଜନତା ଦଳକୁ ଭଲ ପାଇ ଆସୁଛନ୍ତି। ଜିଲ୍ଲାରେ ହଜାର ହଜାର ବିଜେଡି ପ୍ରେମୀ,ସମର୍ଥକମାନେ ରହିଛନ୍ତି। ଲୋକେ ନବୀନ ପଟ୍ଟନାୟକଙ୍କୁ ଦେଖି ଭୋଟ ଦେଇଛନ୍ତି ବୋଲି କହିବା ସହ ବିଜେଡି ଛାଡିଥିବା ଅନେକ ନେତା ବିଜୁବାବୁଙ୍କ ନାମରେ ମଞ୍ଚ ଗଠନ କରିଛନ୍ତି । କିନ୍ତୁ କେତେଜଣ ଏଥିରେ ସଫଳ ହୋଇଛନ୍ତି ରାଜ୍ୟବାସୀ ଜାଣିଛନ୍ତି। ତେଣୁ ଜିଲ୍ଲାରେ ବିଜେଡି ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ । ବରଂ ଦଳ ଆହୁରି ସୁଦୃଢ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଜେଡି ବିଧାୟକ ପ୍ରାର୍ଥିନୀ ଅନୁସୂୟା ମାଝି, ଗୁଣପୁର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଉପାଧ୍ୟକ୍ଷ ସନ୍ତୋଷ ସୁନା, ରାୟଗଡା ପୌରାଧ୍ୟକ୍ଷା ଶୁଭ୍ରା ପଣ୍ଡା,ବରିଷ୍ଠ ନେତା ପି.ଗୌରୀଶଙ୍କର ରାଓ, ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷ କୟନ କିମ୍ବାକା, କୋଲନରା ବ୍ଲକ୍ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା ପ୍ରମୁଖ ମଞ୍ଚାସୀନ ହୋଇ ଜିଲ୍ଲାରେ ବିଜେଡି ସଂଗଠନକୁ ଆହୁରି ସୁଦୃଢ କରିବା ପାଇଁ ସମସ୍ତ ବିଜେଡି କର୍ମୀ ତୃଣମୂଳ ସ୍ତରରେ ଲୋକଙ୍କ ନିକଟତର ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବିଷମକଟକ ବ୍ଲକ୍ ଅଧ୍ୟକ୍ଷା ଯଶୋଧରା ହୁଇକା ଓ କଲ୍ୟାଣସିଙ୍ଗପୁର ବ୍ଲକ୍ ଅଧ୍ୟକ୍ଷା ଅମ୍ବିକା କୁମ୍ବ୍ରିକା, ଜିଲ୍ଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁଙ୍କ ସମେତ ଦେବାଶିଷ ଖାଡଙ୍ଗା, ସତ୍ୟସୁନ୍ଦର ପାଢୀ, ମାଧାରାଓ କଣ୍ଡାଗରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନ୍ୟମାନେ ଉପସ୍ଥିତ ରହିଥିଲେ।

### ■ ରାୟଗଡ଼ା ବିଜେଡି କରିବ ବିରାଟ ଶୋଭାଯାତ୍ରା : ସୁଧୀର ଦାସ

# ୧୬ ଜଣ ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା,୧୦।୯ (ସମିସ): ସୁନାବେଡା ପୌର ପରିଷଦ କଲ୍ୟାଣ ମଣ୍ଡପରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସୁନାବେଡ଼ା ସ୍ଥିତ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୬ ଜଣ ପୁରସ୍କୃତ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦେବାଂଶୀ କୁଲଦୀପ ପ୍ରଥମ ସ୍ଥାନ ଏବଂ ବରିଷ୍ଠ ବର୍ଗରେ ଆଦ୍ୟାଶା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି ନୃତ୍ୟରେ ପ୍ରତିଜ୍ଞା ପ୍ରିୟଦର୍ଶିନୀ ବୁଗୁଡ଼ାଇ, ବର୍ଷା ରାଣୀ ବଢେଇ, ଶୁଭସ୍ମିତା ନାୟକ, ଇପ୍ସିତା ପ୍ରଧାନ, ଆସ୍ଥା ସମ୍ପାରେଡି, ଜାଗୃତି ସାହୁ, ଜାଙ୍କସିନି ସାହୁ, ଆରାଧ୍ୟା ନାୟକ, ଜାଗୃତି ସିଂହ, ସୋନାକ୍ଷୀ ରାଉତ, ଏସ.ବି. ମାହିରା, ନନ୍ଦିନୀ ଆଇକତ, ଦେବାଂଶୀ କୁଲଦୀପ ଏହି ୧୬ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ରାଜ୍ୟପାଳଙ୍କ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ପରିଦର୍ଶନ



ପଟ୍ଟାଙ୍ଗି/ସେମିଳିଗୁଡ଼ା, ୧୦।୯ (ସମିସ): ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ପହଞ୍ଚି ବିଭିନ୍ନ ସ୍ଥାନକୁ ଗସ୍ତ କରି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ,ପୁଙ୍ଗାରରେ ସ୍ଥାନୀୟ ଜନତା ଏବଂ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ତାଙ୍କୁ ସେଠାରେ ଛାତ୍ରଛାତ୍ରୀମାନେ ଭବ୍ୟ ସ୍ୱାଗତ କରିଥିଲେ। ସେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ପ୍ରଦର୍ଶନୀ ମେଳା ଗୁଡ଼ିକୁ ପରିଦର୍ଶନ କରି ସଭାକାର୍ଯ୍ୟରେ ଯୋଗ ଦେଇଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସରକାରଙ୍କ ଯୋଜନା ମାଧ୍ୟମରେ କିଭଳି ସଫଳ ହୋଇଅଛନ୍ତି ସେଥିନେଇ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଡିଏଫ୍ଓ କେ ଭି ଭାସ୍କର, ଉପଜିଲ୍ଲାପାଳ ଜୟପୁର ଏ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ରହିଥିଲେ।

# ମହୁମାଛି ଆକ୍ରମଣରେ ୯ ମହିଳା ଚାଷୀ ଗୁରୁତର



ବୈପାରୀଗୁଡ଼ା,୧୦।୯ (ସମିସ): ମହୁମାଛି ଆକ୍ରମଣରେ ୯ ମହିଳା ଚାଷୀ ଗୁରୁତର ହୋଇଛନ୍ତି। ଚାଷ ଜମିକୁ ଯାଇ ଘରକୁ ଫେରିବା ସମୟରେ ଘଟିଛି ଅଘଟନ। ବୈପାରୀଗୁଡାର ତଲଗୁଞ୍ଜି ଏବଂ ପି ମାଳିଗୁଡାରେ ଗୋଟିଏ ଦିନରେ ୨ଟି ସ୍ଥାନରେ ମହୁମାଛି ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ବୈପାରୀଗୁଡାର ମହୁଲି ପଞ୍ଚାୟତ ଅନ୍ତର୍ଗତ ତଲଗୁଞ୍ଜିର ଗାଁ ଜଙ୍ଗଲରେ ମାଣ୍ଡିଆ ଚାଷ ଜମିରେ ଘାସ ବାଛିବାକୁ ଯାଇଥିଲେ ମହିଳା ମାନେ। ଘରକୁ ଫେରିବା ସମୟରେ ଶିଆଳି ଗଛରେ ଥିବା ମହୁମାଛି ହଠାତ୍ ଆକ୍ରମଣ କରିଥିଲେ। ସମସ୍ତେ ନିଜ ଜୀବନ ବଞ୍ଚାଇବା ପାଇଁ ସେଠାରୁ ଧାଇଁ ପଳାଇ ଥିଲେ। ମହୁମାଛି ଆକ୍ରମଣ କରିବା ଦ୍ୱାରା ୭ ଜଣ ମହିଳା ଚାଷୀ ଗୁରୁତର ହୋଇ ପଡ଼ିଛନ୍ତି। ସେମାନଙ୍କ ହାତ, ମୁହଁ, ଆଖି ଏବଂ ମୁଣ୍ଡରେ ମହୁମାଛି ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଡ଼ମୁନି କ୍ରିଷନୀ ଓ ସାନି କ୍ରିଷନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତର ଥିବା ଯୋଗୁଁ ଉଭୟଙ୍କୁ ଜୟପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାରି ଚେଣ୍ଡିଆ, ଜାମ୍ବବତୀ ପେଟିଆ, ସନ୍ତୋଷୀ କ୍ରିଷନୀ ଚିକିତ୍ସିତ ହେଉଛନ୍ତି । ସେହିପରି ଦଶମନ୍ତପୁର ପଞ୍ଚାୟତର ପି ମାଳିଗୁଡାରେ ମଧ ମହୁମାଛି ଆକ୍ରମଣ ଶିକାର ହୋଇଛନ୍ତି ୨ ମହିଳା । ମୋଟ ଆଜି ଗୋଟିଏ ଦିନରେ ୨ ଟି ସ୍ଥାନରେ ମହୁମାଛି ଆକ୍ରମରେ ୯ ଜଣ ମହିଳା ଗୁରୁତର ଅଛନ୍ତି ।

# ବଜ୍ରପାତରେ ୮ ଗୋରୁ ମୃତ, ୨ ଜଗୁଆଳି ଗୁରୁତର

ପୋଡ଼ାଗଡ଼,୧୦।୯ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେପୃଥକ ପୃଥକ ସ୍ଥାନରେ ବଜ୍ରପାତ ଘଟି ୮ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଜଗୁଆଳି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସେହି ଜଗୁଆଳିମାନେ ହେଲେ ସଦର ପଞ୍ଚାୟତ ଅଧିନସ୍ଥ ଉପର ଗୋଉଡ ସାହିରେ ରହୁଥିବା ଦୁଲଭ ଗୋଉଡ (୬୧) ଏବଂ ଟେଲି ମୁଦୁଲି। ଆଜି ଅପରାହ୍ନରେ ଗାଁ ନିକଟସ୍ଥ ପାହାଡ଼ରେ ଗୋରୁ ଚରାଇବାକୁ ଯାଇ ଥିଲେ। ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଦୁଲଭ ଗୋଉଡ ଚେତାଶୂନ୍ୟ ହୋଇ ତଳେ ପଡି ଯାଇ ଥିବା ବେଳେ ଟେଲି ମୁଦୁଲିକୁ ସାମାନ୍ୟ ଆଘାତ ଲାଗିଛି। ଖବର ପାଇ ଉଭୟ ଜଗୁଆଳିଙ୍କୁ ପରିବାର ଲୋକେ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରୁଥିବା ଜଣାପଡିଛି। ବର୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟ ଭଲ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସେହି ଭଳି ମୁର୍କାର ପଞ୍ଚାୟତ ଅଧିନସ୍ଥ ଝୋଲା ଗୁଡା ଗାଁର ଗୋବିନ୍ଦ ହିକକା ଓ ଦର୍ଶନ ହିକକା ନିକଟସ୍ଥ ପାହାଡରେ ଗାଈ ଚରାଉଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୮ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏଥିରେ ଗୋବିନ୍ଦ ହିକକାର ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କା ହୋଇ ଥିବା ବେଳେ ଦର୍ଶନର ୩୦ ହଜାର ଟଙ୍କା ଗାଈର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

# ବାଳକ ଛାତ୍ରାବାସୀ ଉଦ୍‌ଘାଟନ କଲେ ବିଧାୟକ



ବେହେଡ଼ା, ୧୦।୯ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକରେ ବିଭିନ୍ନ ସ୍ଥାନ ଗସ୍ତ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୋପେନା ଠାରେ ୫୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ରାମ ନାୟକ, ଅଶୋକ ପାଢ଼ୀ, ବ୍ଲକର ସୁଶିଳା ମାଝୀ, ଜିଲ୍ଲାପରିଷଦ ଚନ୍ଦନ ରାୟ, କିୟାବତୀ ଗଣ୍ଡ, ମିଲନ୍ତି ଗଣ୍ଡ ଯୋଗଦାନ କରିଥିଲେ। ମୋତିରାମ ଗଣ୍ଡ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଚନ୍ଦନ ଗଣ୍ଡ, ଚନ୍ଦନ ହରିଜନ, ଦେବ ଗୌଡ଼, ବୈଶାଖୁ ସାନ୍ତା, ମମତା ସାନ୍ତା, କୃଷ୍ଣସାନ୍ତା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ଗଣ୍ଡ, ଦେବୀଦାସ ଧଳ, ମମତାଜ ନନ୍ଦ, ମିଲୀ ହାଲଦାର, ଚତୁର ଭତ୍ରା, ଅନନ୍ତ ଚରଣ ସେନାପତି ଓ ଅଜୟ ବାବୁ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କୁ ପଞ୍ଚାୟତ ଠାରେ ଫୁଲତୋଡ଼ା ଦେଇ ବିଦ୍ୟାଳୟକୁ ପାଛୋଟି ନେଇଥିଲେ ସମସ୍ତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାଶୀପୁର,୧୦।୯ (ସମିସ): ରାୟଗଡ଼ା ଜଲ୍ଲା କାଶୀପୁର ଥାନା ଅନ୍ତର୍ଗତ ଯୁଗବସା କେବଡି ଗ୍ରାମରେ ଘର ଭିତରୁ ମିଳିଛି ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ। ସେ ଆତ୍ମହତ୍ୟା କରିଥିବା ଶାଶୂ ଘର ଲୋକ କହୁଥିବା ବେଳେ ବାପ ଘର ଲୋକ ହତ୍ୟା ଅଭିଯୋଗ କରିଛନ୍ତି। ପୂର୍ବରୁ କୌଣସି କାରଣକୁ ନେଇ ପରିବାରିକ କଳହ ଲାଗି ହତ୍ୟା କରାଯାଇଛି ଓ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଥିବା ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି। କାଶୀପୁରଥାନା ଯୁଗବସା କେବିଡି ଗ୍ରାମରେ ଘଟିଛି ଏମିତି ଘଟଣା। ଏହି ଗାଁରେ ରହୁଥିବା କୁମଚନ୍ଦ୍ର ନାଏକ ପ୍ରାୟ ଦିର୍ଘ ୨୫ ବର୍ଷ ତଳେ କାଶୀପୁର ଥାନା ଅଧୀନ ପାଇକସୁପେଲ ଗ୍ରାମର ମୃତ ମହିଳା ଭଗବତୀ ନାଏକଙ୍କୁ ବିବାହ କରିଥିଲେ। ହେଲେ ସମୟଗଡିବା ସହ କୁମଚନ୍ଦ୍ର ଓ ତାଙ୍କ ପରିବାର ଲୋକଙ୍କ ବ୍ୟବହାରରେ ମଧ ପରିବର୍ତ୍ତନ ଆସିଥିଲା। ପରିବାର ମଧ୍ୟରେ ପାଟିତୁଣ୍ଡ ଲାଗି ରହୁଥିଲା ବୋଲି ଝିଅର ବାପା ଅଭିଯୋଗ କରିଛନ୍ତି।ତେବେ ଆଜି ଭଗବତୀଙ୍କ ମୃତଦେହକୁ ପୁଲିସ୍ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। କାଶୀପୁର ଥାନା ଅଧିକାରୀ ଦବଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ କାଶୀପୁର ପୁଲିସ ସହ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କାଶୀପୁର ପୁଲିସକୁ ଯୋଗାଯୋଗ କରିବାରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଶବ ବ୍ୟବଛେଦ ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆଧାରରେ ଘଟଣାର ଅଧିକ ଛାନ୍‌ଭିନ କରାଯାଉଥିବା ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟ ଶିବିରରେ ୧୭୦ଜଣ ରୋଗୀଙ୍କ ଚିକିତ୍ସା




ରାୟଗଡ଼ା,୧୦।୯ (ସମିସ): ଭିଜନ୍ଇଣ୍ଡିଆ, ଭୁବନେଶ୍ୱର ଓ ଏସ୍‌ସିଆର, ରାୟଗଡ଼ଙ୍କ ମିଳିତ ସହଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଡ଼ଙ୍ଗାସିଲ ଗ୍ରାମପଞ୍ଚାୟତର ୩ଟି ଗ୍ରାମ ଯଥା ପାଣ୍ଡାକୁମାରୀ, କୁଣ୍ଡୁରୁଷିଲା, ବେଲଗଛଡୁଣ୍ଡାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଏସସିଆର ସଂସ୍ଥାର ସାଧାରଣ ସମ୍ପାଦକ ତ୍ରିଲୋଚନ ପଡିହରୀ, ଭିଜନ ଇଣ୍ଡିଆ ଭୁବନେଶ୍ୱର ସଂସ୍ଥାର ସାଧାରଣ ସମ୍ପାଦିକା ଡ. ଶ୍ରୀମତୀ ସୁସ୍ମିତା ଦାଶ, ଏସ୍ଆର ସଂସ୍ଥାର କର୍ମଚାରୀ ଉଇଲିଅମ୍ସ ଗରଡ଼ା ଓ ପ୍ରଶାନ୍ତ କୁମାର ପଡିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନ୍ଏମ୍ ଗୀତାଞ୍ଜଳି ପଣ୍ଡା ଏବଂ ଉପରୋକ୍ତ ଗ୍ରାମଗୁଡିକର ଅଙ୍ଗନବାଡି ଦିଦି ଓ ଆଶା ଦିଦିମାନେ ଶିବିର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଗ୍ରାମଗୁଡିକରୁ ପ୍ରାୟ୧୭୦ ଜଣ ରୋଗୀମାନଙ୍କୁ ଚିକିତ୍ସା କରାଯାଇ ଔଷଧ ମାଗଣାରେ ବଣ୍ଟନ କରାଗଲା। ବିଭିନ୍ନ ରୋଗ ଠାରୁ ଦୁରେଇ ରହିବା ପାଇଁ ସଚେତନ କରାଯାଇଥିଲା

# କଳିଙ୍ଗ ବୈଶ୍ୟ ସଂଘର ପୁଷ୍ଟି ସମ୍ମିଳନୀ



କାଳିମେଳା,୧୦।୯ (ସମିସ): କଳିଙ୍ଗ ବୈଶ୍ୟ ସଂଘ ମିଗ ପୁଷ୍ଟି ସମ୍ମିଳନୀ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମା ଠାରେ ଥିବା ଆରଏମସି ଗୋଦାମ ଗୃହ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଗ ଅଞ୍ଚଳ ଅଧୀନସ୍ଥ ୮ ଗୋଟି ସଂଘ ରହିଥିବା ବେଳେ ସେହି ସଂଘର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସହିତ କାଳିମେଳା କଳିଙ୍ଗ ବୈଶ୍ୟ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ସଂଘ ଦ୍ୱାରା ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କିଭଳି ସଂଘ ମଜବୁତ ହୋଇପାରିବ ସେ ନେଇ ସମସ୍ତେ ନିଜର ମତଦାନ ଦେଇଥିବାବେଳେ ରକ୍ତ ଦାନ ଶିବିର, ପରିବେଶ ସୁରକ୍ଷା, ସମାଜସେବା, ଭଲ କାର୍ଯ୍ୟ କରୁଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ପୁରସ୍କାର ଦେବା ଏବଂ ପୁଅ ଝିଅଙ୍କ ବିବାହ ଉପରେ ଆଲୋଚନା ହୋଇଥିଲା। ବୈଠକରେ ମିଗ ଅଞ୍ଚଳ ସଭାପତି ରବିନ୍ଦ୍ର ନାଥ ପାତ୍ର, ଉପ ସଭାପତି ଟି. ବିରଞ୍ଚି ନାରାୟଣ ପାତ୍ର, ସମ୍ପାଦକ ଚିନାରି ଟୁନା ପାତ୍ର, ଯୁଗ୍ମ ସମ୍ପାଦକ ପଟମ ସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ କାମୁଲା କୁନା ପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ କାଳିମେଳା ସଂଘ ର ସଭାପତି ବେଣୁ ଗୋପାଳ ପାତ୍ର, ସମ୍ପାଦକ କେ ପୂର୍ଣ୍ଣଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଏସ ରମେଶ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ମହାସଂଘ ତରଫରୁ କାଳିମେଳା ସଂଘ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ମହିଳା ସଂଘର ଅଞ୍ଚଳର ସମ୍ପାଦିକା ରିଙ୍କି ସେନାପତି, ସଭାନେତ୍ରୀ ଗୀତାଞ୍ଜଳି ପାତ୍ର, କୋଷାଧକକ୍ଷା ଲିତାଞ୍ଜଳି ସ୍ୱରବ , ଉପ ସଭାନେତ୍ରୀ ସବିତା ପାତ୍ରଙ୍କ ଉପସ୍ଥିତିରେ ଚୟନ ମାଧ୍ୟମରେ କାଳିମେଳା ସଂଘର ସଭାପତି ଭାବେ ଟି ସୁନିତା ସୁବୁଦ୍ଧି, ସମ୍ପାଦକଟି ଧରିତ୍ରୀ ସୁବୁଦ୍ଧି, କୋଷାଧ୍ୟକ୍ଷ ସି ଏଚ ବିନୁ ପାତ୍ରଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। କାର୍ଯ୍ୟକ୍ରମକୁ କେ ପୂର୍ଣ୍ଣଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

● ବନ୍ଦ ପ୍ରାଥମିକ ବିଦ୍ୟାଳୟ ପୁର୍ନବାର ଖୋଲିବାକୁ ଗ୍ରାମବାସୀଙ୍କ ଦାବି

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



କୋରାପୁଟ,୧୦।୯ (ସମିସ): ଛାତ୍ରଛାତ୍ରୀ ସଂଖ୍ୟା କମ୍ ଥିବା କାରଣରୁ ୨୦୧୯-୨୦ ଶିକ୍ଷା ବର୍ଷରୁ ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁର୍ନବାର ଖୋଲିବା ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ସଦର ବ୍ଲକ କେନ୍ଦାର ପଞ୍ଚାୟତ ଅନ୍ତର୍ଗତ ବୁଟ୍ରୁଗୁଡ଼ା ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ସରକାରଙ୍କ ନୂଆ ନିୟମ ପ୍ରକାରେ ଛାତ୍ର ଛାତ୍ରୀ ସଂଖ୍ୟା କମ ଥିବା ଦର୍ଶାଇ ୨୦୧୯-୨୦ରେ ସ୍କୁଲକୁ ବନ୍ଦ କରି ଦିଆ ଯାଇଥିଲା। ଫଳରେ ଗ୍ରାମର ପିଲାମାନଙ୍କ ପାଠପଢାରେ ନାନା ଅସୁବିଧା ଦେଖା ଦେଇଛି। ବର୍ତ୍ତମାନ ବୁଟ୍ରୁଗୁଡ଼ାର ୨୫ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ ନିମନ୍ତେ ୨ କିଲୋମିଟର ଦୂର ମୂଷାପୁଟ ଗ୍ରାମକୁ ପ୍ରତିଦିନ ଯିବା ଆସିବା କରୁଛନ୍ତି। ପିଲାମାନେ ବିପଦଜନକ ସ୍ଥିତିରେ ନାଳ, ନଦୀ, ବ୍ରିଜ ଓ ଜଙ୍ଗଲ ଦେଇ ଯିବା ଆସିବା କରୁଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ତେଣୁ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ପାଇଁ ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟ ପୁର୍ନବାର ଖୋଲାଗଲେ ଗ୍ରାମବାସୀମାନେ ଉପକୃତ ହେବେ ବୋଲି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। କେନ୍ଦାର ସରପଞ୍ଚ କୌଶଲ୍ୟା ଜାନି, ଗ୍ରାମର ତ୍ରିପତି ନାୟକ, ଶେଖର ନାୟକ, ଭଗବାନ ନାୟକ, ଭଗବାନ ଭୋଇ, ଗଙ୍ଗା ଖରା, ନନ୍ଦ ମୁଦୁଲି, ଅର୍ଜୁନ ମୁଦୁଲି, ଜଗବନ୍ଧୁ ଭୋଇ, କୋମୁଲୁ ମୁଦୁଲି ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବୋରିଗୁମ୍ମା-କୋରାପୁଟ ରାସ୍ତା ନିର୍ମାଣ ପାଇଁ ଅଟକଳ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

# ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହେବ ହସ୍ତାନ୍ତର

ଜୟପୁର, ୧୦।୯ (ସମିସ):


କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଠାରୁ କୋରାପୁଟ ପର୍ଯ୍ୟନ୍ତ ରାଣିଗଡ ରାସ୍ତା ଦେଇ ଯାତାୟାତ ପାଇଁ ୪୮ତମ ରାଜ୍ୟ ରାଜପଥ ୩୬ କିମି ରାସ୍ତା ରହିଛି। କିନ୍ତୁ ଏହି ରାସ୍ତାର ୬ କିମି ରାସ୍ତା ଇରିଗେସନ ବିଭାଗର ଅଧିନରେ ରହିଛି। କିନ୍ତୁ ଏହି ରାସ୍ତା ଦେଇ ଦୈନିକ ଭାରୀଯାନ ଯାତାୟାତ କରୁଥିବା ଯୋଗୁଁ ୬ କିଲୋମିଟର ରାସ୍ତା ଶୋଚନୀୟ ହୋଇଯାଇଛି। ଏଥିନେଇ ଜୟପୁର ଏବଂ ବୋରିଗୁମ୍ମା ବିଜୁ ଜନତାଦଳ ପକ୍ଷରୁ ଗତ ଅଗଷ୍ଟ ୨ରେ କୋଲାବ ଇରିଗେସନ ବିଭାଗର ସ୍ଥାନୀୟ ବାରିଣିପୁଟ ସ୍ଥିତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା କରାଯାଇଥିଲା। ଏହାପରେ ଗତ ଅଗଷ୍ଟ ୧୮ ତାରିଖରେ ତେଲିଙ୍ଗିରି ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏହି ୬ କିଲୋମିଟର ୧୮୦ ମିଟର ରାସ୍ତାକୁ ଭାରୀଯାନ ଚଳାଚଳ ନେଇ ନୂତନ ଭାବେ ଅଟକଳ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଇରିଗେସନ ବିଭାଗ ପକ୍ଷରୁ ହସ୍ତାନ୍ତର କରିବା ନେଇ ପତ୍ର ପ୍ରକ୍ରିୟା ମାଧ୍ୟମରେ ଉଚ୍ଚ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏହି ୩୬ କିଲୋମିଟର ରାସ୍ତାର ୩୦ କି.ମି ରାସ୍ତା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିନରେ ରହିଛି। କିନ୍ତୁ ତେଲିଙ୍ଗିରି ଜଳପ୍ରକଳ୍ପ ନିର୍ମାଣ ଅବସରରେ ମାତ୍ର ୬, ୧୮୦ କିମି ରାସ୍ତା ଇରିଗେସନ ବିଭାଗର ଅଧିନରେ ରହିଥିଲା। କିନ୍ତୁ ବିଭାଗର ଆବଶ୍ୟକ ପାଣ୍ଠି ନଥିବାର ଏହାର ରକ୍ଷଣା ବେକ୍ଷଣରେ ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ଉକ୍ତ ରାସ୍ତାକୁ ପୁନଃ ନିର୍ମାଣ ନେଇ ଗତ ୨୦୨୪-୨୫ ମସିହାରେ ଇରିଗେସନ ବିଭାଗ ପକ୍ଷରୁ ୨କୋଟି ୨୬ ଲକ୍ଷ ୮୫ ହଜାର ୫୮୦ ଟଙ୍କାର ଏକ ନିର୍ମାଣ ଅଟକଳ କରାଯାଇଥିଲା। ଏହିପରି ବିଜେଡିର ଆନ୍ଦୋଳନ ପରେ ବିଭାଗିୟ ମୁଖ୍ୟମନ୍ତ୍ରୀ ଯୁଗଳ କିଶୋର ଖଟୁଆ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ସର୍ବେକ୍ଷଣ କରିଥିଲେ। ଏହାପରେ ପୁନଃର୍ବାର ନୂତନ ଭାବେ ଏହି ୬.୧୮୦ କିଲୋମିଟର ରାସ୍ତାର ଅଟକଳ କରିବାକୁ ମୁଖ୍ୟଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅଟକଳ ହେବା ପରେ ଏହିରାସ୍ତାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଇରିଗେସନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ଜୟପୁର ଆଇନଜୀବି ଅନୁପ ପାତ୍ର ମଧ ଏହି ରାସ୍ତାକୁ ନିର୍ମାଣକୁ ନେଇ ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲିଖିତ ଅଭିଯୋଗ କରିଥିଲେ। ପ୍ରକାଶଯେ, ଦୀର୍ଘ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ କରାଯାଉନଥିବା ଯୋଗୁଁ ଏହିରାସ୍ତା ଜରାଜିର୍ଣ୍ଣ ଅବସ୍ଥାରେ ଖାଲ ଖମାରେ ରହିଛି। ଉକ୍ତ ରାସ୍ତା ଛତିଶଗଡ ଏବଂ ଓଡିଶା ମଧ୍ୟରେ ଯାତାୟାତରେ ମୁଖ୍ୟରାସ୍ତା ଅଟେ। କିନ୍ତୁ ଖାଲଖମାରେ ପାଣି ଜମା ରହୁଥିବା ଯୋଗୁଁ ରାସ୍ତା ଦେଇ ଭାରୀଯାନ ଏବଂ ଚାରି ଚକିଆଯାନ ଏବଂ ଦୁଇଚକିଆ ଯାନ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏହିପରି ପ୍ରାୟ ୩ ଫୁଟ ରାସ୍ତା ଗାତ ହୋଇଯାଇଛି, ଫଳରେ ବର୍ଷାହେଲେ ରାସ୍ତାରେ ପାଣି ଭରି ରହୁଥିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହିପରି କୋରାପୁଟ- ଜୟପୁର ମଧ୍ୟରେ ଘାଟି ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଯୋଗୁଁ ଏହି ରାସ୍ତାକୁ ବାଇପାସ ଭାବେ ବ୍ୟବହାର କରାଯାଉଛି। କିନ୍ତୁ ରାସ୍ତାର ଦୂରାବସ୍ଥା ଯୋଗୁଁ ଏହି ରାସ୍ତା ଦେଇ ଯାତାୟାତ ହେଉନଥିବା ଯୋଗୁଁ କୋରାପୁଟ-ଜୟପୁର-ବୋରିଗୁମ୍ମା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

# କୁମ୍ଭୀର ବଞ୍ଚାଇ ଦେଲା ମହିଳାଙ୍କ ଜୀବନ



କାନପୁର, ୧୦।୯ (ଏଜେନ୍ସି): ସ୍ୱାମୀ ସବୁବେଳେ ମଦ ପିଉଥିଲେ। ଆଉ ଏହି ମଦ ନିଶାରେ ଆସି ସେ ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ମାର୍‌ପିଟ କରୁଥିଲେ ଏବଂ ନିର୍ଯାତନା ଦେଉଥିଲା। ପ୍ରାୟ ସବୁ ଦିନ ଏପରି ଲାଗି ରହିଥିଲା। ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାକୁ ନେଇ ମହିଳା ଅତିଷ୍ଠ ହୋଇ ଯାଇଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ରାତିରେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଏକ ପୋଲ ଉପରୁ ଭରା ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଟିକେ ଟିକେ ପହଁରା ଶିଖିଥିବାରୁ ସଂଘର୍ଷ କରି ମହିଳା କିଛି ବାଟ ପଳାଇ ଥିଲେ। ମାତ୍ର ଅଣନିଃଶ୍ୱାସୀ ଲାଗିବାରୁ ମହିଳା କିଛି ସମୟ ଅଟକିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିକଟ ଦେଇ ଭାସି ଯାଉଥିବା ଏକ କାଠକୁ ଆଶ୍ରା କରି ନଦୀ କୂଳ ଆଡକୁ ଚାଲି ଆସିଥିଲେ। ଟିକେ ଅପେକ୍ଷା କରି ଦୀର୍ଘ ଶ୍ୱାସ ନେଉଥିବା ସମୟରେ ସେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ଏହି କୁମ୍ଭୀର ହିଁ ମହିଳାଙ୍କ ମନ ବଦଳାଇ ଦେଇଥିଲା। ଆତ୍ମହତ୍ୟା କରିବାକୁ ଗଙ୍ଗା ନଦୀକୁ ଡେଇଁଥିବା ଏହି ମହିଳା ଜୀବନ ବଞ୍ଚାଇବା ପାଇଁ ଦୌଡି ଥିଲେ। ନଦୀ କୂଳରେ ଥିବା ଏକ ପିଜୁଳି ଗଛ ଦେଖି ଜୀବନ ବିକଳରେ ତା ଉପରେ ଚଢ଼ି ଯାଇଥିଲେ। ସାରା ରାତି ସେହି ଗଛ ଉପରେ ମହିଳା ଅପେକ୍ଷା କରିଥିଲେ। ଆଉ ରାତି ପାହିବା ପରେ ମହିଳାଙ୍କ କାନ୍ଦ ଶୁଣି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପୁଲିସ ତାଙ୍କ ଘରେ ପହଞ୍ଚାଇ ଥିଲା। ଆଉ ଝଗଡ଼ା ନ କରିବାକୁ ସ୍ୱାମୀଙ୍କୁ ପରାମର୍ଶ ଦେଇଥିଲା। ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ ଅହିରୱାନ ବାସିନ୍ଦା ମାଳତୀ ଦେବୀ (୩୨)ଙ୍କ କ୍ଷେତ୍ରରେ ଏଭଳି ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ହେବା ଯୋଗୁଁ ସେ ଗତ ଶୁକ୍ରବାର ରାତିରେ ଜଜମଉ ପୋଲରୁ ଗଙ୍ଗାକୁ ଡେଇଁଥିଲେ। ଏହି ଖବର ଖୁବ ଚର୍ଚ୍ଚାରେ ରହିଛି।

# ସହାୟତା ମାଗିଲେ ନେପାଳରେ ଫସିଥିବା ଭାରତୀୟ ଯୁବତୀ



ପଞ୍ଚକୁଲା, ୧୦।୯ (ଏଜେନ୍ସି): ନେପାଳରେ ଚାଲିଥିବା ଉଗ୍ର ତଥା ହିଂସ୍ର ଆନ୍ଦୋଳନ କାରଣରୁ ଦିଲ୍ଲୀର ଉପାସନା ଗିଲ୍ ସେଠାରେ ଫସି ରହିଛନ୍ତି। ସହାୟତା କରିବା ପାଇଁ ସେ ସାମାଜିକ ଗଣମାଧ୍ୟମରେ କାନ୍ଦି କାନ୍ଦି ନିବେଦନ କରିଛନ୍ତି। ଉପାସନା ଏକ ଭଲିବଲ୍ ଇଭେଣ୍ଟ ଉପସ୍ଥାପନ କରିବାକୁ ନେପାଳର ପୋଖରା ଯାଇଥିଲେ। ତାଙ୍କ ଟିମ୍‌ରେ ହରିୟାଣା ଓ ଫରିଦାବାଦ୍‌ର ଅନ୍ୟ ଝିଅମାନେ ମଧ୍ୟ ଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେ ତୁରନ୍ତ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ହରିୟାଣା ରାଜ୍ୟ ମହିଳା କମିଶନ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସାଇନିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେ ରହୁଥିବା ହୋଟେଲକୁ ଆନ୍ଦୋଳନକାରୀମାନେ ସମ୍ପୂର୍ଣ୍ଣ ରୂପେ ଜାଳି ଦେଇଛନ୍ତି। ହିଂସା ବେଳେ ସେ ଏକ ସ୍ପାରେ ଥିଲେ। ଉତ୍ତ୍ୟକ୍ତ ଲୋକେ ବାଡି ଧରି ତାଙ୍କୁ ପଛରୁ ଗୋଡାଇଥିଲେ। କୌଶଳ କ୍ରମେ ଯୁବତୀ ଅଳ୍ପକେ ବର୍ତ୍ତିଯାଇ ଖସି ପଳିଆସିଛନ୍ତି ବୋଲି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି। ପୋଖରାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସବୁଆଡେ ଖାଲି ନିଆଁ ଓ ପୋଡାଜଳା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼ ପର୍ଯ୍ୟଟକଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଓ ବାହାରୁ ଆସିଥିବା ଲୋକ ଯାହାକୁ ଦେଖୁଛନ୍ତି ସେମାନେ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ସେ ଓ ତାଙ୍କ ଟିମ୍ ଅନ୍ୟ ହୋଟେଲରେ ରହୁଛନ୍ତି। ସେମାନେ ସେଠାରେ କେତେଦିନ ରହିପାରିବେ ତାହା କହିବା କଷ୍ଟକର। ତେଣୁ ତାଙ୍କ ବାର୍ତ୍ତାକୁ ଭାରତୀୟ ଦୂତାବାସକୁ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

## ଶୁକ୍ରବାର ଶପଥ ନେବେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଶୁକ୍ରବାର ଦିନ ନବନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିବେ। ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତକାଲି ହୋଇଥିବା ନିର୍ବାଚନରେ ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନ୍ ଇଣ୍ଡିଆ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନ୍ ୪୫୨ ଭୋଟ ଏବଂ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ।

## ପାକିସ୍ତାନକୁ ସିମ୍ କାର୍ଡ ପଠାଇ ନେପାଳୀ ନାଗରିକ ଗିରଫ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ବୁଧବାର ଜଣେ ନେପାଳୀ ନାଗରିକଙ୍କୁ ଗିରଫ କରିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସିମ୍ କାର୍ଡ ପଠାଇବା ଅଭିଯୋଗରେ ପ୍ରଭାତ କୁମାର ଚୌରାସିଆ ନାମକ ଏହି ଯୁବକଙ୍କୁ ଦିଲ୍ଲୀର ଲକ୍ଷ୍ମୀ ନଗରରୁ ଗିରଫ କରାଯାଇଛି ବୋଲି ପୁଲିସ୍ ତରଫରୁ କୁହାଯାଇଛି। ପ୍ରଭାତ ମହାରାଷ୍ଟ୍ରର ଲାଟୁରରୁ ୧୬ଟି ସିମ୍ କାର୍ଡ କ୍ରୟ କରି ନେପାଳ ପହଞ୍ଚାଇଥିଲେ। ସେଠାରୁ ୧୧ଟି କାର୍ଡ ପାକିସ୍ତାନର ବାହବଲପୁରରେ ଥିବା ଟ୍ରେସ୍ ହୋଇଥିଲା। ଏହି କାର୍ଡଗୁଡିକର ନମ୍ବରକୁ ଭାରତ ବିରୋଧୀ ଗତିବିଧିରେ ବ୍ୟବହାର କରାଯାଇଥିଲା। ବାହବଲପୁର ହେଉଛି ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଗଡ଼। ଅପରେସନ ସିନ୍ଦୂରରେ ଭାରତ ଏହି ସ୍ଥାନରେ ଥିବା ଆତଙ୍କବାଦୀ ଠିକଣା ଉପରେ ମିସାଇଲ ଆକ୍ରମଣ କରିଥିଲା। ୨୦୨୪ରେ ପ୍ରଭାତ ଜଣେ ନେପାଳୀ ମଧ୍ୟସ୍ଥି ମାଧ୍ୟମରେ କାର୍ଡଗୁଡିକୁ ପାକିସ୍ତାନ ପଠାଇଥିଲା। ପ୍ରତିବଦଳରେ ଆଇଏସ୍‌ଆଇ ତାଙ୍କୁ ଆମେରିକା ଭିସା ଦେବାକୁ ପ୍ରତିଶ୍ରୁତି ଦେଇଥିଲା।

## ମନମୋହନ ସିଂହଙ୍କୁ 'ପିଭି ନରସିଂହ ରାଓ' ପୁରସ୍କାର

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କୁ ମରଣୋତ୍ତର ଭାବେ 'ପିଭି ନରସିଂହ ରାଓ' ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଅର୍ଥନୀତିର ରୂପାନ୍ତରଣ ଓ ଦେଶ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି। ଦିଲ୍ଲୀରେ ଗତ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପାଇଁ ପତ୍ନୀ ଗୁରଶରଣ କୌର ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ହାଇଦରାବାଦ ପର୍ଯ୍ୟବସିତ ପିଭି ନରସିହ୍ମା ରାଓ ସ୍ମାରକୀ ଫାଉଣ୍ଡେସନ (ପିଭିଏନ୍‌ଏମ୍‌ଏଫ୍) ତରଫରୁ କୁହାଯାଇଛି। ଯୋଜନା କମିଶନ ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆହ୍ଲୁୱାଲିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଅବସରରେ ପିଭିଏନ୍‌ଏମ୍‌ଏଫ୍ ଅଧ୍ୟକ୍ଷ କେ ରାମଚନ୍ଦ୍ର ମୂର୍ତ୍ତୀ ଓ ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଉପସ୍ଥିତ ଥିଲେ।

## ଇସ୍ରାଏଲ ବିପକ୍ଷରେ ଯୁଦ୍ଧ କରିବେ ଆରବ ଦେଶ

ଦୋହା, ୧୦।୯ (ଏଜେନ୍ସି): କାତାର ରାଜଧାନୀ ଦୋହାରେ ଇସ୍ରାଏଲ ଆକ୍ରମଣ କରିବା ପରେ ଆରବର ସବୁ ଇସ୍‌ଲାମିକ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ନିନ୍ଦା କରି ସାଉଦି ଆରବ, ୟୁଏଇ, କାତାର, ଜୋର୍ଡାନ ଓ ତୁର୍କୀ ଭଳି ଆରବ ଦେଶଗୁଡିକ ମିଳିତ ବିବୃତ୍ତି ଦେଇଛନ୍ତି। ଏହା ଆଞ୍ଚଳିକ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବା ସହ କାତାରର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ନିୟମର ଘୋର ଉଲ୍ଲଂଘନ ବୋଲି କୁହାଯାଇଛି। ଇସ୍ରାଏଲର ଏଭଳି ଆକ୍ରମଣ ଆତଙ୍କବାଦର ଏକ ବୃହତ ରୂପ ବୋଲି କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ କହିଛନ୍ତି। କାତାରକୁ ସବୁ ଦେଶଗୁଡିକ ସମର୍ଥନ କରିଛନ୍ତି। ଏଭଳି ଆକ୍ରମଣ କଲେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରାଯିବ ବୋଲି ଏହି ଦେଶଗୁଡିକ ମିଳିତ ବିବୃତ୍ତିରେ କହିଛନ୍ତି।

## ବର୍ତ୍ତିଲେ ହମାସ୍ ନେତା; ୬ ମୃତ

ଦୋହା, ୧୦।୯ (ଏଜେନ୍ସି): କତାର ରାଜଧାନୀ ଦୋହାରେ ମଙ୍ଗଳବାର ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ଆକ୍ରମଣ ଇସ୍ରାଏଲ ସେନା କରିଛି। ଆତଙ୍କବାଦୀ ସଂଗଠନ ହମାସର କେତେଜଣ ବରିଷ୍ଠ ନେତାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା ତରଫରୁ କୁହାଯାଇଛି। ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କିନ୍ତୁ ସେ ଅଳ୍ପକେ ବଞ୍ଚିଯାଇଥିବା ବେଳେ ଅନ୍ୟ ୬ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ କରିଛି କିଏ?

ନୂଆଦିଲ୍ଲୀ, ୧୦।୯: ଗତକାଲି ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ ହୋଇଛି। କ୍ଷମତାସୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ୨୪ଟି କମ୍ ଭୋଟ୍ ପାଇଛନ୍ତି। ୧୫ଟି ଭୋଟ୍ ନାକଚ ହୋଇଛି। କିଏ କ୍ରସଭୋଟିଂ କରିଛି ଏହାକୁ ନେଇ ବିରୋଧୀ ଶିବିରେ ଘଣ୍ଟାଚକଟା ଚାଲିଥିବା ବେଳେ ସେମାନଙ୍କ କଟା ଘା'ରେ ଆଜି ଚୂନ ଲଗାଇଛନ୍ତି ବିଜେପି ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧୀ ମେଣ୍ଟର କିଛି ସାଂସଦ ନିଜ ବିବେକ ଅନୁଯାୟୀ ଭୋଟ୍ ଦେଇଛନ୍ତି। ସେମାନଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ'। ବିରୋଧୀ ମେଣ୍ଟର ଏହି ସାଂସଦଙ୍କୁ ସେ ଏନଡିଏର ମିତ୍ର ବୋଲି କହିଛନ୍ତି। ରିଜିଜୁଙ୍କ ଏହି ଟୁଇଟ୍ ଆଜି ବିରୋଧୀ ଶିବିରରେ ନିଆଁ ଲଗାଇଦେଇଛି। ଶାସକ ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରିଥିବା ଏନଡିଏର ସେହି ମିତ୍ର ସାଂସଦ କିଏ? ସେମାନଙ୍କୁ ଖୋଜି ବାହାର କରାଯାଉ ଏବଂ ଏହା ଉପରେ

**ସନ୍ଦେହ ଘେରରେ ପାୱାର ଓ ଉଦ୍ଧବଙ୍କ ସାଂସଦ**

**ଇଣ୍ଡିଆ ମେଣ୍ଟର ମିତ୍ର ସାଂସଦଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ': କେନ୍ଦ୍ର ମନ୍ତ୍ରୀ**

ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ମନିଶ ତିୱାରୀ। ସେ କହିଛନ୍ତି ଯେ ବିହାର ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକଜୁଟ୍ ହେବା ଲାଗି ବିରୋଧୀ ଶିବିର ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ କ୍ରସଭୋଟିଂ କରି ସାଂସଦ ବିଶ୍ୱାସଘାତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଯଦି ବିଶ୍ୱାସ କରାଯାଏ, ତାହାହେଲେ ଶରଦ ପାୱାରଙ୍କ ଏନ୍‌ସିପି, ଉଦ୍ଧବ ଠାକରେଙ୍କ ଶିବ ସେନା, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌ର ସାଂସଦ ସନ୍ଦେହ ଘେରରେ ରହିଛି। କଂଗ୍ରେସ ସାଂସଦ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହନ୍ତି। କାରଣ ଗତବର୍ଷ ହିମାଚଳ ପ୍ରଦେଶରେ କଂଗ୍ରେସର ୬ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରି ଜିତାଇଥିଲେ। ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଆଜି କହିଛନ୍ତି ଯେ ତାଙ୍କର ସମସ୍ତ ୯ ସାଂସଦ ସୁଦର୍ଶନଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଅଭିଶେକ ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ୪୧ ଜଣ ସାଂସଦ ବିରୋଧୀ ମେଣ୍ଟ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ଏନସିପି (ପାୱାର) ନେତ୍ରୀ ସୁପ୍ରିୟା ସୁଲେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ସନ୍ଦେହ ବଢାଇଛି। ସେ କହିଛନ୍ତି ଯେ ମତଦାନ ଯଦି ଗୁପ୍ତ, ତାହାହେଲେ କିଏ କ୍ରସଭୋଟିଂ କରିଛି, ଜାଣିବା କଷ୍ଟକର। ସାଂସଦମାନଙ୍କ ମଧ୍ୟରେ ଯଦି ମତଭେଦ ହେବ, ତାହାହେଲେ ଆମେ କଣ କରିପାରିବା। କିନ୍ତୁ ଏଥିପାଇଁ ମହାରାଷ୍ଟ୍ରକୁ ବଦନାମ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିଭଳି ଉଦ୍ଧବ ଶିବ ସେନାର ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। କିଛି ସାଂସଦଙ୍କୁ ଅର୍ଥ ଲୋଭ କିମ୍ବା ବ୍ଲାକମେଲ କରାଯାଇଥିବ ବୋଲି କହି ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି। କେଜ୍ରିୱାଲଙ୍କ ଆପ୍ ନିରବ ରହିଛି। ଏହି ତିନିଟି ଦଳର ୩୩ ଜଣ ସାଂସଦ ରହିଛନ୍ତି।

# ନେପାଳରୁ ଫ୍ରାନ୍ସ: ୧୧ ଦେଶରେ ସମାନ ସଙ୍କଟ




ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ନେପାଳରେ ଲାଗିଥିବା ନିଆଁ ଲିଭିବାର ନା ଧରୁନି। ଆନ୍ଦୋଳନକାରୀଙ୍କ ସାମ୍‌ନାରେ ସରକାରେ ନଇଁ ଗଲେଣି। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ସାରିଲେଣି। ଉପ-ପ୍ରଧାନମନ୍ତ୍ରୀଙ୍କ ଅନେକ ମନ୍ତ୍ରୀ ପଦ ଛାଡ଼ି ସାରିଲେଣି। ସାମାଜିକ ଗଣମାଧ୍ୟମରୁ କଟକଣା ହଟିଲାଣି। ଏହା ସତ୍ତ୍ୱେ ଜେନ୍-ଜେଡ୍ ତଥା ଯୁବ ଗୋଷ୍ଠୀଙ୍କ କ୍ରୋଧ ଶାନ୍ତ ପଡୁନାହିଁ। ନେପାଳ ଭଳି ବିଶ୍ୱର କିଛି ଅନ୍ୟ ଦେଶରେ ମଧ୍ୟ ଏଭଳି ସ୍ଥିତି ଜାରି ରହିଛି। ଏହା ମଧ୍ୟରେ ଫ୍ରାନ୍ସ, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ସମେତ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ସାମିଲ ଅଛନ୍ତି। ପ୍ରମୁଖ ୧୧ଟି ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ତେବେ ଏହି ସବୁ ଦେଶର ସମସ୍ୟା ସମାନ ହୋଇଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ରହିଛି। ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲାଗି ନେପାଳ ଜଳୁଥିବାବେଳେ ନିର୍ବାଚନରେ ବହୁମତ ଲାଗି ରାଜନୈତିକ ଅସ୍ଥିରତା ସହିତ ବଜେଟ ହ୍ରାସକୁ ନେଇ ଫ୍ରାନ୍ସରେ ଆରମ୍ଭ ହୋଇଛି ବିକ୍ଷୋଭ୍ ପ୍ରଦର୍ଶନ। ଏଠାରେ ଗତ ତିନି ବର୍ଷରେ ୪ ଥର ପ୍ରଧାନମନ୍ତ୍ରୀ ବଦଳିଲେଣି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ମଧ୍ୟ ଲୋକପ୍ରିୟତା କମ୍ ହେବାରେ ଲାଗିଛି। ଜାପାନରେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି। କ୍ଷମତାସୀନ ଦଳ ବହୁମତ ସାବ୍ୟସ୍ତ ନ କରିପାରିବାରୁ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ପଦ ଛାଡିଛନ୍ତି। ସେହିପରି କୋର୍ଟଙ୍କ ନିଷ୍ପତ୍ତି ଯୋଗୁଁ ଥାଇଲାଣ୍ଡରେ ସିନାବାତ୍ରା ପରିବାରର ସମସ୍ୟା ବଢି ଚାଲିଛି। ଏହା ବ୍ୟତୀତ ଆର୍ଥିକ ସୁଧାର ପାଇଁ ସରକାର ବଢ଼ାଇଥିବା ଟିକସକୁ ଇଣ୍ଡୋନେସିଆର ସାଧାରଣ ନାଗରିକ ହଜମ କରିପାରୁନାହାନ୍ତି। ଏହାକୁ ନେଇ ଲୋକେ ବଡ଼ଧରଣର ବିକ୍ଷୋଭ କରୁଛନ୍ତି। ମାଲି, ମଙ୍ଗୋଲିଆ, ଆର୍ମେନିଆ, କଙ୍ଗୋରୁ ନେଇ ସୁଦାନ ଏବଂ ଲେବାନନ ପର୍ଯ୍ୟନ୍ତ ମଧ୍ୟ ସମାନ ସ୍ଥିତି ରହିଛି।

ଜାପାନରେ ଚଳିତ ଥର ନିର୍ବାଚନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ରାଜନୈତିକ ସ୍ଥିତି ଏଭଳି ଭୁଶୁଡ଼ି ଯାଇଛି ଯେ ଦଳ ସେଥିରୁ ବାହାରି ପାରୁନାହିଁ। କାରଣ ଜାପାନ ରାଜନୀତିରେ ୭୦ ବର୍ଷ ହେଲା ଏହି ଦଳର କର୍ତ୍ତୃତ୍ୱ ରହିଛି। ତେଣୁ ପରାଜୟକୁ ଜାପାନ ରାଜନୀତିରେ ଏକ ବଡ଼ ମୋଡ ଭାବେ ଦେଖାଯାଉଛି। ଆର୍ଥିକ ଆହ୍ୱାନ, ସରକାରଙ୍କ ବିଫଳତା, ମନ୍ଥର ବିକାଶ ହାର ଆଦି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଦେଇଛି। ସେହିପରି ଥାଇଲାଣ୍ଡରେ ନ୍ୟାୟପାଳିକା ଏବଂ ରାଜନୈତିକ ବଂଶବାଦ ମଧ୍ୟରେ ମୁକାବିଲା ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି। ଏଠାରେ ସୁପ୍ରିମକୋର୍ଟ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ତାଙ୍କ ଝିଅ ସିନାବାତ୍ରାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ଲୋକେ ଉତକ୍ଷିପ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦେଶର ରାଜନୀତିରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସିନାବାତ୍ରାଙ୍କ ପରିବାରର କର୍ତ୍ତୃତ୍ୱ ରହିଥିଲା। ଚାର୍ଣ୍ଣବିରାକୁଲ କ୍ଷମତାସୀନ ହେବା ପରେ ବି ବିକ୍ଷୋଭ ଜାରି ରହିଛି। ସଂସଦ ଭାଗ ଭାଗ ହୋଇ ଯାଇଛନ୍ତି। ବିରୋଧୀ ସୁଯୋଗର ଲାଭ ନେବା ପାଇଁ ଅପେକ୍ଷା କରି ରହିଛନ୍ତି।

ଦକ୍ଷିଣ ପୂର୍ବ ଏସିଆର ବୃହତ୍ତ ଅର୍ଥବ୍ୟବସ୍ଥା ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରବୋଭୋ କଡ଼ା ଆହ୍ୱାନ ଦେଇ ଗତି କରୁଛନ୍ତି। ସରକାର ଭ୍ୟାଟ ବଢ଼ାଇ ୧୧ରୁ ୧୨ ପ୍ରତିଶତ କରିବାରୁ ଦରଦାମ ବୃଦ୍ଧି ପାଇଲା। ଏଥିଯୋଗୁଁ ଲୋକେ କ୍ରୋଧିତ ହୋଇ ବିକ୍ଷୋଭ କରୁଛନ୍ତି। ରାଜନେତାଙ୍କ ଦରମା ବୃଦ୍ଧିକୁ ବିରୋଧ କରୁଛନ୍ତି। ଗତ ସପ୍ତାହରେ ଲୋକେ ସଂସଦ ଘେରଉ କରିଥିଲେ। ଏହାକୁ କିଛି ମାତ୍ରାରେ ଦମନ କରିବାକୁ ସରକାର ସଫଳ ହୋଇଥିଲେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

## ନେପାଳରେ କ'ଣ ଚାଲିଛି ଦେଖନ୍ତୁ: ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ରାଷ୍ଟ୍ରପତିଙ୍କ ପରାମର୍ଶ ଉପରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବିତ ବୋଲି କହିଛନ୍ତି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ। ବାଂଲାଦେଶ ଏବଂ ନେପାଳରେ ଜାରି ହିଂସା ବିଷୟରେ ଉଲ୍ଲେଖ କରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସିଜେଆଇ ଗଭାଇ କହିଥିଲେ ଯେ



ପଡ଼ୋଶୀ ନେପାଳରେ ଅସ୍ଥିରତା ଲାଗି ରହିଥିବା ବେଳେ ଭାରତରେ ମଜବୁତ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ଦେଶର ସମ୍ବିଧାନକୁ ନେଇ ଆମେ ଗର୍ବ କରୁଛୁ। ପଡୋଶୀ ଦେଶରେ କ'ଣ ସବୁ ଚାଲିଛି ଦେଖନ୍ତୁ। ବାଂଲାଦେଶରେ କଣ ହେଉଥିଲା ଏବଂ ନେପାଳରେ କ'ଣ ହେଉଛି ତାହା ଦେଖନ୍ତୁ। ସଲିସିଟର ଜେନେରାଲ ତୁଷାର ମେହଟାଙ୍କ ଦଲିଲ ଉପରେ ବିଚାରପତି ଏହି ଟିପ୍ପଣୀ ଦେଇଥିଲେ। ଏହା ପୂର୍ବରୁ ସଲିସିଟର ଜେନେରାଲ କହିଥିଲେ ଯେ ୧୯୭୦ରୁ ଏ ପର୍ଯ୍ୟନ୍ତ କେବଳ ୨୦ଟି ବିଲ୍ ରାଷ୍ଟ୍ରପତିଙ୍କ ପାଖରେ ପଡ଼ି ରହିଛି। କିନ୍ତୁ ୯୦ ପ୍ରତିଶତ ବିଲ୍ ମାସେ ଭିତରେ ପାରିତ ହୋଇଯାଉଛି। ଏହା ଉପରେ ଆପତ୍ତି ଉଠାଇ ସିଜେଆଇ କହିଥିଲେ ଯେ କେବଳ ତଥ୍ୟରୁ ନିଷ୍କର୍ଷ ବାହାର କରିବା ଉଚିତ ନୁହେଁ।

# ଫ୍ରାନ୍ସରେ ବି ତାତିଲେ ବିରୋଧୀ, ୨୦୦ ଗିରଫ



**ବଜେଟ ହ୍ରାସ, ସରକାରୀ ନୀତିକୁ ବିରୋଧ**

**ରାସ୍ତାକୁ ଓହ୍ଲାଇଲେ ଲକ୍ଷେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ**

ପ୍ୟାରିସ, ୧୦।୯ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା, ପାକିସ୍ତାନ,ନେପାଳ ପରେ ଏବେ ଏହା ୟୁରୋପକୁ ବ୍ୟାପିଛି। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେଉ ହେଉ ଏହି ଦେଶରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନୀତି ଏବଂ ବଜେଟ ହ୍ରାସ୍‌କୁ ବିରୋଧ କରି ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀ ରାଷ୍ଟ୍ରପତି ମାକ୍ରନଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଦର୍ଶନକାରୀ ଉଗ୍ର ହୋଇ ଉଠିଛନ୍ତି। ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭ ଚାଲିଛି। ରେନ ସହରରେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ଏକ ବିଦ୍ୟୁତ ଲାଇନକୁ କାଟି ଦେଇଛନ୍ତି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏଥିରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସହରରେ ନିଆଁ ଲଗାଇ ଦେଇଛନ୍ତି। ପ୍ୟାରିସର ବେଲ୍ଟୱେକୁ ବନ୍ଦ କରିଦେଇଛନ୍ତି। ଟ୍ରାଫିକ ଅଟକାଇ ଦେଇଛନ୍ତି।

ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଦର୍ଶନକାରୀ ବିଦ୍ରୋହର ପରିବେଶ ସୃଷ୍ଟି କରୁଛନ୍ତି। ବାମ ଦଳଗୁଡିକର ଆହ୍ୱାନରେ ଲକ୍ଷାଧିକ ଛାତ୍ରଛାତ୍ରୀ, ସାଧାରଣ ନାଗରିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାସ୍ତାଘାଟ କବ୍‌ଜା କରି ନିଆଁ ଲଗାଇ ଦେଇଛନ୍ତି। ଏହି ବିକ୍ଷୋଭର ନାମ 'ବ୍ଲକ ଏଭ୍ରିଥିଙ୍ଗ' ରଖାଯାଇଛି। ଦେଶରେ ସବୁ କିଛି ବନ୍ଦ କରି ସରକାରଙ୍କୁ ନୁଆଁଇବା ପାଇଁ ବିରୋଧୀ ଉଦ୍ୟମ କରୁଛନ୍ତି। ବିକ୍ଷୋଭ ଦମନ କରିବା ପାଇଁ ୮୦ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲାଣି। ଏହି ବିକ୍ଷୋଭ ପଛରେ ପ୍ରମୁଖ ଚାରିଟୋ କାରଣ ରହିଛି। ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ବିରୋଧୀ ଏବଂ ସେ ଧନୀ ବର୍ଗଙ୍କୁ ଲାଭ ଦେଉଛନ୍ତି ବୋଲି ସିଂହଭାଗ ଲୋକ ଭାବୁଛନ୍ତି। ସେହିପରି ସରକାର ଖର୍ଚ୍ଚ କାଟ୍ କରି ଜନକଲ୍ୟାଣ ମୂଳକ ଯୋଜନାଗୁଡିକୁ ହ୍ରାସ କରୁଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

## ରୁଷ୍‌ର ୩ଟି ଡ୍ରୋନ୍ ମାରି ଖସାଇଲା ପୋଲାଣ୍ଡ

ୱାରସା, ୧୦।୯ (ଏଜେନ୍ସି): ରୁଷ ତୃତୀୟ ବିଶ୍ୱଯୁଦ୍ଧକୁ ନିମନ୍ତ୍ରଣ ଦେଉଛି। ପୋଲାଣ୍ଡ ଉପରକୁ ମାଡ଼ କରିଥିବା ୧୬ ଡ୍ରୋନ ମଧ୍ୟରୁ ଏହି ଦେଶ ବୁଧବାର ରୁଷିଆର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ବାୟୁ ସୀମା ଭିତରକୁ ଡ୍ରୋନ ସବୁ ଆସିଥିଲା ବୋଲି ପୋଲାଣ୍ଡ ପକ୍ଷରୁ କୁହାଯାଇଛି। ରୁଷ୍- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ନାଟୋର କୌଣସି ସଦସ୍ୟ ରାଷ୍ଟ୍ର ପ୍ରଥମଥର ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲାଣ୍ଡ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ପୋଲାଣ୍ଡ ରୁଷିଆର ପଡୋଶୀ ହୋଇ ନଥିଲେ ମଧ୍ୟ ରୁଷିଆର ଡ୍ରୋନ ତା'ର ବାୟୁସୀମାରେ ପ୍ରବେଶ କରିଥିଲା। ରାତିରେ ୧୯ ଥର ବାୟୁସୀମାର ଉଲ୍ଲଂଘନ ହୋଇଥିଲା ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ଏହି କ୍ରମରେ ପୋଲାଣ୍ଡ ନାଟୋ ଚୁକ୍ତିର ନିୟମ ୪କୁ ଲାଗୁ କରିଥିଲା। ଏହି ନିୟମ ଅନୁସାରେ କୌଣସି ସହଯୋଗୀ ରାଷ୍ଟ୍ରଠାରୁ ମତାମତ ନେଇ ହେବ। ତେବେ ଆମେ ସମ୍ଭାବ୍ୟ ଯୁଦ୍ଧର ନିକଟତର ନୁହଁ ବୋଲି ସେ କହିଛନ୍ତି। କିନ୍ତୁ ଏବେ ସ୍ଥିତି ପୂର୍ବଠାରୁ ଆହୁରି ବିପଜ୍ଜନକ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏଭଳି ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି।

# ପଞ୍ଜାବର ୨୦୦୦ ଗାଁ ଏବେ ବି ବନ୍ୟା ଘେରରେ

**୧୬ ଦିନ ପରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଖୋଲିଲା**

**ହରିୟାଣାରେ ଏଥର ୪୬ ପ୍ରତିଶତ ଅଧିକ ବର୍ଷା**

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ପଞ୍ଜାବରେ ଏଥର ମୌସୁମୀରେ ସବୁଠାରୁ ବଡ଼ ବନ୍ୟା ଆସିଛି। ପଞ୍ଜାବରେ ଏବେ ବି ୨୩ଟି ଜିଲ୍ଲା ବନ୍ୟା ଘେରରେ ରହିଛି। ୨୦୦୦ ଗାଁ ଏବେ ମଧ୍ୟ ଜଳମଗ୍ନ ରହିଛି। କେନ୍ଦ୍ର ସରକାର ବନ୍ୟା ପାଇଁ ପଞ୍ଜାବକୁ ୧୬୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପଞ୍ଜାବର ଲୁଧିଆନାରେ ୩୫୦ ଏକରର ଅଧିକ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଜମ୍ମୁ- କଶ୍ମୀର ଜମ୍ମୁ ଘାଟିର ଜୀବନ ରେଖା ବିବେଚିତ ହେଉଥିବା ଜମ୍ମୁ- ଶ୍ରୀନଗର ଜାତୀୟ ରାଜପଥକୁ ବୁଧବାର ଦୀର୍ଘ ୧୬ ଦିନ ପରେ ଖୋଲାଯାଇଛି। ସଡ଼କ ଉପରେ କେତୋଟି ସ୍ଥାନରେ ଭୂସ୍ଖଳନ ହେବା କାରଣରୁ ବନ୍ଦ କରାଯାଇଥିଲା। ଉଦୟପୁର ଓ ରାମବନ ଜିଲ୍ଲାରେ ସବୁଠାରୁ ଅଧିକ କ୍ଷତି ହୋଇଛି। ରାଜପଥ ଖୋଲାଯିବା ପରେ କଶ୍ମୀର ଘାଟିରେ ଫଳ ସମେତ ଅତ୍ୟାବଶ୍ୟକୀୟ ଜିନିଷପତ୍ରର ନେବା ଆଣିବା ହୋଇପାରିବ।

ହରିୟାଣାରେ ଏଥର ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ସାମାନ୍ୟଠାରୁ ଅଧିକ ୪୬ ପ୍ରତିଶତ ବର୍ଷା ହୋଇଛି। ଏହି ରାଜ୍ୟରେ ହାରାହାରି ୩୮୫.୧ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୫୬୩. ୮ମିମି ବର୍ଷା ହୋଇଛି। ଯମୁନାନଗରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୦୮୦.୮ ମିମି ବର୍ଷା ହୋଇଛି। ସେହିପରି ଗୁଜରାଟର ବନାସକାଣ୍ଠା ସମେତ ୩ଟି ଜିଲ୍ଲାରେ ଗତ ୨ ଦିନରେ ୧୬ ଇଞ୍ଚଠାରୁ ଅଧିକ ବର୍ଷା ହୋଇଛି। ଫଳରେ ଭାଭ-ଥରାଦ ଓ ସୁଇଗାମ ତାଲୁକ୍‌ସରେ ବନ୍ୟା ଆସିଛି। ପାଖାପାଖି ୧୨ଟି ଗାଁରେ ୫ ଫୁଟ ପର୍ଯ୍ୟନ୍ତ ପାଣି ପସିଯାଇଛି। ଅନ୍ୟପଟେ ରାଜସ୍ଥାନରେ ଏଥର ଗତ ୧୦୦ ଦିନ ମଧ୍ୟରେ ୭୦୦ମିମି ବର୍ଷା ହୋଇଛି। ତେବେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଉତ୍ତର ପ୍ରଦେଶର ଆଗ୍ରାରେ ହାଥି ଘାଟ ପର୍ଯ୍ୟନ୍ତ ଯମୁନା ନଦୀର ପାଣି ଅସି ପହଞ୍ଚିଛି।

# ଆଉଟ୍‌ଫିଟ୍‌ରୁ ବୃଦ୍ଧି ପାଏ ଆତ୍ମବିଶ୍ୱାସ



**ପୋଷାକ ଶରୀରକୁ ସୁନ୍ଦର ଆକାର ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଭଲ ପୋଷାକ ପିନ୍ଧିଲେ, ମନ ଭିତରୁ ଭଲ ଅନୁଭବ ହୋଇଥାଏ । ବିଶେଷ କରି ଏହା ମହିଳାଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ଏପରି କିଛି ଟିପ୍ସ ରହିଛି ଯାହାକୁ ଆପଣାଇ ସିମ୍ପଲ ଆଉଟ୍‌ଫିଟ୍‌ରେ ମଧ୍ୟ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ ।**

### ଫିଟିଂ ଡ୍ରେସ୍

ଏବର ଫେଶନ ଅନୁଯାୟୀ କିଛି ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଆବଶ୍ୟକତାଠୁ ଅଧିକ ଢିଲା ପୋଷାକ ପିନ୍ଧିଲେ ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ି ଦେଇଥାଏ । ତେଣୁ ନିଜ ଫିଟିଙ୍ଗ୍ ଅନୁସାରେ ପୋଷାକ ପିନ୍ଧିଲେ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏଥିପାଇଁ ସର୍ବଦା ନିଜ ଶରୀର ଆକାର ଅନୁସାରେ ପୋଷାକ ପିନ୍ଧିବା ଜରୁରୀ ।

### ରଙ୍ଗ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ, କେଉଁ ରଙ୍ଗର ପୋଷାକ ଭଲ ମାନିବ ସେହି ଅନୁସାରେ ପୋଷାକ କିଣିବା ଆବଶ୍ୟକ । ଗାଢ଼ ରଙ୍ଗ ବଦଳରେ ସର୍ବଦା ହାଲୁକା ରଙ୍ଗର କପଡ଼ା ପିନ୍ଧନ୍ତୁ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତ୍ୱଚାରେ ଏକ ଚମକ ଆସିଥାଏ ।

### ଆସେସରିଜ୍‌ରେ ରଖନ୍ତୁ ସନ୍ତୁଳନ

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଏକା ସହିତ ଭାରି କାନଫୁଲ ଓ ଅଳଙ୍କାର ପିନ୍ଧନ୍ତୁ ନାହିଁ । ଏହା ଆତ୍ମବିଶ୍ୱାସକୁ କମ୍ କରିଥାଏ । ଆଖିକୁ ଅସୁନ୍ଦର ଦିଶିଥାଏ । ତେଣୁ ଆସେସରିଜ୍‌ରେ ସନ୍ତୁଳନ ରଖନ୍ତୁ ।

# ଗୋବରରୁ ସ୍ୱାବଲମ୍ବୀ ସାରିକା





**ହିନ୍ଦୁଧର୍ମରେ ଗୋବର ବିଭିନ୍ନ ଦେବକାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଗାଁ, ଗହଳିରେ ମହିଳାମାନେ ମାଟିଘରକୁ ଚିକ୍କଣ କରିବା ପାଇଁ ଗୋବରରେ ବାରି, ଦୁଆର, ଘର, ଅଗଣା ଆଦି ଲିପିଥାନ୍ତି । ସେହିପରି ମାଣବସା ଗୁରୁବାରରେ ମଧ୍ୟ ଏକବର୍ଣ୍ଣ ଗାଇ ଗୋବରର ସ୍ୱତନ୍ତ୍ର ବିଶେଷତା ରହିଛି । କେବଳ ସେତିକି ନୁହେଁ, ଏଥିରୁ ଘଷି ପ୍ରସ୍ତୁତ କରି ଜାଳେଣି ଭାବେ ବ୍ୟବହାର କରାଯାଇଥାଏ । ଏହି କ୍ରମରେ ଏବେ ଗୋବରରୁ ଭଳିକି ଭଳି ମୂର୍ତ୍ତି, ଧୂପଦାନୀ, ପେନ୍‌ଷ୍ଟାଣ୍ଡ, ଫୁଲକୁଣ୍ଡ ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି, ଭୁବନେଶ୍ୱର ଲକ୍ଷ୍ମୀସାଗରର ସାରିକା ଜୈନ୍ ।**

ସାଧାରଣତଃ ଲୋକେ ଦୁଗ୍ଧ ଦେଉଥିବା ଗାଈକୁ ଘାସ, କୁଣ୍ଡା, ଭାତ ଆଦି ଖାଦ୍ୟ ଦେଇ ପାଳନ କରନ୍ତି । କିନ୍ତୁ ଦୁଗ୍ଧ ଦେଉ ନ ଥିବା ଗାଈ ତଥା ଷଣ୍ଢକୁ ବାହାରେ ଛାଡ଼ି ଦିଅନ୍ତି । ତେଣୁ ସାରିକା ଅବହେଳିତ ଗାଈଙ୍କୁ ନେଇ କିଛି ନୂଆ କରିବାକୁ ଭାବିଥିଲେ । ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ସେ ଦେଶୀ ଗାଈ ଗୋବରରୁ ଭଳିକି ଭଳି ସାଜସଜ୍ଜା ଉପକରଣ ପ୍ରସ୍ତୁତ କରିଥିଲେ । ସାରିକା ଛତିଶଗଡ଼ ରାୟପୁର ହୋଇଥିବାବେଳେ ସେ ଏବେ, ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି । ଗତ ୩ ବର୍ଷ ଧରି ସେ ଦେଶୀ ଗାଈ ଗୋବରରୁ ଏହି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି । ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଗୋବର ଏକତ୍ର କରିଥାନ୍ତି । ଏହାକୁ ପ୍ରକ୍ରିୟାକରଣ କରି ତାହାକୁ ବିଭିନ୍ନ ରୂପ ଦେଇଥାନ୍ତି । ଗାଈ ଗୋବରରୁ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକର ନାମ ସେ ଗୋ ଧାମ ରଖିଛନ୍ତି । ଏହା ପରିବେଶ ଅନୁକୂଳ ହେବା ସହ ହାଲୁକା ଓ ସୁନ୍ଦର ହୋଇଥାଏ । ଏଥିପାଇଁ ସେ ବିଭିନ୍ନ ରାଜ୍ୟର ଗୋଶାଳାରୁ ଶୁଖିଲା ଗୋବର ସଂଗ୍ରହ କରିଥାନ୍ତି । ସନାତନ ଧର୍ମରେ ଗୋବରର ବିଶେଷ ମହତ୍ତ୍ୱ ରହିଛି । ଏହାକୁ ପବିତ୍ର କୁହାଯାଏ । ସେହିପରି ପ୍ଲାଷ୍ଟିକ୍ ଜିନିଷ ବଦଳରେ ଲୋକେ ପ୍ରାକୃତିକ ଓ ପାରମ୍ପରିକ ଜିନିଷ କିଣିବାକୁ ଅଧିକ ପସନ୍ଦ କରନ୍ତି । ଏହି ଜିନିଷଗୁଡ଼ିକ ଆକାରରେ ବଡ଼ ଦେଖାଯାଉଥିଲେ ଏହାର ଓଜନ କମ୍ ଥାଏ । ସାରିକା ଛୋଟରୁ ନେଇ ବଡ଼ ବିଭିନ୍ନ ଆକୃତିର ଜିନିଷ ବିକିଥାନ୍ତି । ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ସେ ଷ୍ଟଲ୍ ପକାଇ ଏହି ବ୍ୟବସାୟ କରିଥାନ୍ତି । ଏଥିସହ ଘରେ ମଧ୍ୟ ବିକ୍ରି କରିଥାନ୍ତି । ସାରିକାଙ୍କ କହିବାନୁଯାୟୀ, ଲୋକେ ଏହାକୁ ବେଶ ଆଗ୍ରହରେ ସହ କିଣୁଛନ୍ତି । ଅନ୍‌ଲାଇନରେ ଲୋକଙ୍କ ବରାଦ ମୁତାବକ ସେମାନଙ୍କ ଠିକଣାରେ ମଧ୍ୟ ଏସବୁ ସାମଗ୍ରୀ ପାର୍ସଲ କରିଥାନ୍ତି । ସାରିକା କହନ୍ତି, ସନାତନ ଧର୍ମରେ ଗୋମାତା ପୂଜନୀୟ । ଅଧିକାଂଶ କ୍ଷେତ୍ରରେ ଲୋକମାନେ ଭାବନ୍ତି, ଗାଈ ଯେତେବେଳେ କ୍ଷୀର ଦେବା ବନ୍ଦ କରିଦିଏ ତାହା ପାଖରୁ ଆମେ ଆଉ କିଛି ଉପକାରୀ ସାମଗ୍ରୀ ପାଉନା । ହେଲେ ଗୋମାତା ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଦେଇଥାଏ ଯାହାର ଉପକାରିତା ଅତୁଳନୀୟ । ସେହିପରି ସେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସେହି ଅନୁସାରେ ମଧ୍ୟ ବିଭିନ୍ନ କଳାକୃତି କରିଥାନ୍ତି । ଯାହାକୁ ଲୋକମାନେ ଖୁବ୍ ଆଦରର ସହ କିଣିଥାନ୍ତି ।

# ମସଲାରେ ତ୍ୱଚାର ଯତ୍ନ

**ସୁନ୍ଦର, ଚିକ୍କଣ ଓ ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାଁନ୍ତି । ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରସାଧନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ଅବଶ୍ୟ ଏଥିରୁ ତ୍ୱଚାକୁ ସ୍ୱଳ୍ପ ସମୟ ପାଇଁ ଅନେକ ଫାଇଦା ମିଳିଥାଏ; କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ନଥାଏ । ତେଣୁ ଚାହିଁଲେ ରୋଷେଇ ଘରେ ଥିବା ମସଲାକୁ ଉପଯୋଗ କରି ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ ।**



### ମେଥି

ଏହା ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିବା ସହ ଚର୍ମକୁ ଟାଇଟ୍ ରଖିଥାଏ । ଏହାଦ୍ୱାରା ଦାଗ, କୁଞ୍ଚନ ସମସ୍ୟା କମ୍ ହୋଇଥାଏ । ତେଣୁ ମେଥିଦାନାକୁ ଟୋନର୍ ଭାବେ ବ୍ୟବହାର କରିବାକୁ ଚାହୁଁଥିଲେ, ଗୋଟିଏ କପ୍‌ରେ ଅଳ୍ପ ପାଣି ନେଇ ସେଥିରେ ଏକ ଚାମଚ ମେଥିଦାନା ପକାଇ ଭିଜାଇ ରଖନ୍ତୁ । ସକାଳେ ଏହି ପାଣିକୁ ଛାଣି ଏକ ସ୍ପ୍ରେ ବୋତଲରେ ରଖନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିପାରିବେ । ଚାହିଁଲେ ଏଥିରୁ ଫେସ୍‌ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ ।

### ଅଳେଇଚ

ତ୍ୱଚାକୁ ପ୍ରାକୃତିକ ଉପାୟରେ ସଫା ତଥା ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ, ଅଳେଇଚ ବ୍ୟବହାର କରିପାରିବେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସତେଜ ରଖିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚା ସଫା ଓ ଉଜ୍ଜ୍ୱଳ ଦିଶିଥାଏ । ଏଥିପାଇଁ କଞ୍ଚାକ୍ଷୀରରେ ଏକ ଚାମଚ ଗୁଜୁରାଟି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ସପ୍ତାହକୁ ଏହା ଦୁଇଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ ।

### ଜୁଆଣୀ

ଏହା ତ୍ୱଚାରେ ଥିବା ବ୍ଲାକ୍‌ହେଡ୍‌ସ ଦୂର କରି ତ୍ୱଚାକୁ ଡିଟକ୍ସ କରିଥାଏ । ଏଥିପାଇଁ ଜୁଆଣୀ ଷ୍ଟିମ୍ ନେଇପାରିବେ । ଏହାଦ୍ୱାରା ପୋର୍ସଗୁଡ଼ିକ ଖୋଲିଯାଏ, ଓ ବ୍ଲାକ୍‌ହେଡ୍‌ସ ସହଜରେ ଦୂର ହୋଇଥାଏ । ଏଥିସହ ଏହି ଷ୍ଟିମ୍ ନେବା ଦ୍ୱାରା ତ୍ୱଚା ଭିତରୁ ସଫା ହୋଇଥାଏ । ଏଥିପାଇଁ ଏକ ଚାମଚ ଜୁଆଣୀକୁ ପାଣିରେ ପକାଇ ଫୁଟାନ୍ତୁ । ଏହାକୁ ମୁହଁରେ ଷ୍ଟିମ୍ ଦେଇ ୫ ମିନିଟ୍ ରଖି ଦିଅନ୍ତୁ ।





# ମୁଗଡାଲି ଢୋକ୍‌ଲା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମୁଗ ଡାଲି - ୨୦୦ ଗ୍ରାମ୍, ସୁଜି - ଏକ କପ୍, ଦହି - ଏକ କପ୍, ଅଦା - ଏକ ଇଞ୍ଚ, କଞ୍ଚାଲଙ୍କା - ଦୁଇଟି, ହଳଦିଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲେମ୍ବୁ - ଛୋଟ ଖଣ୍ଡେ, ଇନୋ - ଏକ ପ୍ୟାକେଟ୍, ଭୃସଙ୍ଗପତ୍ର - ଅଳ୍ପ, ହେଙ୍ଗୁ - ଅଧା ଚାମଚ, ରାଶି- ଏକ ଚାମଚ, ସୋରିଶ- ଏକ ଚାମଚ, ଚିନି- ଅଧା ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ସେଥିରେ ମୁଗଡାଲି ପକାଇ ୩-୪ ଘଣ୍ଟା ବତୁରାଇ ରଖନ୍ତୁ । ଏହାପରେ ଏକ ପାତ୍ରରେ ଏକ କପ୍ ସୁଜି ଓ ଅଧା କପ୍ ଦହି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ବତୁରା ମୁଗ ଡାଲି, କଞ୍ଚାଲଙ୍କା, ଅଦା, ହଳଦୀ, ଲୁଣ, ଗୋଳେଇ ରଖିଥିବା ସୁଜି ସହ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ଇନୋ ପକାଇ ଗୋଳାନ୍ତୁ । ପରେ ଏହାକୁ ଏକ ଥାଳିରେ ଭଲ ଭାବେ ଖେଳାଇ ଦିଅନ୍ତୁ । ଏକ ହାଣ୍ଡିରେ ଅଳ୍ପ ପାଣିଦେଇ ଗୋଟିଏ ପାତ୍ରରେ ଏହି ଗୋଳାକୁ ରଖି ବାମ୍ଫ ଦିଅନ୍ତୁ । ୩୦ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ଡଙ୍କିରେ ତେଲ ନେଇ ସେଥିରେ ସୋରିଷ, ରାଶି, ହେଙ୍ଗୁ, ଭୃସଙ୍ଗପତ୍ର, ଲେମ୍ବୁ, ଚିନି ଦେଇ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ପ୍ରସ୍ତୁତ କରି ରଖିଥିବା ଢୋକ୍‌ଲା ଉପରେ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମୁଗଡାଲି ଢୋକ୍‌ଲା' ।



# ମଇଳା ପାନିଆ ବ୍ୟବହାର କରୁଥିଲେ

**ସାଧାରଣତଃ ମହିଳାମାନେ ଦୀର୍ଘ ସମୟ ଧରି ଗୋଟିଏ ପାନିଆରେ କେଶ କୁଣ୍ଡାଇଥାନ୍ତି । ହେଲେ ଏହା ସଫା ପ୍ରତି ଧ୍ୟାନ ବିଶେଷ ଧ୍ୟାନ ଦିଅନ୍ତିନି । ମଇଳା ପାନିଆ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହା ଅନେକ କେଶଜନିତ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଏହାକୁ ଦୁଇ, ତିନି ସପ୍ତାହରେ ସଫା କରିବା ଆବଶ୍ୟକ ।**



- ଅପରିଷ୍କାର ପାନିଆ ବ୍ୟବହାର କଲେ ଏହାଦ୍ୱାରା କେଶମୂଳ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ କେଶଝଡ଼ା, ଦୋମୁହାଁ ଓ ରୂପି ଭଳି ଅନେକ ସମସ୍ୟା ହୋଇଥାଏ ।
- ଏହା କେଶକୁ ଖୁବ୍ ଜଲ୍‌ଦି ଚିପ୍‌ଚିପା କରିଥାଏ । ଏଥିପାଇଁ ବାରମ୍ବାର କେଶ ସାମ୍ପୁ କରିବାକୁ ପଡ଼ିଥାଏ । କେବଳ ସେତିକି ନୁହେଁ, ଏହା କେଶର ଉଜ୍ଜ୍ୱଳତାକୁ ହ୍ରାସ କରିଥାଏ । କେଶର ପ୍ରାକୃତିକ ଚମକ ହଜିଯାଏ ।
- ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଜମି ରହିଥାନ୍ତି । ଏହାଦ୍ୱାରା କେଶ ଦୁର୍ଗନ୍ଧ ହୋଇଥାଏ । କେଶଝଡ଼ା ସମସ୍ୟା ମଧ୍ୟ ଦେଖାଯାଏ ।

# ହେୟାର୍ ଏକ୍ସଟେନ୍‌ସନ୍

**ଅଧିକାଂଶ ମହିଳା ଲମ୍ବା, ଘନ କେଶ ଚାହାଁନ୍ତି । ଏହା ଆକର୍ଷଣୀୟ ଦିଶିବା ସହ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ହେଲେ ଧୂଳି, ପ୍ରଦୂଷଣ, ବ୍ୟସ୍ତଜୀବନଶୈଳୀ ଯୋଗୁଁ ଏବେ କେଶଝଡ଼ା ମୁଖ୍ୟ ସମସ୍ୟା ପାଲଟିଛି । ଏହାଦ୍ୱାରା କେଶ ପତଳା ହୋଇଯାଏ । ଏପରି ସ୍ଥଳେ ହେୟାର୍ ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ, ଲମ୍ବା କରିପାରିବେ ।**

### ହେୟାର ଏକ୍ସଟେନସନ କ'ଣ

ଏହା ଉଭୟ ଅସଲି ଓ କୃତ୍ରିମ କେଶକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । କେଶ ପତଳା ଓ ଛୋଟ ଥିଲେ, ଏହି ହେୟାର ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ ଓ ଲମ୍ବା କରିପାରିବେ । ଏହାକୁ ମଡେଲ, ସିନେତାରକାଠୁ ନେଇ ସାଧାରଣ ଯୁବତୀ ବ୍ୟବହାର କରୁଛନ୍ତି ।

### ହେୟାର ଟୋପର୍ସ

ଏହା ହେୟାର ୱିଗ୍‌ର ଏକ ଛୋଟ ଅଂଶ ଭାବେ ଜଣାଯାଏ । କେଶର ମଝି ଅଂଶ ଝଡ଼ି ପତଳା ହୋଇଯାଇଥିଲେ, ଏହାକୁ ଲଗାଇ କେଶକୁ ଘନ ଆକାର ଦେଇପାରିବେ । ଏହା କେଶର ମଝିଅଂଶକୁ କଭର କରିଥାଏ । ଏଥିରେ କ୍ଲିପ୍ ଲାଗିଥାଏ । ଏହାକୁ କେଶରେ ଲଗାଇ ଫିକ୍ସ କରିପାରିବେ । ଏହା ଉଭୟ ସିଧା ଓ କୁଞ୍ଚ କେଶରେ ଲଗାଇପାରିବେ ।


### ହେଲୋ ହେୟାର

ଏହା ଏକ ପ୍ରକାର ହେୟାର୍ ଏକ୍ସଟେନ୍‌ସନ୍ । ଏହାକୁ ବିନା କ୍ଲିପ୍, ଅଠାରେ ସହଜରେ ଲଗାଯାଇପାରିବେ । ଏହାର ଉପରଭାଗରେ ପତଳା ରବର ଥାଏ । ଏହା ଦେଖିବାକୁ ଲମ୍ବା ରହିଥାଏ । ଏହାକୁ ଲଗାଇବାକୁ ମାତ୍ର ଏକ ମିନିଟ୍ ସମୟ ଲାଗିଥାଏ । ଏଥିରେ କ୍ଲିପ୍, ଅଠା ଆଦି ବ୍ୟବହୃତ ନ ହେବାରୁ ଏହା କେଶକୁ କୌଣସି କ୍ଷତି ପହଞ୍ଚାଏନି । କେଶର ଆବଶ୍ୟକତା ଅନୁଯାୟୀ ଏପରି ଅନେକ ଏକ୍ସଟେନ୍‌ସନ୍ ରହିଛି ।



## ମହିଳା ଦିନିକିଆ ବିଶ୍ୱକପ୍

# ଚାମାରିଙ୍କ ନେତୃତ୍ୱରେ ଖେଳିବ ଶ୍ରୀଲଙ୍କା



କଲମ୍ବୋ, ୧୦।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏଥିଲାଗି ବୁଧବାର ସହ-ଆୟୋଜକ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଭେଟେରାନ ଅଲ୍‌ରାଉଣ୍ଡର ଚାମାରି ଆଟାପାଟୁଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱରେ ଭାର ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଆୟୋଜକ ଭାରତ ସହ ଖେଳି ଶ୍ରୀଲଙ୍କା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଗୌହାଟୀରେ ଖେଳାଯିବ।

ଘୋଷିତ ଶ୍ରୀଲଙ୍କା ଦଳ: ଚାମାରି ଆଟାପାଟୁ (ଅଧିନାୟିକା), ହାସିନି ପେରେରା, ଭିସ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, କାଭିଶା ଦିଲହାରି, ନୀଳକ୍ଷୀ ଡି ସିଲ୍‌ଭା, ଅନୁଷ୍କା ସଞ୍ଜୀବନୀ, ଇମେଶା ଦୁଲାନି, ଦେୱାମି ବିହଙ୍ଗା, ପିଉମି ୱାଥସାଲ୍, ଇନୋକା ରଣୱିରା, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧିନୀ, ମାଲକି ମାଦରା ଓ ଅଚିନି କୁଲସୋରିୟା।

# ପୁଣିଥରେ ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚଳିତ ବର୍ଷ ଜାରି ରହିଛି। ପୁଣିଥରେ ସିନ୍ଧୁ ଚଳିତ ସିଜନରେ ଏକ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ହଂକଂ ଓପନ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମରେ ବିଶ୍ୱ ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ଡେନମାର୍କର ଲିନ କ୍ରିଷ୍ଟୋଫରସେନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ୧୪ତମ ମାନ୍ୟତା ସିନ୍ଧୁ ଚଳିତ ବର୍ଷ ୬ଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଲିନ୍‌ଙ୍କ ବିପକ୍ଷରେ ୬ଷ୍ଠ ମୁକାବିଲାରୁ ସିନ୍ଧୁ ପ୍ରଥମ ପରାଜୟବରଣ କରିଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ୨୨-୨୦, ୧୬-୨୧, ୨୧-୧୫ ଗେମରେ ଚାଇନିଜ ତାଇପେଇର ୱାଙ୍ଗ ଜୁ ୱି’ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଏଚଏସ୍ ପ୍ରଣୟ ଓ କିରନ ଜର୍ଜ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

## ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

# ଭାରତର ପ୍ରଥମ ପଦକ ନିଶ୍ଚିତ କଲେ ନୂପୁର



ଲଣ୍ଡନ, ୧୦।୯ (ଏଜେନ୍ସି): ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ପଦକ ନିଶ୍ଚିତ କରିଛି। ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ନୂପୁର ଶିଓରାନ ୪-୧ରେ ଉଜବେକିସ୍ତାନର ଓଲଟିନୀ ସୋତିମବୋଏଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପହଞ୍ଚି ନୂପୁର କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ନୂପୁର ବିଶ୍ୱ ବକ୍ସିଂ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବୁଧବାର ରାତିରେ ଦୁଇଥରର ବିଶ୍ୱ ଚାମ୍ପିଅନ ଭାରତର ନିଖିତ ଜରିନ ତୁର୍କିର କାକିରୋଗଲୁଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

## ଏସିଆ କପ୍

# ୟୁଏଇ ବିପକ୍ଷରେ ଭାରତର ଦମ୍‌ଦାର ବିଜୟ

ଦୁବାଇ, ୧୦।୯ (ଏଜେନ୍ସି):

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ପ୍ରଥମ ମ୍ୟାଚରେ ୯୩ ବଲ୍ ଓ ୯ ୱିକେଟ ବଳକା ଥାଇ ବଡ଼ ବ୍ୟବଧାନରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ମାତ୍ ଦେଇଛି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।


କୁଲଦୀପଙ୍କୁ ବଧାଇ ଜଣାଉଛନ୍ତି ସୂର୍ଯ୍ୟ କୁମାର

### କୁଲଦୀପଙ୍କ ସ୍ପିନ ଯାଦୁରେ ୟୁଏଇ ଧରାଶାୟୀ

ବୁଧବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ’ର ଏହି ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପାଇଁ ଦୁଇ ଓପନର୍ ଅଧିନାୟକ ମହମ୍ମଦ ୱାସିମ ଓ ଆଲିସାନ ଶରଫୁ ପ୍ରଥମ ୱିକେଟ୍‌ରେ ୨୬ ରନ ଉଠାଇଥିଲେ। ତେବେ ୪ର୍ଥ ଓଭରର ୪ର୍ଥ ବଲ୍‌ରେ ବୁମ୍‌ରାଙ୍କ ଏକ ଚମତ୍କାର ୟର୍କରକୁ ଖେଳି ନ ପାରି ଆଲିସାନ ୨୨ ରନରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୟୁଏଇର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବ୍ୟାଟର୍‌ମାନେ କୁଲଦୀପଙ୍କ ସ୍ପିନ ଯାଦୁ ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ବଲ୍‌କୁ ସାମ୍ନା କରି ନ ଥିଲେ। ଫଳରେ ଘରୋଇ ଦଳ ୧୩.୧ ଓଭରରେ ମାତ୍ର ୫୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ଅଧିନାୟକ ୱାସିମ (୧୯ ରନ) ଓ ଆଲିସାନ (୨୬ ରନ) କେବଳ ଦୁଇଅଙ୍କବିଶିଷ୍ଟ ସ୍କୋର ଛୁଇଁପାରିଥିଲେ। ଏକଦା ୟୁଏଇ ଏକ ୱିକେଟ୍‌ରେ ୨୬ ରନ କରିଥିବାବେଳେ ଆଉ ୩୧ ରନରେ ୯ଟି ଯାକ ୱିକେଟ ହରାଇଥିଲା। ଭାରତ ପକ୍ଷରୁ କୁଲଦୀପ (୨.୧-୦-୭-୪) ଓ ଶିଭମ (୨-୦-୪-୩) ମିଳିତ ଭାବେ ୨୫ ବଲ୍ ବୋଲିଂ କରି ୧୧ ରନ ବ୍ୟୟରେ ୭ଟି ୱିକେଟ୍ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ଏଥିସହ ଟି-୨୦ରେ ଭାରତ ବିପକ୍ଷରେ ସବୁଠୁ କମ୍ ରନରେ ଅଲ୍‌ଆଉଟ୍ ହେବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୩ରେ ଭାରତ ବିପକ୍ଷ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଥିଲା।

ଜବାବରେ ୫୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୪.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୧୬ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ଶୁବମନ ଗିଲ୍ ୯ ବଲରେ ୨୦ ଓ ଅଧିନାୟକ ଯାଦବ ୨ ବଲରେ ୭ ରନ କରି ଅପରାଜିତ ରହିଥିଲେ। ଶ୍ରେଷ୍ଠ ଖେଳାଳି କୁଲଦୀପଙ୍କୁ ୫ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪.୪୦ ଲକ୍ଷ) ପୁରସ୍କାର ଦିଆଯାଇଥିଲା। ସେହିଭଳି ମ୍ୟାଚର ବିଜୟୀ ଦଳକୁ ୧୫ ହଜାର ଡଲାର (୧୩ ଲକ୍ଷ ୨୦ ହଜାର ଟଙ୍କା) ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆଜିର ମ୍ୟାଚ୍**

**ବାଂଲାଦେଶ-ହଂକଂ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

**ସଂକ୍ଷିପ୍ତ ସ୍କୋର**

ୟୁଏଇ ପାଳି: ୫୭/୧୦, ୧୩.୧ ଓଭର (ଆଲିସାନ ଶରାଫୁ-୨୨, ମହମ୍ମଦ ୱାସିମ- ୧୯, କୁଲଦୀପ୍- ୪/୭, ଶିଭମ- ୩/୪)।

ଭାରତ ପାଳି: ୬୦/୧, ୪.୩ ଓଭର (ଅଭିଷେକ ଶର୍ମା- ୩୦, ଶୁବମନ ଗିଲ୍- ଅପରାଜିତ ୨୦, ସୂର୍ଯ୍ୟକୁମାର ଯାଦବ- ଅପରାଜିତ ୭, ଜୁନେଦ ସିଦ୍ଦିକ- ୧/୧୬)।

## ୟୁଏଇ ଦଳରେ ୬ ଭାରତୀୟ ବଂଶୋଦ୍ଭବ

ଚଳିତ ଏସିଆ କପ୍‌ରେ ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଖେଳିଥିବା ୟୁଏଇ ଦଳରେ ଅଧାରୁ ଅଧିକ ଖେଳାଳି ଭାରତୀୟ ବଂଶୋଦ୍ଭବ ବୋଲି ଖୁବ୍ କମ୍ ପ୍ରଶଂସକ ଜାଣିଥିବେ। ୟୁଏଇ ଦଳରେ ସାମିଲ ହୋଇଥିବା ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ହେଲେ ସିମରନଜିତ୍ ସିଂହ, ହର୍ଶିତ କୌଶିକ, ଧ୍ରୁବ ପରାସର, ଆଲିସାନ ଶରାଫୁ, ଅର୍ଯ୍ୟାଂଶ ଶର୍ମା ଓ ରାହୁଲ ଚୋପ୍ରା। ଆର୍ଯ୍ୟାଂଶ ଓ ରାହୁଲ ୱିକେଟକିପର ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ନିଜ ପରିବାର ସହ ୟୁଏଇରେ ଅବସ୍ଥାପିତ ଓ ନିଜ ପ୍ରଦର୍ଶନ ଓ ଦକ୍ଷତା ବଳରେ ସେଠାରେ ଜାତୀୟ ଦଳରେ ସ୍ଥାନ ହାସଲ କରିଛନ୍ତି।

## ସୂର୍ଯ୍ୟକୁମାରଙ୍କ ରେକର୍ଡ ଭାଙ୍ଗିଲେ ଓମାରଜାଇ



ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ୯୪ ରନର ବୃହତ୍ ବ୍ୟବଧାନରେ ହଂକଂକୁ ପରାସ୍ତ କରିଥିଲା। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ଅଲ୍‌ରାଉଣ୍ଡ ଅଜମାତୁଲ୍ଲା ଓମାରଜାଇ ୨୧ ବଲରେ ୫୩ ରନର ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ଏସିଆ କପ୍ ଇତିହାସରେ ଏହା ଦ୍ରୁତତମ ଅର୍ଦ୍ଧଶତକ ହେବାର ରେକର୍ଡ ହୋଇଛି। ପୂର୍ବରୁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ୨୦୨୨ ସଂସ୍କରଣରେ ହଂକଂ ବିପକ୍ଷରେ ୨୨ ବଲରେ ଅର୍ଦ୍ଧଶତକ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଲା ଇକ୍ୱେଡର



ତାରକ୍ୱି, ୧୦।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବୁଧବାର ସ୍ଥାନୀୟ ମୌନମେଣ୍ଟାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଇକ୍ୱେଡର ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମରେ ଘରୋଇ ଇକ୍ୱେଡରକୁ ଏକ ପେନାଲ୍ଟି ମିଳିଥିଲା। ଏହି ଫ୍ରି କିକ୍‌ର ଭରପୁର ଫାଇଦା ଉଠାଇ ଭାଲେନସିଆ ଏନ୍ନର ଘରୋଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଏହାପରେ ବଳକା ୪୫ ମିନିଟ୍‌ରେ ଆର୍ଜେଣ୍ଟିନା ଗୋଲକୁ ଶୁଝାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚରେ ଖେଳୁ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆର୍ଜେଣ୍ଟିନା ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୨ ବିଜୟ, ୪ ପରାଜୟ ଓ ୨ଟି ଡ୍ର ସହ ୩୮ ପଏଣ୍ଟ ସହ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍‌ରେ ସ୍ଥାନ ସୁରକ୍ଷିତ କରିନେଇଛି।

# ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନ; ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର, ୧୦।୯ (ସମିସ): ଲକ୍ଷ୍ନୌରେ ଶେଷ ହୋଇଥିବା ଜାତୀୟ ଯୁବ ଓ ଜୁନିଅର ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶା ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୯ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ସୌମ୍ୟରଞ୍ଜନ ମହାକୁଲ ଏବଂ ରାଣୀ ଗୌଡ଼ା ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ପାଇଛନ୍ତି। ସୌମ୍ୟରଞ୍ଜନ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ରୌପ୍ୟ ଓ ୧୯ ବର୍ଷରୁ କମ୍ ବିଭାଗରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ରାଣୀ ୧୯ ବର୍ଷରୁ କମ୍ ବାଳିକା ଓ ୟୁଥ୍ ବର୍ଗରେ ଏହି ସଫଳତା ପାଇଥିଲେ।



ଏହାବାଦ୍ ବିଭାସିନ୍ଧୁ ବାରିକ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥୀ କରି ୧୯ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ବିଭାସିନ୍ଧୁ ମଧ୍ୟ ଏହି ବୟସବର୍ଗର ବାଳକ ଫାଇନାଲରେ ହାରି ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଆକାଶ ରଞ୍ଜନ ମୁଣ୍ଡା ଓ ଅଜୟ କୁମାର ପ୍ରଧାନ ଗୋଟିଏ ଲେଖାଏ କାଂସ୍ୟ ପଦକ ଜିତିଛନ୍ତି। ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରା ଓଡ଼ିଶା ଦଳର ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଥିଲେ।

## ମହିଳା ଏସିଆ କପ୍ ହକି: ଦ.କୋରିଆ ୨-୪ ଗୋଲ୍‌ରେ ପରାସ୍ତ

# ସୁପର୍-୪ରେ ଭାରତର ବିଜୟ ଅଭିଯାନ

ହାଙ୍ଗଝୋଉ, ୧୦।୯ (ଏଜେନ୍ସି):



ଚାଇନାରେ ଚାଲିଥିବା ମହିଳା ଏସିଆ କପ୍ ହକି ୧୧ତମ ସଂସ୍କରଣର ସୁପର୍-୪ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ୪-୨ ଗୋଲ୍‌ରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ବୈଷ୍ଣବୀ ବିଥାଲ, ସଙ୍ଗୀତା କୁମାରୀ, ଲାଲରେମସିଆମି ଓ ଋତୁଜା ଦାଦାସୋ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏଥିସହ ୩ ପଏଣ୍ଟ ପାଇ ୪ ଦଳୀୟ ଟେବଲ ତାଲିକାର ଶୀର୍ଷରେ ରହିଛି। ସୁପର୍-୪ରେ ଭାରତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଗୁରୁବାର ଚୀନ ଓ ଶନିବାର ଜାପାନ ବିପକ୍ଷରେ ଖେଳିବ। ରବିବାର ସୁପର୍-୪’ର ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଖେଳାଯିବ।

ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ବୁଧବାର ଅପରାହ୍ଣରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ବୈଷ୍ଣବୀ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଏହି ଅଗ୍ରଣୀକୁ ଭାରତ ବଜାୟ ରଖିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୩୩ତମ ମିନିଟରେ ଫିଲ୍ଡ ଗୋଲ୍ ଜରିଆରେ ସଙ୍ଗୀତା କୁମାରୀ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେହି ସମାନ ମିନିଟ୍‌ରେ କିନ୍ତୁ ଦକ୍ଷିଣ କୋରିଆ କାଉଣ୍ଟର ଆଟାକ୍ କରି ଗୋଟିଏ ଗୋଲ୍ ଶୁଝିଦେଇଥିଲା। କିମ୍ ୟୁଜିନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲ୍‌ଟି ଦେଇଥିଲେ। ଏହାପରେ ୪୦ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରାଇଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ୫୩ତମ ମିନିଟ୍‌ରେ କିମ୍ କୋରିଆ ପାଇଁ ୨ୟ ଗୋଲ୍ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଶେଷ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଋତୁଜା ଏହାକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ୪-୨ ଗୋଲରେ ବିଜୟୀ କରାଇଥିଲେ।

# କେଭିଏଲ୍‌ରେ ଭାଗନେବେ ୭୬ଟି ଦଳ

କଟକ,୧୦।୯ (ସମିସ): ଖୁବଶୀଘ୍ର କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ଆରମ୍ଭ ହେବ। ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେବେ। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ମୁକାବିଲା ହେବ। ଏଥିରେ ଚାମ୍ପିଅନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଆସାମ ଯାତ୍ରା କରିବ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଗେଷ୍ଟହାଉସ୍‌ରେ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲ୍ଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ନାରଙ୍ଗବସ୍ତ ଇନଚାର୍ଜ ସୁଶାନ୍ତ ମାଝୀ ଉପସ୍ଥିତ ରହି ଲିଗ୍‌କୁ ସଫଳ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ପରେ ଯାଜପୁରରେ, ଅନୁଗୋଳରେ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ସବୁ ଖେଳାଯିବ। ଦିବ୍ୟବ୍ରତ ପଣ୍ଡା, ଆଇନଜୀବୀ ବସନ୍ତ ଦାସ ପ୍ରମୁଖ ଲିଗ୍ ପରିଚାଳନାରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜନ ବାବଦରେ ଆଲୋଚନା କରାଯାଇଥିଲା। ଜାତୀୟସ୍ତରର ପ୍ରଶିକ୍ଷକଙ୍କୁ ନେଇ ଗ୍ରାମାଞ୍ଚଳରେ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର କରାଯିବ। ବୈଠକରେ କେଭିଡିସିର କଟକ ଜିଲ୍ଲା ଇନଚାର୍ଜ ଅମର ଭଞ୍ଜ, ଢେଙ୍କାନାଳ ଇନଚାର୍ଜ ରାକେଶ ପ୍ରଧାନ, ଜାତୀୟସ୍ତରର ଖେଳାଳି ମହମ୍ମଦ ଓବେଦୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ। ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ବୈଠକ ପରିଚାଳନା କରିଥିଲେ।

# ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ, ୧୦।୯ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ୍ ଗୁରୁବାରରୁ ଆରମ୍ଭ ହେବ। ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ପୂର୍ବରୁ ସେମିଫାଇନାଲରେ ଉତ୍ତରାଞ୍ଚଳ ବିପକ୍ଷରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପାଳି ଅଗ୍ରଣୀ ରହି ଫାଇନାଲରେ ପହଞ୍ଚିଛନ୍ତି। ଭାରତର ପ୍ରମୁଖ ଖେଳାଳି ବର୍ତ୍ତମାନ ଏସିଆ କପ୍ ଏବଂ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ସିରିଜରେ ବ୍ୟସ୍ତ ରହିଥିବାରୁ ଦୁଲୀପ୍ ଟ୍ରଫି ଫାଇନାଲରେ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ଇଣ୍ଡିଆ-ଏ ଦଳରେ ସାମିଲ ହୋଇଥିବାରୁ ଏନ୍. ଜଗଦୀଶନ ଓ ଦେବଦତ୍ତ ପାଡିକଲ ଫାଇନାଲ ଲଢ଼େଇରେ ଦକ୍ଷିଣାଞ୍ଚଳ ପକ୍ଷରୁ ଖେଳିବେ ନାହିଁ। ତେଣୁ ଫାଇନାଲ ଲାଗି ଦକ୍ଷିଣାଞ୍ଚଳ ଦଳରେ କର୍ଣ୍ଣାଟକର ଆର. ସ୍ମରଣ ଓ ତାମିଲନାଡୁର ଆନ୍ଦ୍ରେ ସିଦ୍ଧାର୍ଥଙ୍କୁ ସାମିଲ କରାଯାଇଛି। ସେହିଭଳି କେନ୍ଦ୍ରାଞ୍ଚଳ ଦଳରେ ୪ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ନଚିକେତ ଭୁଟେ, କୁମାର କାର୍ତ୍ତିକେୟ, କୁଲଦୀପ ସେନ ଓ କୁକନା ଅଜୟ ସିଂ। ୟଶ ଠାକୁର ହର୍ଷ ଦୁବେ, ଖଲିଲ ଅହମ୍ମଦ ଓ ମାନବ ସୁତାରଙ୍କ ସ୍ଥାନରେ ଏମାନେ ଖେଳିବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS